

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୯ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 9 OCTOBER 2020
Vol.No. 30 ■ No. 256 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


# ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୮।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ। ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ । ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ▶▶ପୃଷ୍ଠା ୭

# ସ୍କୁଲ ଖୋଲିବାକୁ ସରକାରଙ୍କ ପ୍ରସ୍ତୁତି



ଭୁବନେଶ୍ୱର,୮।୧୦ (ନି.ପ୍ର): କରୋନା ପାଇଁ ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ବନ୍ଦ ରହିଛି। ଏତେଦିନ ଧରି ସ୍କୁଲ ଗୁଡିକ ବନ୍ଦ ଥିବାରୁ କ୍ୟାମ୍ପସ ସଫେଇ ଓ ଭିତିଭୂମି ସଜାଡ଼ିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷକମାନେ ହେଡ୍ କ୍ୱାର୍ଟର ଛାଡି ନ ଯିବାକୁ ମଧ କୁହାଯାଇଛି। ସ୍କୁଲ ଭିତିଭୂମିକୁ କୋଭିଡ ୧୯ ପୂର୍ବ ସ୍ଥିତିକୁ ଫେରାଇ ▶▶ପୃଷ୍ଠା ୭

# ରାଜଭବନ ନିକଟସ୍ଥ ପେଟ୍ରୋଲ ପମ୍ପ ଅଂଚଳ ବିପଦମୁକ୍ତ ହେଲା

ଭୁବନେଶ୍ୱର,୮।୧୦ (ନି.ପ୍ର): ରାଜଭବନ ନିକଟସ୍ଥ ପେଟ୍ରୋଲ ପମ୍ପ ଅଂଚଳ ବିପଦମୁକ୍ତ ହୋଇଥିବା ନେଇ ସୂଚନା ଦେଇଛନ୍ତି ଅଗ୍ନିଶମ ଡିଜି ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି। ସେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ଶ୍ରୀ ମହାନ୍ତି ଟ୍ୱିଟରେ କହିଛନ୍ତି ଯେ ଗତକାଲି ବିଳମ୍ବିତ ରାତିରେ ବାକିଥିବା ଗ୍ୟାସକୁ ବାହାର କରାଯାଇଛି । ଆଇଓସିଏଲ୍ ଅଧିକାରୀ ଫାଟିଥିବା ଗ୍ୟାସ ଟାଙ୍କିକୁ ଖାଲି କରିଦେଇଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି ।

# ପେଟ୍ରୋଲ ପମ୍ପ ଦୁର୍ଘଟଣା ମାମଲାରେ ଜଣେ ଗୁରୁତର ଆହତଙ୍କ ଏସସିବିରେ ମୃତ୍ୟୁ

ଭୁବନେଶ୍ୱର, ୦୮ ଅକ୍ଟୋବର - ରାଜଭବନ ନିକଟସ୍ଥ ପେଟ୍ରୋଲ ପମ୍ପରେ ବିସ୍ଫୋରଣ ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବିକୁ ସ୍ଥାନାନ୍ତର ହୋଇଥିବା ଦୁଇ ଆହତ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ଜଣା ପଡିଛି । ଏନେଇ ଏସସିବି ମେଡକାଲ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ମୃତକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ଆସିକାରେ ଥିବା ରଘୁନାଥନଗରପଲ୍ଲୀ ଅଂଚଳର ସତ୍ୟ ନାୟକ (୩୭)। ସତ୍ୟଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ି ଯାଇଥିଲା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହାଛଡ଼ା ଏହି ମାମଲାରେ ଅନ୍ୟ ଜଣେ ଆହତଙ୍କ ଅବସ୍ଥା ଗୁରୁତର ରହିଛି ।

## ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣା

# ମୃତକଙ୍କ ପରିବାର ଲାଗି ୮ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲା ଆଇଓସିଏଲ

ଭୁବନେଶ୍ୱର,୮।୧୦ (ନି.ପ୍ର): ଭୁବନେଶ୍ୱର ରାଜଭବନ ନିକଟ ପେଟ୍ରୋଲ ପମ୍ପରେ ବିସ୍ଫୋରଣ ଘଟଣାରେ ମୃତକଙ୍କ ପରିବାର ପାଇଁ ୮ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛି ଇଣ୍ଡିଆନ ଅଏଲ କର୍ପୋରେସନ୍(ଆଇଓସିଏଲ୍)। ସେହିପରି ଗୁରୁତର ଆହତଙ୍କୁ ୪ ଲକ୍ଷ ଓ ଆହତଙ୍କୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ ପରେ ଆଇଓସିଏଲ୍ ଏହି ସହାୟତା ପ୍ରଦାନ କରିଥିବା ନେଇ ଏକ ବିଜ୍ଞପ୍ତିରେ ଜଣାଇଛି। ସୂଚନା ଯୋଗ୍ୟ ଗତକାଲି ଭୁବନେଶ୍ୱର ଗଭର୍ଣ୍ଣର ହାଉସ୍ ନିକଟ ଆଇଓସିଏଲ୍ ପେଟ୍ରୋଲ ପମ୍ପରେ ଭୟଙ୍କର ବିସ୍ଫୋରଣ ଓ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ କେତେ ଲୋକଙ୍କ ମୃତ୍ୟୁ ହୋଇଛି, ତାହା ସ୍ପଷ୍ଟ ହୋଇନଥିଲେ ହେଁ ପୋଲିସ କମିଶନରଙ୍କ ସୂଚନା ଅନୁସାରେ ସେଠାରେ ୪ ଜଣ କାମ କରୁଥିବା ଥିଲେ। ୪ ଜଣଙ୍କ ମଧ୍ୟରୁ ଜଣଙ୍କର କଟକ ଏସସିବିରେ ଆଜି ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଏସସିବିରେ ଚିକିତ୍ସାଧୀନ ଅଛନ୍ତି। ତୃତୀୟ ବ୍ୟକ୍ତି ସୁରକ୍ଷିତ ଅଛନ୍ତି। ଚତୁର୍ଥ ବ୍ୟକ୍ତି ନିରୁଦ୍ଦିଷ୍ଟ ରହିଥିବା କମିଶନର କହିଛନ୍ତି।

# କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶୱାନଙ୍କ ଦେହାନ୍ତ



ନୂଆଦିଲ୍ଲୀ,୮।୧୦ (ନି.ପ୍ର): ଜାତୀୟ ରାଜନୀତିର ଜଣାଶୁଣା ବ୍ୟକ୍ତିତ୍ୱ ରାମବିଳାସ ପାଶୱାନଙ୍କ ପରଲୋକ ହୋଇଛି। ପୂର୍ଣ୍ଣଚ୍ଛେଦ ପଡ଼ିଛି ପାଂଚଦଶନ୍ଧିର ଘଟଣାବହୁଳ ରାଜନୈତିକ ଜୀବନରେ। ବିହାରରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ସମାଜବାଦୀ ନେତା ପାଶୱାନ୍ ଦିଲ୍ଲୀ ଦରବାରରେ ମଧ୍ୟ ନିଜର ସୃଷ୍ଟି କରିଥିଲେ ଏକ ଭିନ୍ନ ପରିଚୟ। ୭୦ ଦଶକରେ ରାଜନୀତିରେ ପ୍ରବେଶ କରି ଜୟପ୍ରକାଶ ନାରାୟଣଙ୍କ ଧାରାରେ ନିଜକୁ ପରିଚାଳିତ କରିଥିଲେ ଯୁବକ ରାମବିଳାସ। ୧୯୭୫ରେ ଜରୁରୀ ପରିସ୍ଥିତିକୁ ବିରୋଧ କରି ଜେଲ ବି ଯାଇଥିଲେ। ଏହାପରଠାରୁ ସଂଗ୍ରାମୀ ନେତା ଭାବେ ଆତ୍ମପ୍ରକାଶ କରିଥିଲେ ସେ। ରାଜନେତା ରାମବିଳାସ ପାଶୱାନ୍ ୧୯୪୬ ମସିହା ଜୁଲାଇ ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସଂଯୁକ୍ତ ସୋସାଲିଷ୍ଟ ପାର୍ଟିର ଜଣେ ସଦସ୍ୟ ଭାବେ ନିଜର ରାଜନୈତିକ କ୍ୟାରିଅର ଆରମ୍ଭ କରି ୧୯୬୯ମସିହାରେ ସେ ବିହାର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୪ରେ ଲୋକ ଦଳ ଗଠନ ହେଲା ଏବଂ ପାଶୱାନ ସେଥିରେ ଯୋଗ ଦେଇ ତାର ସାଧାରଣ ସମ୍ପାଦକ ହୋଇଥିଲେ। ▶▶ପୃଷ୍ଠା ୭

# ଖୋଲିଲା ରାଜଭବନ ରାସ୍ତା

ଭୁବନେଶ୍ୱର,୮।୧୦ (ନି.ପ୍ର): ରାଜଭବନ ନିକଟ ପେଟ୍ରୋଲ ପମ୍ପରେ ବିସ୍ଫୋରଣ ଘଟଣାପରେ ବନ୍ଦ ଥିବା ରାଜଭବନ ରାସ୍ତା ଗୁରୁବାର ସଂଧ୍ୟା ୭ଟାରୁ ଖୋଲିଛି। କମିଶନରେଟ୍ ପୋଲିସ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଟୁଇଟ୍ ରେ ଉଲ୍ଲେଖ ଅଛି ଯେ ଘଟଣାସ୍ଥଳରେ ଅପରେସନ ଶେଷ ହୋଇଛି। ସଂଧ୍ୟା ୭ଟାରୁ ରାସ୍ତା ଖୋଲିଛି। କିନ୍ତୁ ଦୁର୍ଘଟଣାସ୍ଥଳକୁ ଯିବାକୁ ଲୋକଙ୍କୁ ଏବେ ବି ମନା ହୋଇଛି। ଅପରେସନ ସରିବା ପରେ ଏଥିରେ ସହଯୋଗ କରିଥିଇବାରୁ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛି ପୋଲିସ। ଗତକାଲି ରାଜଭବନ ନିକଟ ପେଟ୍ରୋଲ ପମ୍ପର ଭୟଙ୍କର ବିସ୍ଫୋରଣ ଓ ଅଗ୍ନିକାଣ୍ଡ ପରେ ରାଜଭବନରୁ ଗୋପବନ୍ଧୁ ଛକ , ଗଙ୍ଗନଗରରୁ ରାଜଭବନ ଛକ ଏବଂ ସେଠାରୁ ଭୁବନେଶ୍ୱର କ୍ଲବ୍ ପର୍ଯ୍ୟନ୍ତ ରାସ୍ତାରେ ସାଧାରଣ ଯାତାୟତ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା।

# କରୋନା ମୁକାବିଲା ଜନଆନ୍ଦୋଳନରେ ସାମିଲ ହେବାକୁ ଓଡ଼ିଶାବାସୀଙ୍କୁ ନିବେଦନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର,୮।୧୦ (ନି.ପ୍ର): କରୋନା ସଂକ୍ରମଣକୁ ରୋକିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗୁରୁବାର ଶୁଭାରମ୍ଭ ହୋଇଥିବା ଏକ ଜନଆନ୍ଦୋଳନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜେ ସାମିଲ ହୋଇ ଓଡ଼ିଶାବାସୀଙ୍କୁ ଏହି ଜନଆନ୍ଦୋଳନରେ ସାମିଲ ହେବାକୁ ନିବେଦନ କରିଛନ୍ତି । ମାସ୍କକୁ ସଠିକ୍ ଭାବରେ ପିନ୍ଧିବା, ସର୍ବସାଧାରଣ ସ୍ଥାନରେ ଦୁଇ ମିଟର ସାମାଜିକ ଦୂରତା ରଖିବା ଏବଂ ହାତକୁ ସଫା ରଖିବା ପାଇଁ ସେ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଆଗାମୀ ପର୍ବ ପର୍ବାଣୀ ସମୟରେ କରୋନା ମୁକାବିଲାରେ ଜନଭାଗିଦାରୀ ବଢାଇବା ଏବଂ କରୋନା ସଂକ୍ରମଣକୁ ରୋକିବା ପାଇଁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଜନଆନ୍ଦୋଳନର ଶୁଭାରମ୍ଭ କରିଛନ୍ତି । କରୋନା ଟୀକା ନଆସିବା ପର୍ଯ୍ୟନ୍ତ ସମସ୍ତଙ୍କୁ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି, ଏହା ପ୍ରଧାନମନ୍ତ୍ରୀଙ୍କ ମୂଳ ଆହ୍ୱାନ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନରେ ସମସ୍ତେ ନିଜକୁ କରୋନାରୁ ସୁରକ୍ଷିତ ରଖିବା ପାଇଁ ସଂକଳ୍ପ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ପାଳନ କଲେ ଏହି କରୋନା ଯୁଦ୍ଧରେ ସମସ୍ତେ ବିଜୟୀ ହୋଇପାରିବା ବୋଲି ସେ କହିଛନ୍ତି ।

# ରାଜ୍ୟରେ ମନ୍ଦିର ଖୋଲିବା ସମ୍ଭାବନା ବଢିଲା

## ■ ମନ୍ଦିର ପ୍ରଶାସନକୁ ଚିଠି ଜାରି କଲେ ସରକାର ■



ଭୁବନେଶ୍ୱର,୮।୧୦ (ନି.ପ୍ର): କରୋନା କାରଣରୁ ଦୀର୍ଘ ଦିନ ଧରି ଧରି ରାଜ୍ୟର ମନ୍ଦିରଗୁଡ଼ିକ ବନ୍ଦ ରହିଥିବା ବେଳେ ମନ୍ଦିର ଖୋଲିବାର ସମ୍ଭାବନା ବଢିଛି । ଗୁରୁବାର ଦିନ ଏ ନେଇ ରାଜ୍ୟ ସରକାର ସଂକେତ ଦେଇଛନ୍ତୀ । ରାଜ୍ୟ ସରକାରଙ୍କ ପକ୍ଷରୁ କିପରି କୋଭିଡ ନିୟମ ମାନି ମନ୍ଦିର ଖୋଲା ଯାଇପାରିବ ସେ ନେଇ ପୁରୀ ଶ୍ରୀମନ୍ଦିର ▶▶ପୃଷ୍ଠା ୭

# ବିସ୍ଫୋରଣ ସ୍ଥଳରୁ ମିଳିଥିବା ମାଂସ ଖଣ୍ଡର ହେବ ଡିଏନଏ ଟେଷ୍ଟ : ପୋଲିସ୍ କମିଶନର୍





ଭୁବନେଶ୍ୱର,୮।୧୦ (ନି.ପ୍ର): ଭୁବନେଶ୍ୱର ପେଟ୍ରୋଲ୍ ଟାଙ୍କି ବିସ୍ଫୋରଣ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ନିରୁଦ୍ଦିଷ୍ଟ ଥିବା ପୋଲିସ୍ କମିଶନର ଡ.ସୁଧାଂଶୁ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଘଟଣାସ୍ଥଳରୁ ମିଳିଥିବା ମାଂସ ଖଣ୍ଡର ଡିଏନଏ ଟେଷ୍ଟ କରାଯିବ ବୋଲି ସେ ଗଣମାଧ୍ୟମକୁ ଜଣାଇଛନ୍ତି। ସେ କହିଛନ୍ତି ଯେ ଦୁର୍ଘଟଣା ସମୟରେ ପେଟ୍ରୋଲ ଟାଙ୍କିରେ ୪ ଜଣ କାମ କରୁଥିଲେ। ଏହି କର୍ମଚାରୀମାନଙ୍କୁ ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ନିୟୋଜିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଆଜି କଟକ ଏସ୍‌ସିବିରେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଚିକିସ୍ତତ ହେଉଛନ୍ତି। ସେହିଭଳି ଆଉ ଜଣେ ସୁରକ୍ଷିତ ଥିବା ବେଳେ ପୋଲିସ ତାଙ୍କ ସହ ଯୋଗାଯୋଗରେ ରହିଛି। ▶▶ପୃଷ୍ଠା ୭

# ଆଜି ଲଘୁଚାପ : ୭ ଦିନ ପ୍ରବଳ ବର୍ଷିବ



ଭୁବନେଶ୍ୱର,୮।୧୦ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର)ଉତର ଆଣ୍ଡାମାନ ସାଗର ଓ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ୨୪ ଘଂଟା ମଧ୍ୟରେ ଏହା ବଙ୍ଗୋପସାଗରରେ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ଅଧିକ ରହିଛି। ଏହା ୧୧ ଅକ୍ଟୋବର ସନ୍ଧ୍ୟାରେ ଏହା ଅଧିକ ଘନୀଭୂତ ହୋଇ ପଶ୍ଚିମ- ଉତର-ପଶ୍ଚିମ ଦିଗକୁ ଗତି କରି ଉତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୧ରୁ ୧୩ ତାରଖ ପର୍ଯ୍ୟନ୍ତ ରାଜ୍ୟର ବହୁ ଅଂଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର ଦିନ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ ୧୧ ତାରିଖ ଠାରୁ ୧୨ ତାରିଖ ମଧ୍ୟରେ ଦକ୍ଷିଣ ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷା ସହ ବଜ୍ରପାତ ସମ୍ଭାବନା ରହିଛି। ବିଶେଷ କରି ଗଜପତି , ଗଂଜାମ, ରାୟଗଡା ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହିପରି ମାଲକାନଗିରି , କନ୍ଧମାଳ , ପୁରୀ, ଜଗତସିଂହପୁର, ଖୋର୍ଦ୍ଧା ଓ ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୨ ରୁ ୧୩ ତାରିଖ ମଧ୍ୟରେ ମାଲକାନଗିରି ,କୋରାପୁଟ, ରାୟଗଡା ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଗଂଜାମ , ପୁରୀ , ନବରଙ୍ଗପୁର, କଳାହାଣ୍ଡି, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲା ରେ ମଧ୍ୟ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣି ଜାରି କରିଛି ପାଣିପାଗ ବିଭାଗ । ଏହି ସମୟ ମଧ୍ୟ ଦକ୍ଷିଣ ଉପକୂଳ ଓଡିଶାରେ ଘଂଟାକୁ ୪୫ ରୁ ୫୫ କିମିବେଗରେ ପବନ ବୋହିବ। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ର ମଧ୍ୟକୁ ଯାଇଛନ୍ତି ଫେରିଆସିବାକୁପରାମର୍ଶଦିଆଯାଇଛି।

# ଉପନିର୍ବାଚନ : ଷ୍ଟାର କ୍ୟାମ୍ପେନର ସଂଖ୍ୟା କମାଇଲେ ନିର୍ବାଚନ କମିଶନ

ଭୁବନେଶ୍ୱର,୮।୧୦ (ନି.ପ୍ର): କରୋନା କଟକଣା ମଧ୍ୟରେ ଆସନ୍ତା ନଭେମ୍ବର ୩ତାରିଖରେ ହେବାକୁ ଥିବା ରାଜ୍ୟର ୨ଟି ବିଧାନସଭା ଆସନରେ ଉପନିର୍ବାଚନ ନିମନ୍ତେ ସର୍ବାଧିକ ୩୦ଜଣ ଷ୍ଟାର କ୍ୟାମ୍ପେନର ପ୍ରଚାର କରିପାରିବେ। ଏନେଇ ଜାତୀୟ ନିର୍ବାଚନ କମିଶନ ଓଡ଼ିଶା ସମେତ ସମସ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠି ଲେଖି ସଂଶୋଧିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। କମିଶନଙ୍କ ପକ୍ଷରୁ ଜାରି ସଂଶୋଧିତ ଗାଇଡଲାଇନ୍ ଅନୁସାରେ ସମସ୍ତ ପଞ୍ଜୀକୃତ ଜାତୀୟ ଓ ଆଂଚଳିକ ରାଜନୀତିକ ଦଳ ସର୍ବାଧିକ ୩୦ଜଣ ଷ୍ଟାର କ୍ୟାମ୍ପେନରଙ୍କୁ ମଇଦାନକୁ ଓହ୍ଲାଇ ପାରିବେ। ପୂର୍ବରୁ ଷ୍ଟାର କ୍ୟାମ୍ପେନରଙ୍କ ସଂଖ୍ୟା ୪୦ ରହୁଥିଲା।ସେହିପରି ଅଣପଞ୍ଜିକୃତ ଦଳ ୨୦ ଜଣଙ୍କ ସ୍ଥାନରେ ସର୍ବାଧିକ ୧୫ଜଣଙ୍କୁ ଷ୍ଟାର କ୍ୟାମ୍ପେନର ଭାବେ ପ୍ରଚାର କାର୍ଯ୍ୟରେ ନିୟୋଜିତ କରିପାରିବ। ଏହା ବ୍ୟତୀତ ଷ୍ଟାର କ୍ୟାମ୍ପେନରଙ୍କ ତାଲିକା ଦାଖଲ କରିବା ଅବଧି ୭ରୁ ୧୦ ଦିନକୁ ବୃଦ୍ଧି କରାଯାଇଛି। ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବାର ▶▶ପୃଷ୍ଠା ୭

# ୬୬ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ : ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସେଭ୍ ଏଲିଫ୍ୟାଂଟ୍ ଫାଉଣ୍ଡେସନ୍ ଟ୍ରଷ୍ଟ ପାଇଲା ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ପୁରସ୍କାର

ଭୁବନେଶ୍ୱର,୦୮।୧୦ (ନି.ପ୍ର): ଗୃହପାଳିତ ପଶୁମାନଙ୍କୁ ଆମେ ଯେଉଁଭଳି ଭାବରେ ସ୍ନେହ ଓ ଆଦର ପ୍ରଦର୍ଶନ କରିଥାଉ, ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀଙ୍କ ପ୍ରତି ସେହିଭଳି ଆଦର, ଦୟା, କରୁଣା ଭାବ ଆମ ଭିତରେ ରହିବା ଉଚିତ୍। ବହୁମୂଲ୍ୟ ବନ୍ୟପ୍ରାଣୀ ଥରେ ଲୋପ ପାଇଗଲେ ଆମର ଉତରପୁରୁଷମାନେ ସେମାନଙ୍କୁ ଦେଖିପାରିବେ ନାହିଁ ଓ ଆମକୁ ଏଥିପାଇଁ କ୍ଷମା ଦେବେ ନାହିଁ । ତେଣୁ ବନ୍ୟପ୍ରାଣୀ ସୁରକ୍ଷା ଏବଂ ସଂରକ୍ଷଣ ସମସ୍ତଙ୍କ ଧ୍ୟେୟ ହେଉ ଓ ଆମର ମହାନ୍ ଜୈବବିବିଧତା ସୁରକ୍ଷିତ ରହୁ, ଏଥିପାଇଁ ଜନସାଧାରଣ ଆନ୍ତରିକ ଉଦ୍ୟମ ଓ ସହଯୋଗ କରିବାକୁ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ଆଜି ୬୬ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ପ୍ରକୃତି ଭବନ ଠାରେ ଆୟୋଜିତ ୬୬ତମ ବନ୍ୟପ୍ରାଣୀ ସପ୍ତାହ, ୨୦୨୦ରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ଯେ ୩ ହଜାରରୁ ଅଧିକ ପ୍ରଜାତିର ଉଦ୍ଭିଦ ସହ ୧୧୪ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୫୩୭ ପ୍ରଜାତିର ପକ୍ଷୀ, ୨୯ ପ୍ରଜାତିର ଉଭୟଚର ପ୍ରାଣୀ ଏବଂ ୧୨୯ ପ୍ରକାରର ସରୀସୃପ ଆମ ରାଜ୍ୟରେ ଦେଖାଯାଇଥାନ୍ତି । ବିଭିନ୍ନ ବନ୍ୟପ୍ରାଣୀ ଏବଂ ଲୁପ୍ତପ୍ରାୟ ପ୍ରଜାତିମାନଙ୍କୁ ସେମାନଙ୍କ ଆବାସସ୍ଥଳୀ ବାହାରେ ସଂରକ୍ଷଣ ନିମନ୍ତେ ୧୯ଟି ଅଭୟାରଣ୍ୟ, ୩ଟି ହସ୍ତୀ ପ୍ରକଳ୍ପ, ୨ଟି ବ୍ୟାଘ୍ର ପ୍ରକଳ୍ପ, ଗୋଟିଏ ସଂରକ୍ଷିତ ଜୈବମଣ୍ଡଳ ଏବଂ ଗୋଟିଏ ଜାତୀୟ ଉଦ୍ୟାନ ସ୍ଥାପନ କରାଯାଇଛି । ଅଧିକ ୩ଟି ଅଭୟାରଣ୍ୟ ସ୍ଥାପନ, ସୁନାବେଡା ଅଭୟାରଣ୍ୟର ପରିସୀମା ୧୧୧ ବର୍ଗ କିଲୋମିଟର ବୃଦ୍ଧି ପ୍ରସ୍ତାବ ବିଚାରାଧୀନ ରହିଛି । ଏସବୁ ବନ୍ୟପ୍ରାଣୀଙ୍କ ପାଇଁ ସଂପୂର୍ଣ୍ଣ ସୁରକ୍ଷିତ ଅଂଚଳ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ ହୋଇଥିବାରୁ ଏସବୁର ରକ୍ଷଣାବେକ୍ଷଣ ଓ ଯତ୍ନ ନେବା ଆମର ମହାନ୍ କର୍ତବ୍ୟ । ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଓ ଅଦ୍ୱିତୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷ ଓ ଗୋଷ୍ଠୀଙ୍କୁ ଦିଆଯାଉଥିବା ବିଜୁ ପଟ୍ଟନାୟକ ପୁରସ୍କାର ଏ ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡିକୁ ଅଧିକ ପ୍ରୋତ୍ସାହିତ କରିଛି । ଚଳିତ ବର୍ଷର ବିଜୁ ପଟ୍ଟନାୟକ ପୁରସ୍କାର ସେଭ୍ ଏଲିଫ୍ୟାଂଟ୍ ଫାଉଣ୍ଡେସନ୍ ଟ୍ରଷ୍ଟକୁ ପ୍ରଦାନ କରି ଅନୁଷ୍ଠାନର ନିଷ୍ଠାପର ଉଦ୍ୟମକୁ ମନ୍ତ୍ରୀ ପ୍ରଶଂସା କରିଥିଲେ । ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ କୁମାରଖୁଂଟିଠାରେ ସାଢ଼େ ଦଶ ହେକଟର ପରିମିତ ସ୍ଥାନରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ହସ୍ତୀ ଥଇଥାନ କେନ୍ଦ୍ର ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଅନୁଗୋଳ, ଢେଙ୍କାନାଳ, ଆଠଗଡ଼, ବାରିପଦା ଓ ଖୋର୍ଦ୍ଧା ବନାଂଚଳ ଡିଭିଜନ୍ ରେ ହସ୍ତୀ-ମାନବ ସଂଘର୍ଷକୁ ଯଥାସମ୍ଭବ କମାଇବା ପାଇଁ ଗଜବନ୍ଧୁ ଯୋଜନା ଆରମ୍ଭ ହୋଇଛି । ବନ ସୁରକ୍ଷା ସମିତି ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ଗଜବନ୍ଧୁ ରୂପେ ମାନ୍ୟତା ଦିଆଯିବ ଓ ସେ ଏ ବାବଦରେ ୬ ମାସିଆ ଶସ୍ୟ ଋତୁରେ ପାରିଶ୍ରମିକ ପାଇବେ । ମନ୍ତ୍ରୀ ଶ୍ରୀ ଆରୁଖପ୍ରସ୍ତୁତ କରାଯାଇଥିବା 'ଅନୁକମ୍ପା' ପୋର୍ଟାଲ୍‌କୁ ଉନ୍ମୋଚନ କରିଥିଲେ । ଏହି ପୋର୍ଟାଲ୍ ଜରିଆରେ ଅନୁକମ୍ପାମୂଳକ କ୍ଷତିପୂରଣ ପାଇଁ ପଞ୍ଜୀକରଣ କରାଯିବ । ୱାଇଲଡ୍ ଲାଇଫ୍ ଓଡ଼ିଶା ୨୦୨୦, ଆନୁଆଲ୍ ରିପୋର୍ଟ, କଫି ଟେବୁଲ୍ ବୁକ୍ ଅନ୍ ଇକୋଟୁରିଜିମ୍, ଏନ୍‌ଡବ୍ଲ୍ୟୁସିଏସ୍‌ଓ ନ୍ୟୁଜ୍ ଲେଟର ମନ୍ତ୍ରୀ ଶ୍ରୀ ଆରୁଖଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କୁଇଜ୍ ଓ ଫଟୋଗ୍ରାଫି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କ ନାମ ଘୋଷିତ ହୋଇଥିଲା । ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ଡ. ମୋନା ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଡ. ହରିଶଙ୍କର ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ସଂଦୀପ ତ୍ରିପାଠୀ ଓ ଅନ୍ୟ ବିଭାଗୀୟ ଉଚ୍ଚାଧିକାରୀମାନେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ । ଅତିରିକ୍ତ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶ୍ରୀ ଶଶୀ ପଲ ଧନ୍ୟବାଦ ଦେଇଥିଲେ ।

# ଧର୍ମଶାଳା ବିଜେପି ପକ୍ଷରୁ ୪ ଦଫା ଦାବି ନେଇ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାର ୨ୟ ଦିନ

ଧର୍ମଶାଳା,୦୮।୧୦ (ନି.ପ୍ର): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଆଗରେ ଗତ କାଲିଠାରୁ ଧର୍ମଶାଳା ବିଜେପି ଶାଖା ପକ୍ଷରୁ ଗଣଧାରଣା ଦିଆଯାଇଛି । ଏହା ଆଜି ୨ୟ ଦିବସରେ ପଂହଚିଛି । ଆଜି ୨ୟ ଦିନରେ । ବିଜେପି ନେତା ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ ଅନେକ ଲୋକ ଧାରଣା ବସିଥିଲେ । ଏହି ତହସିଲରେ ହୋଇଥିବା ବ୍ୟାପକ ଅରାଜକତା,ଅସହାୟ,ବନ୍ୟା ବିପୃତି ପୀଡିତାଙ୍କୁ ଅଣଦେଖା ଆଦି ନାରାବାଜି ଦେଇଥିଲେ । ସେମାନଙ୍କ ୪ ଦଫା ଦାବି ମୁତାବକ ହେଲା ଅଗଷ୍ଟ ମାସ ୨୮ ତାରିଖରେ ବ୍ରାହ୍ମଣୀର ଶାଖା ନଦୀ କେଲୁଅ ନଦୀରେ ବନ୍ୟା ଆସିବା ଫଳରେ ଘାଇ ସୃଷ୍ଟି ହୋଇଥିଲା । ଫଳରେ ସ୍ଥାନୀୟ ଅଂଚଳର୨୫ ଗୋଟି ପଂଚାୟତର ଜନସାଧାରଣ ପ୍ରଭାବିତ ହୋଇଥିଲେ । ସରକାରଙ୍କ ପକ୍ଷରୁ ସେପରି କିଛି ବନ୍ୟା ପ୍ରଭାବିତଙ୍କୁ ସହଯୋଗ ନ ମିଳିବା ସହ ଦଳୀୟ ଭିତିରେ ରିଲିଫ ପ୍ରଦାନ,ମନୁଷ୍ୟକୃତ ଘାଇରେ ବିଭାଗୀୟ କତୃପକ୍ଷ ତରଫରୁ ଥାନାରେ ଏତଲା ଦିଆଯାଇଥିଲା । ଏବଂ ଏହି ଘଟଣାର ତଦନ୍ତ ସିଥିଳତା ପଡିଯାଇଥିବା ବେଳେ ଆରୁହା ସମେତ ସ୍ଥାନୀୟ ପଥର ଖାଦାନରୁ ଦୈନିକ ମାଫିଆମାନଙ୍କ ଦ୍ୱାରା ଶହଶହ ଏକର ସ୍ଥାନରୁ ରାଜସ୍ୱ ଲୁଟ, ପଥର ଖାଦାନରେ ମୃତ୍ୟୁ ବରଣ କରିଥିବା ଶ୍ରମିକମାନଙ୍କ ଅବସ୍ଥା ଶୋଚନୀୟ ହେବା ଏବଂ ହରିଦାସପୁରସ୍ଥ ରାମକୋ ସିମେଂଟ କାରଖାନରେ ସ୍ଥାନୀୟ ଅଂଚଳର ଲୋକଙ୍କୁ ନିଯୁକ୍ତି ଓ ପରିବହନ କ୍ଷେତ୍ରରେ ଶାସକ ଦଳର ସମ୍ପୃକ୍ତି ଥିବା ଆଦି ଦାବି ନେଇ ଦଳୀୟ କର୍ମୀମାନେ ପ୍ଲାକାର୍ଡ ଧରି ଗଣଧାରଣା ସେମାନଙ୍କ ଦାବି ଜଣାଇଛନ୍ତି । ଖବର ପାଇ ଭାରପ୍ରାପ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି ଘଟଣାସ୍ଥଳରେ ପଂହଚି ଧାରଣାକାରୀଙ୍କ ସହ ଆଲୋଚନା କରି ମଧ୍ୟ ବିଫଳ ହୋଇଥିଲେ । ବନ୍ୟା ବିପନ୍ନ ଗରୀବ ଲୋକମାନଙ୍କୁ ତୁରନ୍ତ ପାଲ ଯୋଗାଇ ଦେବା ସହ ଆରୁହା ପାହାଡରେ ଜିଲା ପ୍ରଶାସନର ପାଦ ପଡୁ ବୋଲି ଭାରପ୍ରାପ୍ତ ତହସିଦାରଙ୍କ ନିକଟରେ ଦାବି କରିଥିଲେ । ଏବଂ ଏହି ଗଣଧାରଣା ନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ବିଜେପି ପକ୍ଷରୁ କୁହାଯାଇଛି । ଆଜିର ଗଣଧାରଣାରେ ଆରୁହାର ବରିଷ୍ଠ ଭାଜାପା ନେତ୍ରୀ ସାବିତ୍ରୀ ସାହୁ,ବିଜେପି ନେତା ରଘୁନାଥ ବେହେରା,ନୃସିଂହ ଚରଣ ମିଶ୍ର,ସୁଶାନ୍ତ ବେହେରା,ସୁବାସ ସେଠୀ,ବଳରାମ ଦାସ,ସଂଜୟ ଲେଙ୍କା,ସୌଭାଗ୍ୟ ନନ୍ଦ,କଳ୍ପତରୁ ମଲିକ,ଆର୍ତତ୍ରାଣ ସ୍ୱାଇଁ ପ୍ରମୁଖ ଗଣଧାରଣାରେ ଯୋଗ ଦେଇଥିଲେ ।

# ଦିବଂଗତ ପରଂଜ୍ୟୋତି ଯୋଗାଚାର୍ଯ୍ୟ ସତ୍ୟବାନ ମୁନିଙ୍କ ସ୍ମୃତିଚାରଣ



ରୂଷ୍ଣା,୮/୧୦ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ସାପ୍ତାହିକ ସତ୍‌ସଙ୍ଗରେ ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରୀ ଚରଣ ମହନ୍ତିଙ୍କ ସଭାପତିତ୍ୱରେ ମୁନି ସମାଜର ସାଧନା-ସିଦ୍ଧ-ସାଧକ ପରଂଜ୍ୟୋତି ଯୋଗାଚାର୍ଯ୍ୟ ସତ୍ୟବାନ ମୁନିଙ୍କ ଆତ୍ମଲୋକ ଗମନ ନିମନ୍ତେ ସ୍ମୃତିଚାରଣ କରାଯାଇଥିଲା । ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ବାରିକ, ମୁନି ସମାଜର ଏକଜ୍ୟୋତିଷ୍କାଙ୍କର ଅବସାନ ଘଟିଲା- ଏହା ମୁନି ସମାଜର ଅପୁରଣୀୟ କ୍ଷତି ବୋଲି ପ୍ରକାଶ କରୁଥିଲେ । ସେ ମୁନି ସମାଜ ନିମନ୍ତେ ୪ ଖଣ୍ଡ ପୁସ୍ତକ ରଚନା କରିଯାଇଛନ୍ତି ବୋଲି ମଧପ୍ରକାଶ କରିଥିଲେ । ଯୋଗଶିକ୍ଷୟତ୍ରି କଳ୍ପନା ମିଶ୍ରି ମହୋଦୟାଙ୍କ ସହିତ, ମୁନିମତୀ ମିନତୀ, ପ୍ରମିଳା, ଅପୂର୍ବ, ଫୁଲ, ସୀତା, ଗୀତା, ଗୌତମୀ, ବାସନ୍ତୀ, ଅଞ୍ଜଳୀ, କାଞ୍ଚନ ଏବଂ ମୁନି ଶ୍ରିନାଥ, ଉଦୟ, ହରି, ଧର୍ମପଦ, ଶିବ, କାଳିଚରଣ, ବାପି, କାହ୍ନୁଚରଣ, ଭବେଶ ମାଝି ଇତ୍ୟାଦି ଗଭୀର ଶୋକ ପ୍ରକାଶ କରିଥିଲେ । ଶେଷରେ ମୁନି କୁମାର ତାପସ୍ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବାରିପଦା ଫ୍ରେସ୍ ବାସି ହୋଇ ଦୁର୍ନୀତିର ଗନ୍ଧ ବାହାରୁଛି

ବାରିପଦା,୦୮।୧୦ (ନି.ପ୍ର): ବାରିପଦା ସହରରେ ଅତ୍ୟାଧୁନିକ ହାଇଜେନିକ ମାଛ(ଫିସ୍ ସେଲିଂ) ବିକ୍ରି କିଓସ୍କର ସ୍ୱପ୍ନ ଦେଖିଥିଲେ ପୂର୍ବତନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ । ଏଥିରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବିଭିନ୍ନ ପ୍ରକାରର ତଟକା ମାଛ ସହ ବିଶେଷ କରି ଚିଲିକା କଙ୍କଡ଼ା, ଚିଙ୍ଗୁଡ଼ି, ଇଲିଶ ଆଦି ମାଛ ଉପଲବ୍ଧ ହେବାର ବ୍ୟବସ୍ଥା କରାଯାଇଥିଲା । ଏହା ଚିଲିକା ଫ୍ରେସ ନାମକରଣର ପ୍ରସ୍ତାବ ରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା(ଏସ୍‌ସିଏ ଟିଏସପି)ରୁ ଟ୍ରାଇବାଲ ସବ୍‌ପ୍ଲାନ ମାଧ୍ୟମରେ ବାରିପଦା ପୌରପରିଷଦସ୍ଥିତ ଶ୍ରୀମାଆ ମହିଳା ମହାବିଦ୍ୟାଳୟ ପାର୍ଶ୍ୱରେ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବାରିପଦା ପିଏ ଆଇଟିଡ଼ିଏ ପକ୍ଷରୁ ଏହି ଅତ୍ୟାଧୁନିକ ମାଛ ବିକ୍ରି କିଓସ୍କ ନିର୍ମାଣ କରିବାର ପ୍ଲାନ ଓ ଏଷ୍ଟିମେଂଟ ପ୍ରସ୍ତୁତ କରାଯିବା ପରେ ଗତ ୨୦୧୬ ନଭେମ୍ବର ୧୯ରେ ଜିଲ୍ଲାପ୍ରଶାସନ ପକ୍ଷରୁ ଅନୁମୋଦନ କରାଯାଇଥିଲା । ନିର୍ମାଣ କାର୍ଯ୍ୟରେ ଭିତ୍ତିଭୂମିର ବିକାଶ ନିମନ୍ତେ ତୁରନ୍ତ ୧୩.୯୯ଲକ୍ଷ ଦିଆଯିବାର ନିଷ୍ପତି ନିଆଯାଇଥିଲା । ତଦ୍‌ନୁସାରେ ୨୦୧୬ରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୧୭ ଏପ୍ରିଲ ୨୩ରେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀପାଟିଲଙ୍କ ବଦଳି ହେବା ପରେ ଏହି ଫିସ୍ ସେଲିଂ କିଓସ୍କ ଏକ ପ୍ରକାରର ବାସି ହୋଇ ସେଥିରୁ ଦୁର୍ନୀତିର ଗନ୍ଧ ବାହାରକୁ ଆସୁଥିବା ବିଷୟ ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ଏଥି ସହିତ କେଉଁ ଦିନ ଏହି ଫିସ୍ ସେଲିଂ କିଓସ୍କ କାର୍ଯ୍ୟ ଆରମ୍ଭ କରିବା ସହ ଆଦିବାସୀମାନେ ଏଠାରେ ମାଛ ବିକ୍ରି କରିବେ ତାହା ଏକ ଅନିଶ୍ଚିତା ମଧ୍ୟକୁ ଠେଲି ହୋଇ ଯାଇଥିବା ବେଳେ ନିର୍ମାଣକୁ ନେଇ ବ୍ୟୟ ଅଟକଳର ପରିମାଣ କେବଳ ପେଟ ଫୁଲାଇବା ଆରମ୍ଭ କରିଦେଇଛି । ଏହା ମଧ୍ୟରେ ବିଭିନ୍ନ କାର୍ଯ୍ୟ ନାମରେ ୨୫ ଲକ୍ଷରୁ ଅଧିକ ଟଙ୍କା ନିର୍ମାଣର ଆଁ ଭିତରେ ପ୍ରବେଶ କରିସାରିଥିବା ବେଳେ ଏହାର ବ୍ୟୟ ଅଟକଳ ୪୦.୭୭ ଲକ୍ଷକୁ ବୃଦ୍ଧି ପାଇସାରିଛି । ତେବେ ବାରିପଦା ପିଏ ଆଇଟିଡ଼ିଏ କାର୍ଯ୍ୟାଳୟ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୫ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ଅତ୍ୟାଧୁନିକ ହାଇଜେନିକ ମାଛ(ଫିସ ସେଲିଂ) ବିକ୍ରି କିଓସ୍କ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି । ପରିତ୍ୟକ୍ତ ଅବସ୍ଥାରେ ଲଟା, ଘାସ ବୁଦା ଦ୍ୱାରା ଘୋଡ଼େଇ ହୋଇଥିବା ଏହି ଫିସ ସେଲିଂ କିଓସ୍କ ପିଏ ଆଇଟିଡ଼ିଏ କାର୍ଯ୍ୟାଳୟ ସହ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାରଙ୍କ ନିମନ୍ତେ ସୁନା ଅଣ୍ଡାଦିଆ କୁକୁଡ଼ା ବୋଲି ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ସମ୍ମୁଖରେ ଟାଇଲ ବିଛା ଯାଇଥିବା ପାର୍କିଂ ସ୍ଥାନ ଦବି ଯିବା ସାଙ୍ଗକୁ କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି । ଆଦିବାସୀମାନଙ୍କର ବିକାଶକୁ ଢ଼ାଲ କରି ଅର୍ଥର ଏହି ପ୍ରକାରର ଅପଚୟକୁ ନେଇ ମୟୂରଭଞ୍ଜ ଜିଲ୍ଲାପରିଷଦ ସଭାପତି ସୁଜାତା ମୁର୍ମୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ପତ୍ର ଲେଖି ନିଜର ଅସନ୍ତୋଷ ଭାବକୁ ପରିପ୍ରକାଶ କରାଇଛନ୍ତି । ଅସମ୍ପୂର୍ଣ୍ଣ ଅବସ୍ଥାରେ ବାରିପଦା ପୌରପରିଷଦର ଏକ ପ୍ରମୁଖ ସ୍ଥାନରେ ତିନୋଟି ସଟର ବିଶିଷ୍ଟ ପ୍ଲାଷ୍ଟିକ କାନ୍ଥ ସହ ଟିଣ ଛପର ଘରର ନିର୍ମାଣରେ ବ୍ୟୟ ହୋଇଥିବା ଅର୍ଥରେ ସ୍ୱଚ୍ଛତା ଉପରକୁ ମଧ ଅଙ୍ଗୁଳି ଉଠାଇଛନ୍ତି ଜିଲ୍ଲାପରିଷଦ ସଭାପତି ଶ୍ରୀମତୀ ମୁର୍ମୁ । ଏଥି ସହିତ ଖର୍ଚ୍ଚ ହୋଇଥିବା ଟଙ୍କାରେ ଗ୍ରାମାଞ୍ଚଳର ହାଟ ବଜାର ଆଦିରେ ୪୦ରୁ ଅଧିକ ମାଛ ବିକ୍ରି ସ୍ଥାନ ନିର୍ମାଣ ହୋଇପାରିଥାନ୍ତା । କିନ୍ତୁ ବାରିପଦାରେ ନିର୍ମାଣାଧୀନ ସ୍ଥାନରେ ହାତଗଣିତି ମାତ୍ର କିଛି ବ୍ୟବସାୟୀ ଲାଭବାନ ହେବାର ସମ୍ଭାବନା ରହିଛି । ତେବେ ମୋଟ ଉପରେ ଏହା ନିର୍ମାଣ କାର୍ଯ୍ୟ ପଛରେ ଆଦିବାସୀଙ୍କ ସ୍ୱାର୍ଥ ଗୌଣ୍ୟ ଥିବା ବେଳେ ବାରିପଦା ପିଏ ଆଇଟିଡ଼ିଏ କାର୍ଯ୍ୟାଳୟର ନିର୍ମାଣ ଦାୟିତ୍ୱରେ ଥିବା କେତେକ କର୍ମଚାରୀ ସହ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାରଙ୍କ ସ୍ୱାର୍ଥ ମୁଖ୍ୟ ବୋଲି ପ୍ରକାଶ କରିବା ସହ ଏହାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ସେହିପରି ଦଳିତ ଆଦିବାସୀ ମହାସଂଘ ସଭାପତି ତଥା ଭଞ୍ଜସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ ନିଜ ପ୍ରତିକ୍ରିୟାରେ ବାରିପଦା ସହରରେ ଅତ୍ୟାଧୁନିକ ହାଇଜେନିକ ମାଛ(ଫିସ ସେଲିଂ) ବିକ୍ରି କିଓସ୍କ କାର୍ଯ୍ୟ ଆରମ୍ଭ କଲେ ଏହା ଦ୍ୱାରା କେତେଜଣ ଆଦିବାସୀ ଉପକୃତ ହେବେ ତାହା ସମୟ କହିବ । ନିର୍ମାଣ ଦ୍ୱାରା କିଛି ସରକାରୀ କର୍ମଚାରୀ, ଠିକାଦାର ଓ ନେତାଙ୍କ ପକେଟ ଗରମ ହୋଇଛି ନିଶ୍ଚୟ । ତେବେ ଏହାର ନିରପେକ୍ଷ ତଦନ୍ତ ଅଥବା ଭିଜିଲାନ୍ସ ତଦନ୍ତର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ନବୀନଙ୍କ ନେତୃତ୍ୱରେ ପରିଚାଳିତ ବିଜେଡ଼ି ସରକାରରେ ମୟୂରଭଞ୍ଜ ଜିଲ୍ଲାରେ ବିକାଶ ପାଗଳ ହୋଇଯାଇଛି । ଜିଲ୍ଲାରେ ଧଳାହାତୀମାନଙ୍କ ଶାସନ ଚାଲିଛି । ଦୁର୍ନୀତି ଭ୍ରଷ୍ଟାଚାର ବିରୋଧରେ ଯେତେ ପାଟିକଲେ କଣ ହେବ, କିଏ ଶୁଣିବ । ଆଦିବାସୀମାନଙ୍କ ବିକାଶ ନାମରେ ଆସୁଥିବା ଅର୍ଥ ବାଟବଣା ହୋଇଯାଇଛି । ଏହାକୁ ଖୋଲମ ଖୋଲା ଭାବେ ନେତା ଓ ସରକାରୀ କଳ ହରିଲୁଟ କରି ଚାଲିଛନ୍ତି । ଆଦିବାସୀ ନାମରେ ସମସ୍ତ ଆଇନ କାନୁନ ନୀତି ନିୟମକୁ ମୋଡ଼ି ମକଚି ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ହରିଲୁଟ କରାଯାଉଥିବା ବେଳେ ଆଦିବାସୀ ସମ୍ପ୍ରଦାୟଙ୍କ ଆର୍ଥିକ, ସାମାଜିକ ବିକାଶ ସମ୍ଭବ ହୋଇ ପାରୁ ନାହିଁ । ସେମାନଙ୍କ ଭାଗ୍ୟ ଯେଉଁ ତିମିରକୁ ସେହି ତିମିର ମଧ୍ୟରେ ସିମୀତ ରହିଯାଇଛି । ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ । ଜିଲ୍ଲାରେ ଆଦିବାସୀମାନେ ବୁଝିଲେଣି । ଠିକଣା ସମୟରେ ଠିକଣା ଜବାବ ଦେବାକୁ ପ୍ରସ୍ତୁତ ହୋଇସାରିଛନ୍ତି । ସେହିପରି ଅଭିଯୋଗ ଉପରେ ବାରିପଦା ପିଏ ଆଇଟିଡ଼ିଏ ବସନ୍ତ କୁମାର ସେଠୀଙ୍କ ମତାମତ ନେବା ନିମନ୍ତେ ଯୋଗାଯୋଗର ଉଦ୍ୟମ କରାଯାଇଥିଲେ ମଧ ସମ୍ଭବ ହୋଇପାରି ନ ଥିଲା ।

# ୭ ଦଫା ଦାବି ନେଇ ସହରାଂଚଳ ଓ ଗ୍ରାମାଂଚଳ ଜଳ ଯୋଗାଣ କର୍ମଚାରୀମାନଙ୍କ କାର୍ଯ୍ୟ ବନ୍ଦ ଡ଼ାକରା

ବାରିପଦା,୦୮।୧୦ (ନି.ପ୍ର): ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ୱାର୍କ ଚାର୍ଯ୍ୟ କର୍ମଚାରୀମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା, ପେନସନ ପ୍ରଦାନ, କୋଭିଡ଼-୧୯ରେ ମୃତ କର୍ମଚାରୀମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତି ପୂରଣ ପ୍ରଦାନ, ଆଉଟ ସୋର୍ସିଂ କର୍ମଚାରୀମାନଙ୍କୁ କୁଶଳୀ ମଜୁରୀ ଭାବେ ଗ୍ରହଣ କରାଯାଇ ଇପିଏଫ ଓ ଇଏସଆଇର ବ୍ୟବସ୍ଥା ପ୍ରଦାନ ଆଦି ୭ ଦଫା ଦାବି ନେଇ ରାଜ୍ୟ ସଂଘ ବାରମ୍ବାର ଆନ୍ଦୋଳ ଚଳାଇ ଆସିବା ସହ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଇ ଆସୁଥିଲେ ମଧ ସରକାର ଦାବିଗୁଡ଼ିକ ପୂରଣ କରାଇବା ଦିଗରେ ଆନ୍ତରିକତା ନ ଥିବାର ପରିଲକ୍ଷିତ ହୋଇଛି । କରୋନା ମହାମାରୀ ସହିତ ଜନ ସାଧାରଣ ସଂଘର୍ଷ ଚଳାଇ ଆସୁଥିବା ସମୟରେ ସହରାଂଚଳ ଓ ଗ୍ରାମାଂଚଳ ଜଳ ଯୋଗାଣ କର୍ମଚାରୀମାନଙ୍କରେ କାର୍ଯ୍ୟରତ ପ୍ରାୟ ୧୦ ହଜାରରୁ ଅଧିକ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ନିରବଚ୍ଛିନ୍ନ ଭାବେ ସେବା ପ୍ରଦାନ କରିଆସୁଛନ୍ତି । କିନ୍ତୁ ସରକାର ଜଳ ଯୋଗାଣ ବିଭାଗକୁ ସମ୍ବେଦନଶୀଳ ଓ ଅତ୍ୟାବଶ୍ୟକ ବିଭାଗ ଭାବେ ବିବେଚନା କରୁ ନାହାନ୍ତି । ଏଣୁ ଆସନ୍ତା ୧୬ରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ୨୦ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଣଧାରଣା ସହ ସ୍ମାରକପତ୍ର ପ୍ରଦାନ କରାଯିବ । ଏହାପରେ ସରକାର ଆନ୍ଦୋଳନକାରୀମାନଙ୍କ ସମସ୍ୟା ସମାଧାନ ନିମନ୍ତେ ଆଲୋଚନା ପାଇଁ ନ ଡ଼ାକନ୍ତି ତେବେ ଆସନ୍ତା ୨୩ରୁ ୨୬ ପର୍ଯ୍ୟନ୍ତ ସରକାରୀ ଛୁଟି ଦିବସରେ ସମସ୍ତ କର୍ମଚାରୀ କାର୍ଯ୍ୟ ବନ୍ଦ କରିବେ । ଏଥି ନିମନ୍ତେ ସରକାର ଉତଦାୟୀ ରହିବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ହୃଷିକେଶ ସେଠୀ, ସଂଗଠନ ସମ୍ପାଦକ ସୁରେନ୍ଦ୍ର ସାମଲ, ଶ୍ରୀକାନ୍ତ ଶତପଥୀ, ସୁରେଶ ଚନ୍ଦ୍ର ରଣା, କାରନ ମୁର୍ମୁ ପ୍ରମୁଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଜାଲିଆତି କରି ବ୍ୟାଙ୍କ ଋଣ ହଡପ ଅଭିଯୋଗ : ୩ ଜଣଙ୍କ ନାମରେ ମାମଲା ରୁଜୁ

ଭଦ୍ରକ, ୮/୧୦ (ହି.ସ.) - ଭଦ୍ରକ ଜିଲା ବନ୍ତ ଥାନା ଅଧିନ ଛୟାଳସିଂ ଗ୍ରାମର ଜନୈକ ବ୍ୟକ୍ତିଙ୍କ ନାମରେ ବନ୍ତସ୍ଥିତ ପଂଜାବ ନ୍ୟାସନାଲ ବ୍ୟାଙ୍କରୁ ଜାଲିଆତି କରି ୪ ଲକ୍ଷ ଟଙ୍କା ହଡପ କରିଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୩ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୋଗରୁ ପ୍ରକାଶ ଯେ, ଛୟାଳସିଂ ଗ୍ରାମର ଖଗେଶ୍ୱର ବେହେରାଙ୍କର ଛୟାଳସିଂ ବଜାରରେ ଏକ ଜନସେବା କେନ୍ଦ୍ର ଥିବା ବେଳେ ତାଙ୍କ ସାନ ଭାଇ ଜଗନ୍ନାଥ ବେହେରା ବନ୍ତସ୍ଥିତ ପି.ଏନ୍.ବି ବ୍ୟାଙ୍କରେ ଏକ ସେଭିଙ୍ଗସ୍ ଆକାଉ ଖୋଲିବା ପାଇଁ ଫର୍ମରେ ୩/୪ଟି ଦସ୍ତଖତ ଦେବା ସହ ଆଧାର କାର୍ଡ ଦେଇଥିଲେ । ଜଗନ୍ନାଥ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାରୁ ନିଜ ନାମରେ ଋଣ ଉଠାଣ କରିନଥିବା ବେଳେ ପି.ଏନ୍.ବି ବ୍ୟାଙ୍କ ଶାଖା ପରିଚାଳକ ତାଙ୍କ ଘରକୁ ୨/୩ ଥର ଆସି ଖୋଜି ପାଇନଥିଲେ । ଅନ୍ୟ ଗ୍ରାହକଙ୍କ ଦ୍ୱାରା ଜଗନ୍ନାଥଙ୍କୁ ଡକାଇ ସେ ବ୍ୟାଙ୍କରୁ ଋଣ ନେଇଥିବା କଥା କହିଥିଲେ । ଫଳରେ ଜଗନ୍ନାଥ ଜାଣିବାକୁ ପାଇଥିଲେ ଯେ, ତାଙ୍କ ନାମରେ ଏସ୍.ବି ଓ ଲୋନ୍ ଆକାଉଂଟ ୨ଟି ଖୋଲା ଯାଇ ଗତ ତା-୧୪-୬-୨୦୧୬ ରିଖରେ ୪ ଲକ୍ଷ ଟଙ୍କା ଋଣ ଉଠାଣ ହୋଇଛି । ଯାହାକି ବର୍ତମାନ ସୁଧମୂଳ ସହିତ ୪ ଲକ୍ଷ ୪୬ ହଜାର ୯ ଶହ ୪୪ ଟଙ୍କା ହୋଇଛି । ଜଗନ୍ନାଥ ଉକ୍ତ ବ୍ୟାଙ୍କରୁ କୌଣସି ଦିନ ଟଙ୍କା ଉଠାଣ କରିନାହାନ୍ତି କିମ୍ବା ଉକ୍ତ ବ୍ୟାଙ୍କରୁ କେ.ୱାଇ.ସି ଫର୍ମ, ଲୋନ୍ ଆକାଉ ଫର୍ମ କିମ୍ବା ଚେକ୍ ବହି, ଏ.ଟି.ଏମ୍ ଖୋଲିବା ପାଇଁ କୌଣସି ଫର୍ମ ବ୍ୟାଙ୍କ ରେଜିଷ୍ଟରରେ ଦସ୍ତଖତ କରିନାହାନ୍ତି । ତାଙ୍କ ବଡଭାଇ ଜାଲ ଦସ୍ତଖତ କରି ବ୍ୟାଙ୍କ ଶାଖା ପରିଚାଳକଙ୍କ ସହମତିରେ ଋଣ ଟଙ୍କା ଉଠାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏସଂପର୍କରେ ଜଗନ୍ନାଥ ଗତ ତା-୬-୮-୨୦୧୮ ରିଖରେ ବ୍ୟାଙ୍କରେ ଅଭିଯୋଗ କରିଥିଲେ ମଧ ଶାଖା ପରିଚାଳକ କୌଣସି ପଦକ୍ଷେପ ନେଇନଥିଲେ । ସେହିପରି ଜଗନ୍ନାଥଙ୍କ ପତ୍ନୀ ଜ୍ୟୋସ୍ନାରାଣୀ ଗିରିଙ୍କ ନାମରେ ଖୋଲା ଯାଇଥିବା ଅନ୍ୟ ଏକ ଆକାଉ ରୁ ଲକ୍ଷାଧିକ ଟଙ୍କା ହଡପ ହୋଇଥିବା ଜଣାଯାଇଛି । ଏସଂପର୍କରେ ଗତ ସେପ୍ଟେମ୍ବର ୬ ତାରିଖରେ ଜଗନ୍ନାଥ ଓ ତାଙ୍କ ପତ୍ନୀ ଖଗେଶ୍ୱର ବେହେରାଙ୍କୁ ପଚାରିବାରୁ ଖଗେଶ୍ୱର ଓ ତାଙ୍କ ଦାଦା ସହଦେବ ବେହେରା ସେମାନଙ୍କୁ ଧକ୍କା ମାରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଏନେଇ ଜଗନ୍ନାଥ ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ସୋମବାର କେସ ନଂ-ନଂ-୧୨୨/୨୦ ମୂଳେ ବ୍ୟାଙ୍କ ପରିଚାଳକଙ୍କ ସମେତ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଛି ।

# ଭକ୍ତଙ୍କ ପାଇଁ ମନ୍ଦିର ବନ୍ଦ ରହିବା ପ୍ରତିବାଦରେ ସେବକଙ୍କ ଘଂଟ ମାଡ

ପୁରୀ,୦୮।୧୦ (ନି.ପ୍ର): ଓଡିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ଆଜି ଡାକରା ଦିଆଯାଇଥିବା ପ୍ରତିବାଦ ସ୍ୱରୂପ ବିଭିନ୍ନ ମନ୍ଦିର ଆଗରେ ସେବକମାନେ ଘଂଟ ମାଡ କରିଥିବା ଦେଖିବାକୁ ମିଳିଥିଲା । ପୁରୀ ଜିଲ୍ଲାର ଶ୍ରୀମନ୍ଦିର, ଶ୍ରୀଅଲାରନାଥ ମନ୍ଦିର, ସାକ୍ଷୀଗୋପାଳ ମନ୍ଦିର, କାକଟପୁର ମା ମଙ୍ଗଳା ମନ୍ଦିର ଆଦି ସମ୍ମୁଖରେ ସେବକମାନେ ଘଂଟ ମାଡ କରି ମନ୍ଦିର ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଥିଲେ । କେନ୍ଦ୍ର ସରକାର କୋଭିଡ୍ ନିୟମ ପାଳନ କରି ମନ୍ଦିର ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ରାଜ୍ୟ ସରକାର କାହିଁକି ମନ୍ଦିର ଖୋଲୁ ନାହାଁନ୍ତି ତାକୁ ନେଇ ପ୍ରତିବାଦ କରିଥିଲେ । ବିଭିନ୍ନ ମନ୍ଦିରର ସେବକମାନେ କରୋନା କଟକଣା ଯୋଗୁଁ ଆର୍ଥିକ ସଙ୍କଟରେ ପଡିଛନ୍ତି । ରାଜ୍ୟ ସରକାର ମଧ ଆର୍ଥିକ ସହାୟତା ଦେଉନାହାଁନ୍ତି । ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ଜୁନ୍ ୮ ତାରିଖରୁ ସାରା ଦେଶରେ ଧର୍ମାନୁଷ୍ଠାନ ଖୋଲା ଯାଇଥିବା ବେଳେ ଓଡିଶାରେ ବନ୍ଦ ରହିଛି ।

# ଖୋଲାହେଲା ବଲସକୁମ୍ପା ମାଁ ବରାଳଦେବୀ ମନ୍ଦିରର ଦାନ ହୁଣ୍ଡି ବିନା ଆଡମ୍ବରରେ ହେବ ନବମୀ ପୂଜା

କନ୍ଧମାଳ,୦୮।୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାର ବଲସକୁମ୍ପାଠାରେ ଥିବା ଶକ୍ତିପୀଠ ମା ବରାଳଦେବୀଙ୍କ କନ୍ଧମାଳ ଜିଲ୍ଲାରେ ପ୍ରସିଦ୍ଧ ଅଟେ । ସେଠାରେ ପ୍ରତିବର୍ଷ ଦଶହରା ମହାଆଡ଼ମ୍ବର ସହ ହିତ ପାଳିତ ହେଉଥିବା ବେଳେ ଚଳିତ ବର୍ଷ କୋଭିଡ୍ ନିୟମ ପ୍ରକାରେ ପାଳିତ ହେବ । ତେବେ ଏହି ଅବସରରେ ପୂର୍ବରୁ ଫୁଲବାଣୀ ଉପଜିଲାପାଳଙ୍କ ଅଧ୍ୟକ୍ଷାରେ ହୋଇଥିବା ବୈଠକର ନିଷ୍ପତି ପ୍ରକାରେ ମଙ୍ଗଳବାର ଦିନ ମାଁ ବରାଳଦେବୀ ମନ୍ଦିରର ଦାନହୁଣ୍ଡି କୋଭିଡ୍ ନିୟମ ପ୍ରକାରେ ଖୋଲା ଯାଇଥିଲା । ମନ୍ଦିର ପରିସରରେ ଖଜୁରିପଡ଼ା ତହସିଲ୍‌ଦାର ସ୍ୱପ୍ନିତା ନାୟକଙ୍କ ଉପସ୍ଥିତିରେ ଏହି ହୁଣ୍ଡି ଖୋଲାଯାଇଥିବା ବେଳେ ଏଥିରୁ ୫୩ ହଜାର ୨୧୦ ଟଙ୍କା ଗଣତି ପରେ ଜଣାପଡ଼ିଥିଲା । ଗଣତି ସମୟରେ ବଲସକୁମ୍ପା ରାଜସ୍ୱ ନିରୀକ୍ଷକ ପୁରନାଥ ମଲିକ , ଖଜୁରିପଡ଼ା ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କହଁର, ବଲସକୁମ୍ପା ସରପଂଚ ଅଜୟ କୁମାର ମଲିକ ଓ ମନ୍ଦିର ପରିଚାଳନା କମିଟିର ସଭାପତି ଚିତରଂଜନ ପ୍ରଧାନ ଏବଂ ତିନି ସେବାୟତ ନବଟର ନାୟକ , ଦିଲିପ କୁମାର ଦଳବେହେରା ଓ ଉଦ୍ଧବ ବିଶୋୟୀ ପ୍ରମୁଖ ଉପସ୍ଥିତିରେ ଏହା ଗଣତି ହୋଇଥିଲା । ଗଣତି ପରେ ଉକ୍ତ ଦାନ ଅର୍ଥକୁ ରାଜସ୍ୱ ନିରୀକ୍ଷକ ଗ୍ରହଣ କରିଥିଲେ । ଚଳିତ ବର୍ଷ କରୋନା ମହାମାରୀର ସଂକ୍ରମଣ ଏବଂ ଏଥି ନିମନ୍ତେ ହୋଇଥିବା କଟକଣା ଯୋଗୁଁ ସବୁ ବର୍ଷ ପରି ଧୁମଧାମ୍‌ରେ ନ ପାଳିବାକୁ ପୂର୍ବରି ନିଷ୍ପତି ନିଆଯାଇଛି ।

# ଘର ଗ୍ରୀଲ୍ ଭାଙ୍ଗି ୧୦ ଭରି ସୁନା, ୨୫ ହଜାର ଲୁଟ୍, ଥାନାରେ ଅଭିଯୋଗ

ଖୋର୍ଦ୍ଧା,୦୮।୧୦ (ନି.ପ୍ର): ଘର ଗ୍ରୀଲ୍ ଭାଙ୍ଗି ୧୦ ଭରି ସୁନା, ୨୫ ହଜାର ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ହଳଦୀପଦା ଗ୍ରାମରେ ଘର ଗ୍ରୀଲ୍ ଭାଙ୍ଗି ରାତି ଅଧରେ ସଶସ୍ତ୍ର ଡ଼କାୟତି ହୋଇଛି । ଦୁର୍ବୃତ ମାନେ ଲକ୍ଷାଧିକ ଟଙ୍କାର ସୁନା ରୂପା ଅଳଙ୍କାର ଲୁଟି ନେଇଥିବା ନେଇ ଘର ମାଲିକଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ଦାୟର୍ ହୋଇଛି । ଏତଲାକୁ ଭିତି କରି ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି ।

# ହସ୍ପିଟାଲରେ ଆଇସିୟୁ ବ୍ୟବସ୍ଥା ପାଇଁ ଭଂଜସେନା ପକ୍ଷରୁ ଦାବୀ



ବାରିପଦା,୦୮।୧୦ (ନି.ପ୍ର): ଆଦିବାସୀ ଅଦ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦେଶ୍ୟରେ ଭଂଜସେନା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ଅନୁଯାୟୀ, ଦୀର୍ଘ ବର୍ଷର ସଂଗ୍ରାମ ପରେ ଜିଲ୍ଲାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି । କିନ୍ତୁ ଏଠାରେ ମେଡିକାଲ କଲେଜର ସ୍ୱାସ୍ଥ୍ୟ ସେବା ଥାଇ ମଧ ଜିଲ୍ଲାର ପ୍ରତିଦିନ ଗୁରୁତର ରୋଗୀମାନଙ୍କୁ ପୂର୍ବ ପରି କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି । ଅଧିକାଂଶ ରୋଗୀ ଯିବା ବାଟରେ ଅଧା ରାସ୍ତାରେ ମୃତ୍ୟୁ ବରଣ ମଧ କରୁଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଆଜି ଯାଏ ଆଇ.ସି.ୟୁ ନାହିଁ, ଯନ୍ତ୍ରପାତି ଏବଂ ଡାକ୍ତର ଓ ନର୍ସ ଥିବା ବେଳେ ଠିକ ଭାବେ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ । ଏଥି ସହିତ ଜିଲ୍ଲାର ସମସ୍ତ ଉପଖଣ୍ଡର ଚିକିତ୍ସାଳୟ ଗୁଡ଼ିକ ସହ ଜିଲ୍ଲାର ଅନ୍ୟ ଛୋଟବଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭାବୀ ଡ଼ାକ୍ତର, କର୍ମଚାରୀ ଏବଂ ଆନୁଷଙ୍ଗିକ ସୁବିଧା ଏଯାବତ ପୂରଣ ହୋଇ ପାରିଲା ନାହିଁ । ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବିଷୟ ବୋଲି ଭଂଜସେନା ପକ୍ଷରୁ କୁହାଯାଇଛି । ଜିଲ୍ଲାରେ ଭୁଷୁଡି ପଡିଥିବା ସ୍ୱାସ୍ଥ୍ୟ ସେବାରେ ତୁରନ୍ତ ସମାଧାନ କରିବା ସହ ଜିଲ୍ଲାରେ ଥିବା ୪ ଗୋଟି ସଡିଭିଜନର ମୁଖ୍ୟ ଚିକିତ୍ସାଳୟ ଗୁଡିକରେ ଆଇ.ସି.ୟୁ. ବ୍ୟବସ୍ଥା କରିବା ସମେତ ଆଭାବୀ ଡ଼ାକ୍ତର, କର୍ମଚାରୀ ଓ ଆନୁଷଙ୍ଗିକ ସୁବିଧାମାନ ଯୋଗାଇ ଦେବା ସହିତ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଧେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରଟି ଜିଲ୍ଲାଜରୁରୀ କାଳୀନ ଅଧିକାରୀ ସୁଜୟ କୁମାର ପତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଧେଶ୍ୟରେ କରାଯାଇଛି । ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ସମେତ ସଂଯୋଜକ ରାକେଶ ବେହେରା, ସାମନ୍ତ ଶେଖର ପାଲ, ପ୍ରଶାନ୍ତ ମହାକୁଡ଼, ସେକ ରାଜା ଖାନ, ସୌମ୍ୟ ରନ ସାହୁ, ଏମ ଡି ଇସ୍ରାଇଲ, ଚନ୍ଦନ ଦେ ପ୍ରମୁଖ ଉପସ୍ଥିତ ରହିଥିଲେ ।

ସ୍ୱାସ୍ଥ୍ୟ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶୁକ୍ରବାର,୯ ଅକ୍ଟୋବର, ୨୦୨୦

# ପ୍ରାଣନାଶକ ପ୍ରାଣୀ

**ସଉକ ପାଇଁ ଆମେ ପ୍ରାଣୀଙ୍କୁ ଘରେ ପାଳୁ । କେତେକ ଜୀବଙ୍କୁ ମାରି ମାଂସ ଖାଉ । ମାତ୍ର ଅନେକ ସମୟରେ ପ୍ରାଣୀଙ୍କ ସଂସ୍ପର୍ଶ, ମାଂସ ଭକ୍ଷଣ ଯୋଗୁଁ ମଣିଷ ଶରୀରରେ ରୋଗ ଜୀବାଣୁ ପଶନ୍ତି । କୋଟି କୋଟି ଲୋକ ରୋଗାକ୍ରାନ୍ତ ହୁଅନ୍ତି, ଲକ୍ଷ ଲକ୍ଷଙ୍କର ପ୍ରାଣହାନୀ ହୁଏ ।**





କୋଭିଡ୍ ୧୯ କରୋନା ଭାଇରସ୍ ସହ ଯୁଝୁଛି ପୂରା ବିଶ୍ୱ । ୨୦୨୦ ମସିହାର ଅଧାରୁ ଅଧିକ ସମୟ ଆମେ ପୃଥିବୀବାସୀ କରୋନା ସଂକ୍ରମଣ ଭୟରେ ବିତେଇ ସାରିଲୁଣି । ଏଭଳି ସଂକଟ ସମୟରେ ମଧ ଆମେ ପ୍ରଥମ ଥର ପାଇଁ ନିକଟରେ (ଅକ୍ଟୋବର ୧ ତାରିଖ) ପାଳିଛୁ ୱାର୍ଲ୍ଡ ଭେଜିଟେରିଆନ୍ ଡେ । କରୋନା ଆରମ୍ଭ ସମୟରେ ଅର୍ଥାତ୍ ଫେବୃଆରୀ ଶେଷ, ମାର୍ଚ୍ଚ ଆରମ୍ଭ ବେଳେ କୁହାଯାଉଥିଲା ବାଦୁଡ଼ିଙ୍କ ଯୋଗୁଁ ଏହି ରୋଗ ବ୍ୟାପୁଛି । ପରେ ଏଥିରେ ପେଙ୍ଗୋଲିନ୍‌ର ନାଁ ସାମିଲ କରାଯାଇଥିଲା । ଏ ପରିପ୍ରେକ୍ଷୀରେ ଆମ ସମସ୍ତଙ୍କ ପାଇଁ ଜାଣିବା ଜରୁରୀ ଯେ, ପ୍ରକୃତରେ କ'ଣ ମାଂସ ଖାଇବା ଅଭ୍ୟାସ ମଣିଷ ପାଇଁ ଘାତକ ମଧ ହୋଇପାରେ ?

**ଜୁନୋଟିକ୍:**

ସେ ର୍ଷ ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ସନ୍ (ସିଡିସି) ଅନୁସାରେ, ଆମେ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ପ୍ରାଣୀଙ୍କ ସଂସ୍ପର୍ଶରେ ଆସିଥାଉ । ଘରେ ଆମେ ଅନେକ ପ୍ରକାରର ପଶୁ, ପକ୍ଷୀ ବା ପ୍ରାଣୀ ପାଳିଥାଉ । ପାରାଙ୍କଠାରୁ ଆରମ୍ଭ କରି ଶୁଆ, ଶାରୀ, ବଣି, ବାଲିଶୁଆଙ୍କ ଭଳି ଅନେକ ପ୍ରକାରର, ପ୍ରଜାତିର, ଛୋଟ ଓ ବଡ଼, ଭିନ୍ନ ଭିନ୍ନ ରଙ୍ଗ ଓ ସ୍ୱାଭାବର ପକ୍ଷୀଙ୍କୁ ପଞ୍ଜୁରୀ ଭିତରେ ବନ୍ଦୀ କରି ଆମେ ଆମ ଘର ଭିତରେ ରଖନ୍ତୁ । ସେମାନଙ୍କୁ ଦେଖି ଖୁସି ହେଉ । ସେମାନଙ୍କୁ ସ୍ନେହ, ଶ୍ରଦ୍ଧା କରୁ । ସେହିପରି ବିରାଡ଼ି, କୁକୁରଠାରୁ ଆରମ୍ଭ କରି ନେଉଳ, ଧଳା ମୂଷା ପର୍ଯ୍ୟନ୍ତ ଜୀବଙ୍କୁ ଆମେ ଘରେ ପୋଷୁ । ସେମାନଙ୍କୁ ବୁଲେଇ ନେଉ । କୋଳରେ ଧରି ଗେଲ କରୁ । ଆମ ପିଲାଏ ସେମାନଙ୍କ ସହ ଖେଳ କୌତୁକ କରନ୍ତି । ଦୁଆର ମୁହଁରେ ଦାମୀ ବିଦେଶୀ କୁକୁର ପୋଷି ଆମେ ନିଜ ବଡ଼ପଣ ଦେଖାଇବାକୁ ଉଚିତ ମଣୁ । ଇଏ ତ ଗଲା ପୋଷା ପଶୁ ପକ୍ଷୀ, ଜୀବଙ୍କ କଥା । ଅନେକ ପ୍ରକାରର ପ୍ରାଣୀଙ୍କୁ ଆମେ ଘରେ ରଖୁ, ଯାହାଙ୍କୁ ପରେ ହତ୍ୟା କରି ସେମାନଙ୍କ ମାଂସ ଖାଉ । ଛେଳି, ମେଣ୍ଢା, କୁକୁଡ଼ା, ବତକ ଓ ଆହୁରି ଅନେକ ପ୍ରକାରର ପ୍ରାଣୀ ଏ ତାଲିକାରେ ଆସିବେ । ସିଡିସି, ପ୍ରାଣୀ ଚିକିତ୍ସକ, ବିଶେଷଜ୍ଞଙ୍କ କହିବା କଥା, ଏହି ପଶୁ ପକ୍ଷୀ ବା ପ୍ରାଣୀଙ୍କ ଦେହରେ ଅନେକ ପ୍ରକାରର ଜୀବାଣୁ ଥାଆନ୍ତି, ଯାହା ଆମ ଦେହକୁ ମଧ୍ୟ ଅତି ସହଜରେ ଆସିପାରନ୍ତି ଓ ଆମକୁ ରୋଗାକ୍ରାନ୍ତ କରନ୍ତି । ପ୍ରାଣୀଙ୍କ ଶରୀରର ରୋଗ ସୃଷ୍ଟି କରନ୍ତି, ତାହାକୁ ଆମେ କହୁ ଜୁନୋଟିକ୍ । ଏହି ଜୀବାଣୁଙ୍କ କାରଣରୁ ମନୁଷ୍ୟ । ବେଳେବେଳେ ମୃତ୍ୟୁମୁଖରେ ବି ପଡ଼ିଥାଏ । ସିଡିସି ଅନୁସାରେ, ଜୁନୋଟିକ୍ ରୋଗ ଖୁବ୍ ସାଧାରଣ । ଅନେକ ସମୟରେ ମାଙ୍କଡ଼, ବାଦୁଡ଼ି, ଘୁଷୁରୀ ଆଦିଙ୍କଠାରୁ ମଣିଷ ଦେହରୁ ରୋଗ ଜୀବାଣୁ ଆସିଥାନ୍ତି । ବୈଜ୍ଞାନିକମାନେ ଅନୁମାନ ଲଗାଇଛନ୍ତି ଯେ, ୧୦ଟି ସଂକ୍ରାମକ ରୋଗ ମଧ୍ୟରୁ ୬ରୁ ଅଧିକ ସଂକ୍ରମଣ ପ୍ରାଣୀଙ୍କ ଦ୍ୱାରା ମନୁଷ୍ୟର ଶରୀରକୁ ବ୍ୟାପିଥାଏ । ଏହା ବ୍ୟତୀତ ପ୍ରତି ଚାରୋଟି ନୂଆ ସଂକ୍ରାମକ ରୋଗ ମଧ୍ୟରୁ ତିନୋଟି ପ୍ରାଣୀଙ୍କ ଶରୀରରୁ ଆସିଥାଏ । ପ୍ରାଣୀ ଚିକିତ୍ସକଙ୍କ କହିବାନୁସାରେ, ପ୍ରାଣୀଙ୍କ ମଳ, ମୂତ୍ର, ଲାଳ, ଲୋମ ଆଦିରୁ ରୋଗ ଜୀବାଣୁ ଆମ ଶରୀରକୁ ଆସିଥାଏ । ସେମାନଙ୍କୁ ଧରିବା, ଗାଧୋଇଦେବା, ଖୁଆଇଦେବା, ସାଥିରେ ବୁଲେଇ ନେବାବେଳେ ସେମାନଙ୍କଠାରୁ ଆମ ଶରୀରକୁ ରୋଗ ଜୀବାଣୁ ପ୍ରବେଶ କରିଥାନ୍ତି । ଆମେ ଏ ସମ୍ପର୍କରେ ଜାଣିପାରି ନଥାଉ ବା ଜାଣିବାକୁ ଚେଷ୍ଟା କରିନଥାଉ । ଆମ ଅଜ୍ଞାତସାରରେ ଆମ ଦେହରେ ଏହି ରୋଗ ଜୀବାଣୁ ସବୁ ପ୍ରବେଶ କରିବା ଫଳରେ ଆମେ ନାନା ପ୍ରକାରର ରୋଗରେ ଆକ୍ରାନ୍ତ ହୋଇଥାଉ । ପ୍ରାଣୀ ଚିକିତ୍ସକଙ୍କ କହିବା କଥା, ପଶୁ ପକ୍ଷୀଙ୍କ ସଂସ୍ପର୍ଶରେ ଆସିବା ପରେ ଆମେ ଭଲ ଭାବରେ ଧୁଆଧୋଇ ହେବା ଉଚିତ । ସେମାନେ ରହୁଥିବା ସ୍ଥାନର ସଫା ସୁତୁରା, ସ୍ୱଚ୍ଛତା ମଧ ନିହାତି ଦରକାର । ଆମେ ଯେମିତି ଆମ ରହିବା, ଶୋଇବା ସ୍ଥାନ ପରିଷ୍କାର ପରିଚ୍ଛନ୍ନ ରଖୁଛେ, ନିଜେ ଯତ୍ନରେ ଗାଧୋଉଛେ, ସେହିପରି ପ୍ରାଣୀଙ୍କ ରହିବା ସ୍ଥାନ ମଧ ସଫା ସୁତରା ରହିବା ଦରକାର । ସେମାନଙ୍କ ଯତ୍ନ ନେବା ଦରକାର । ସେମାନେ ରୋଗାକ୍ରାନ୍ତ ହେଲେ ଆମେ ସେମାନଙ୍କ ସଂସ୍ପର୍ଶରେ ଆସି ରୋଗରେ ପଡ଼ିବା ଆଶଙ୍କା ରହିଛି ।



## ଗଣ୍ଠିବାତର ଆୟୁର୍ବେଦିକ ଉପଚାର



ଆୟୁର୍ବେଦିକ ଯଥା ବିଭିନ୍ନ ପ୍ରକାର ଗଛର ଡାଳ, ପତ୍ର, ଫୁଲ, ଫଳରେ ଏପରି ଅନେକ ରହସ୍ୟ ଲୁଚି ରହିଥାଏ, ଯାହାର ବ୍ୟବହାର ଦ୍ୱାରା ଅନେକ ବଡ଼ ବଡ଼ ରୋଗରୁ ଉପଶମ ମିଳିଥାଏ । ଯଦି ଆପଣଙ୍କର ଗଣ୍ଠିବାତ ଦେଖାଯାଏ ତେବେ ନିମ୍ନୋକ୍ତ ଉପଚାରକୁ ଅବଲମ୍ବନ କରନ୍ତୁ ଦେଖିବେ, ସମସ୍ୟା ସହଜରେ ଦୂର ହୋଇଯିବ ।





ଆମ୍ବ- ଏକ ମାଟି ପାତ୍ରରେ ପାଣି ନେଇ ଚାରି/ ପାଞ୍ଚୋଟି ଆମ୍ବପତ୍ରକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଫୁଟାନ୍ତୁ । ସେହି ପାଣିକୁ ନିୟମିତ ଆଣ୍ଠୁଗଣ୍ଠିରେ ମାସେ ପର୍ଯ୍ୟନ୍ତ ଘସିଲେ ବହୁତ ଆରାମ ମିଳିଥାଏ ।

ତେନ୍ତୁଳି- ଏହାର ପତ୍ରକୁ ବାଟି ଏଥିରେ ଖାରସୋଡ଼ା ମିଶାନ୍ତୁ । ଏହି ମଶ୍ରଣକୁ ସାମାନ୍ୟ ଗରମ କରି ବଥା ହେଉଥିବା ଜାଗାରେ ଶୁଖିଲା ପର୍ଯ୍ୟନ୍ତ ଲଗାନ୍ତୁ । ଏକମାସ ପର୍ଯ୍ୟନ୍ତ ଏପରି କଲେ ସୁଫଳ ମିଳିଥାଏ ।

## ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ



ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ। ଏହି ସମୟରେ ପିଲାଙ୍କୁ ଘରେ କିମ୍ବା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ। ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି। ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ। ପିଲାଙ୍କ ଉପରେ ଚାପ ପଡ଼ିଲେ, ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ।

## ବ୍ରଣର ସରଳ ଉପଚାର

**ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ, ସାମାନ୍ୟ ଯତ୍ନ ତ୍ୱଚାର ନ ନେଲେ ବ୍ରଣ ହୋଇଥାଏ । ଋତୁ ପରିବର୍ତ୍ତନ ସମୟରେ, ହରମୋନ୍ କାରଣରୁ ଏଇ ବ୍ରଣ ହେଉଥିବାର କତ । ଘରୋଇ ଉପାୟରେ ଏହାର ଉପଚାର କରିହେବ ।**



- ବ୍ରଣ ହୋଇଥିଲେ, ବାରମ୍ବାର ତାହା ଉପରେ ହାତ ଲଗାନ୍ତୁନାହିଁ । ଏହା କାରଣରୁ ଦାଗ ହୋଇପାରେ ।
- ଅନ୍ୟ ଏକ ଉପାୟ ହେଉଛି ବ୍ରଣ ଉପରେ ପରଫ ବାରମ୍ବାର ଲଗାନ୍ତୁ । ବ୍ରଣକୁ ଶୀଘ୍ର ଦବାଇବାକୁ ଚାହୁଁଥିଲେ, ଦିନରେ ଅତି କମ୍‌ରେ ୩୦-୪୦ଥର ବରଫର ଉପଚାର କରିବା ଆବଶ୍ୟକ ।
- ଲେମ୍ବୁ ରସର ଚମତ୍କାରୀ ତତ୍ତ୍ୱ ମଧ ବ୍ରଣରୁ ରକ୍ଷା କରେ ।ଲେମ୍ବୁ ରସ ଲଗାଇ ୧୦ମିନିଟ୍ ପରେ ତ୍ୱଚା ଧୋଇନେବେ ।
- ଶୁଦ୍ଧ ମହୁ ତ୍ୱଚା ପାଇଁ ଆଣ୍ଟିସେପଟିକ୍ ପରି କାମ କରିଥାଏ । ମହୁକୁ ତ୍ୱଚାରେ ଲଗାଇ ନଖ ଉଷୁମ ପାଣିରେ ୨୦ ମିନିଟ୍ ଧୋଇ ନିୟନ୍ତୁ । ମହୁରେ ଥିବା ତତ୍ତ୍ୱ କାରଣରୁ ବ୍ରଣ ହୋଇନଥାଏ ।
- ତୁଳସୀ ପତ୍ରକୁ ଶୁଖାଇ ତାହାକୁ ଗୁଣ୍ଡ କରି ରଖନ୍ତୁ । ନିୟମିତ ତୁଳସୀ ପତ୍ର ଗୁଣ୍ଡ ୧ ଚାମଚ ଓ ମହୁ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ବ୍ରଣ ଓ ଦାଗ ଉଭୟ ଦୂରେଇଯାଏ ।

## ଯୌନାକାଂକ୍ଷା ବଢ଼ାଏ ଡାଳିମ୍ବ ରସ



ଆମେ ନିୟମିତ ଅନେକ ପ୍ରକାରର ଫଳମୂଳ ଖାଇଥାଉ । ସେହି ଫଳମୂଳ ମଧ୍ୟରେ ଏମିତି କିଛି ରହିଛି, ଯାହା ଆମ ଯୌନ ଜୀବନକୁ ଖୁସିରେ ଭରିଦେଇପାରିବ । ସେଥିମଧ୍ୟରୁ ଅନ୍ୟତମ ହେୁଛି ଡାଳିମ୍ବ । ଏଥିରେ ଭରପୂର ମାତ୍ରାରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି: ଯାହା ରକ୍ତ ସଞ୍ଚାଳନକୁ ତୀବ୍ର କରିଥାଏ । ଏଥିସହିତ ଡାଳିମ୍ବ ଜୁସ ହୃଦୟ ରୋଗକୁ ମଧ ନିୟନ୍ତ୍ରଣରେ ରଖିଥାଏ । ଠିକ୍ ସେହିପରି ନିୟମିତ ଡାଳିମ୍ବ ଜୁସ ପିଇବା ଦ୍ୱାରା ଆପଣଙ୍କ ସେକ୍ସଜୀବନରେ ଆନନ୍ଦ ଭରିଯାଇଥାଏ । ଡାଳିମ୍ବ ଜୁସ୍ କୁ ବଢ଼ାଇଥାଏ । ଆପଣ ନିୟମିତ ଭାବେ ୮ରୁ ୧୨ ଆଉନ୍ସ ଜୁସ୍ ଖାଲି ପେଟରେ ପିଇପାରିବେ । ଏହାଦ୍ୱାରା ପୁରୁଷଙ୍କର ଯେଷ୍ଟୋଷ୍ଟେରେନ୍ ହରମୋନ୍ ବୃଦ୍ଧି ପାଇଥାଏ, ଯାହାଫଳରେ ସେମାନଙ୍କ ଣୈନକାଂକ୍ଷା-ବୃଦ୍ଧିପନାଇଥା, ।

# ବାର୍ଦ୍ଧକ୍ୟ ହେବ ସୁସ୍ଥ ଓ ସୁନ୍ଦର



ବୃଦ୍ଧାବସ୍ଥା ମଣିଷର ଏକ ଅବସ୍ଥା । ଏହି ବୟସ ଆସିଗଲେ ଶାରୀରିକ ଦୁର୍ବଳତା ଏବଂ ରୋଗଗ୍ରସ୍ତ ହେବାର ଆଶଙ୍କ ବଢ଼ିଯାଏ । ବୟସ ବଢ଼ିବା ସହ ମନୋବୈଜ୍ଞାନିକ ସମସ୍ୟା ମଧ ଆକ୍ରାନ୍ତ କରେ । ନିଃସଙ୍ଗତା ଅନୁଭବ କରିବା ସବୁଠାରୁ ବଡ଼ ସମସ୍ୟା ପାଲଟେ । ଏସବୁ ବାଦ ସଠିକ ମାତ୍ରାରେ ପୁଷ୍ଟିକର ଖାଦ୍ୟ ନଖାଇବା ଯୋଗୁ ଦୃଷ୍ଟିହୀନତା, ମେଦବହୁଳତା, ହୃଦରୋଗ, ମଧୁମେହ ସହିତ ଅସ୍ଥି ସୁଶୀରତା ବା ଅଷ୍ଟିଓପୋରୋସିସ ଆଦିରେ ଆକ୍ରାନ୍ତ ହେବାର ଆଶଙ୍କା ମଧ ବଢ଼ିଯାଏ । ଅସଲରେ ବାର୍ଦ୍ଧକ୍ୟବସ୍ଥାରେ ଏସବୁ ସମସ୍ୟାର ମୁଖ୍ୟ କାରଣ ହୋଇଥାଏ ଖାଦ୍ୟପେୟ । ହଜମ ନହେବା ଭୟରେ ଅନେକେ ଖାଦ୍ୟ ପ୍ରତି ବିମୁଖ ହୋଇପଡ଼ନ୍ତି । ତେବେ ଖାଦ୍ୟ ଖାଇବାର ସଠିକ୍ ଉପାୟ ଅବଲମ୍ବନ କଲେ ସୁସ୍ଥ ଜୀବନ ଉପଭୋଗ କରିପାରିବେ ।

### ପ୍ରୋଟିନ:

ଶରୀରର ଓଜନ ଅନୁସାରେ ପ୍ରୋଟିନ ଆବଶ୍ୟକ ହୋଇଥାଏ । ଯଦି କୌଣସି ବୃଦ୍ଧ ବ୍ୟକ୍ତିଙ୍କ ଓଜନ ୫୦କିଲୋଗ୍ରାମ ହୁଏ, ତେବେ ସେ ପ୍ରତିଦିନ ୫୦ଗ୍ରାମ ପୁଷ୍ଟିସାର ଖାଇବା ଆବଶ୍ୟକ । ଏମିତିରେ ଭୋକ କମ ହେବା ଏବଂ ହଜମଶକ୍ତି ଦୁର୍ବଳ ହୋଇପଡୁଥିବା ଯୋଗୁ ଏହାଠାରୁ ଅଧିକ ପ୍ରୋଟିନ ଖାଇବା ଠିକ ହୋଇନଥାଏ । ପ୍ରୋଟିନରେ ଭରପୂର ଅଣ୍ଡା, ମାଛ , ଦହି, ପନିର, ଡାଲି ଆଦି ନିଜ ସ୍ୱାସ୍ଥ୍ୟର ସ୍ଥିତି ଅନୁସାରେ ଖାଇପାରିବେ ।



ଫ୍ୟାଟ୍ ବାର୍ଦ୍ଧକ୍ୟାବସ୍ଥାରେ ଫ୍ୟାଟ୍ ହଜମ କରିବା । ତେବେ ଶରୀର ପାଇଁ ଫ୍ୟାଟ୍ ଆବଶ୍ୟକ ଥିବାରୁ ପ୍ରତିଦିନ ଖାଦ୍ୟରେ ୨୦-୧୫ ଗ୍ରାମ ଫ୍ୟାଟ ରହିବା ଆବଶ୍ୟକ । ବୟସାଧିକ୍ୟ ଯୋଗୁ ଅନସାଚୁରେଟେଡ ଫ୍ୟାଟ ଥିବା ସୂର୍ଯ୍ୟମୁଖୀ ତେଲ, ଅଲିଭ ତେଲ ଆଦି ବ୍ୟବହାର କରନ୍ତୁ।

### କ୍ୟାଲସିୟମ:

ବୃଦ୍ଧାବସ୍ଥାରେ ହାଡ଼ ଦୁର୍ବଳ ହୋଇ ଅଷ୍ଟିଓପୋରୋସିସ ରୋଗର ଆଶଙ୍କା ବଢ଼ିଯାଏ । ଏହା ସାଧାରଣତଃ କ୍ୟାଲର୍ସିୟମ ଅଭାବରୁ ହୋଇଥାଏ । ପୁଣି ୫୦ବର୍ଷରୁ ଅଧିକ ବୟସର ମହିଳା, ଯେଉଁମାନେ ଅଧିକାଂଶ ସମୟ ଘରେ ରହିଥାନ୍ତି, ସେମାନଙ୍କର ଭିଟାମିନ -ଡି ଅଭାବ ହୋଇ ଅଷ୍ଟିଓପୋରୋସିସ ଆକ୍ରାନ୍ତ କରେ । କ୍ଷୀର, ଦହି, ପନିର, ମାଣ୍ଡିଆ ଆଦି କ୍ୟାଲସିୟମର ମୁଖ ଉତ୍ସ । ସକାଳୁ ସୂର୍ଯ୍ୟକିରଣରେ ବସିଲେ ମଧ ଭିଟାମିନ ଡି ମିଳିଥାଏ । ଶରୀର କ୍ୟାଲସିୟମ ଅବଶୋଷଣ ପାଇଁ ଭିଟାମିନ -ଡି ଆବଶ୍ୟକ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସତର୍କ ରହିବା ଜରୁରୀ...

ସାରା ବିଶ୍ୱରେ ଉତ୍କଟ ମହାମାରୀ ହୋଇସାରିଥିବା କରୋନା ସଂକ୍ରମଣର ଉତ୍ପ ି ସମ୍ପର୍କରେ ସମସ୍ତେ ଅବହିତ ଥିବାବେଳେ କେହି କହିପାରିବାକୁ ସକ୍ଷମ ନୁହଁନ୍ତି କି, ଏହାର କେବେ ଓ କେମିତି ଅନ୍ତ ହେବ । ୨୧୩ ଦେଶରେ କାୟା ବିସ୍ତାର ପୂର୍ବକମାନବ ଜାତିକୁ କଲବଲ କରିଚାଲିଥିବା କୋଭିଡ-୧୯ ଦଶଲକ୍ଷରୁ ଅଧିକ ଲୋକଙ୍କ ପ୍ରାଣ ନେଇସାରିଲାଣି । ଲକ୍ଷ ଲକ୍ଷ ଲୋକ ଜୀବନ-ମରଣ ସଂଗ୍ରାମରେ ରହିଥିବା ବେଳେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି ସିନା, ଊଣା ହେବା ନାଁ ଧରୁନାହିଁ । ପ୍ରତିଷେଧକ ଟିକା ନେଇ କିଏ କେତେବେଳେ କ'ଣ କହୁଛନ୍ତି ତାହାର ଠିକ୍ ଠିକଣା ନାହିଁ । ଆମେରିକା ଭଳି ଚରମ ବିକାଶ ଛୁଇଁଥିବା ଦେଶ ବା କରୋନା ସଂକ୍ରମଣର ଶୀର୍ଷରେ ରହିଛି । ପ୍ରେସିଡେ ଟ୍ରମ୍ପ୍ କରୋନା ପଜିଟିଭ୍ ହୋଇ ମିଲିଟାରି ହସ୍ପିଟାଲରେ । ତାଙ୍କ ପରିବାର ଓ ସହାୟକଙ୍କ ଭିତରେ ସଂକ୍ରମଣ ରହିଥିବା କିଛି ମାମୁଲି କଥା ବୋଲି ଧରାଯାଇନପାରେ । ଆମ ଦେଶର କି' ବଡ଼ କି' ସାନ, ହଜାର ହଜାର ଲୋକ କରୋନା ସଂକ୍ରମଣର ଶିକାର ହୋଇସାରିଲେଣି । କରୋନା ବିରୋଧରେ ଯେଉଁ ସାବଧାନତା ଅବଲମ୍ବନ କରିବାକୁ କୁହାଯାଇଛି, ତାହାର ଅନୁପାଳନ ହୋଇଛି ପ୍ରତି ବ୍ୟକ୍ତିଙ୍କ ପକ୍ଷେ ରକ୍ଷାକବଚ ସଦୃଶ । ଟିକା ନେଇ ସମସ୍ତଙ୍କ ଭିତରେ ଉତ୍ସୁକତା ରହିବା କିଛି ଅସ୍ୱାଭାବିକ ନୁହେଁ । କେନ୍ଦ୍ର ତଥା ରାଜ୍ୟ ସରକାରମାନେ କରୋନା ବିରୋଧୀ ସଂଗ୍ରାମକୁ ଅଧିକ ସମ୍ପ୍ରସାରିତ ଓ ଦୃଢ଼ କରିବା ଦିଗରେ ଯେଉଁଭଳି ତତ୍ପରତା ଦେଖାଇଛନ୍ତି, ତାହାର ସୁଫଳ ଊଣାଅଧିକେ ପରିଲକ୍ଷିତ ହେଉଛି । ମାତ୍ର ମୂଳରୁ ଯେଉଁ ଆଶଙ୍କା ରହିଥିଲା, ତାହା ଗଣସଂକ୍ରମଣମୁଖୀ ହେବାରେ କରୋନାକୁ ସାହାଯ୍ୟ କଲାଭଳି ହେଲା । ଏବେ ବିଶ୍ୱରେ ସଂକ୍ରମଣ ତାଲିକାରେ ବ୍ରାଜିଲକୁ ଅତିକ୍ରମ କରି ଭାରତ ଦ୍ୱିତୀୟ ସ୍ଥାନକୁ ଚାଲିଆସିଲାଣି । ପ୍ରତିଷେଧକ ଅପେକ୍ଷା ପ୍ରତିକାରମୂଳକ ଉପଚାର ଉପରେ ଗୁରୁତ୍ୱ ଦିଆଯିବା ଦ୍ୱାରା ଏତେ ବଡ଼ ଦେଶରେ ମୃତ୍ୟୁ ହାର ସୀମିତ କରି ରଖାଯାଇପାରିଛି । ହୋଇପାରେ, ବିଭିନ୍ନ ପର୍ଯ୍ୟାୟରେ ଲକ୍‌ଡାଉନ୍, ସଟ୍‌ଡାଉନ୍ ଭଳି କଟକଣା ଉପରେ ଜୋର୍ ଦିଆଯିବା ଦ୍ୱାରା ସଂକ୍ରମଣ ପାଇଁ ବାହକ ସାଜିଥିବା ଜନଗହଳିକ ଏଡ଼ାଇ ଦିଆଯାଇପାରିଛି । ତାହା ସ େ ଆମନିଆଙ୍କ କାର୍ଯ୍ୟ ଅନ୍ୟ ସମସ୍ତଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ବିମାନ, ଟ୍ରେନ୍ ତଥା ବସ୍ ଯୋଗେ ଯାତ୍ରୀ ତଥା ମାଲ୍ ପରିବହନ ଉପରେ କଟକଣା କରାଯିବାର ଜରୁରି କାରଣ ରହିଛି । ସ୍ଥଳବିଶେଷରେ ଅବସ୍ଥାରେ କିଛିଟା ଉନ୍ନତି ଦେଖାଯିବା ପରେ ସେଗୁଡ଼ିକ ଉପରୁ କଟକଣା କୋହଳ କରାଯାଇଥିବା ଦେଖାଯାଉଛି । କେତେକ କ୍ଷେତ୍ରରେ କରୋନା ପଜିଟିଭ୍ ଥିବା ଲୋକଙ୍କ ନେଗେଟିଭ୍ ହୋଇ ପରବ ୀ କାଳରେ ପୁଣି ପଜିଟିଭ୍ ବାହାରୁଛି । ଯେହେତୁ ଏହି ମହାମାରୀ ସଂକ୍ରମଣ ନେଇ ବାହାରି କିଛି ପୂର୍ବ ଅଭିଜ୍ଞତା ନାହିଁ, ତେଣୁ ଆକଳନ ବିଫଳ ହେଉଛି । ଜରୁରୀ କାର୍ଯ୍ୟ ନଥିଲେ ବାହାରକୁ ବାହାରିବା ଉପରେ ନିଷେଧାଜ୍ଞାକୁ ବହୁ ଦେଶ ତଥା ପରିବାର ବେଦବାକ୍ୟ ଭଳି ମାନିଆସୁଛନ୍ତି । କିନ୍ତୁ ମାସ ମାସ ଧରି ଘରର ଚାରିକାନ୍ଥ ଭିତରେ ଅଟକି ରହି ଅଣନିଃଶ୍ୱାସ ଲାଗୁଛି କହି ବହୁ ଲୋକ ରାସ୍ତାଘାଟ, ବଜାର, ଛକରେ ବୁଲୁଛନ୍ତି । ଏହା ଜାଣିଶୁଣି ବିପଦକୁ ବରଣ କଲାଭଳି ହେଉଛି । ଯେତେ ମାସ୍କ ପିନ୍ଧନ୍ତୁ କି ସାମାଜିକ ଦୂରତ୍ୱ ପାଳନ୍ତୁ, ନିଜ ନିରାପ । ନେଇ ଏମିତି କିଛି କାର୍ଯ୍ୟ କରନ୍ତୁ ନାହିଁ, ଯାହାଦ୍ୱାରା ନିଜର, ପରିବାରର ଓ ରହୁଥିବା ବସତିରେ ଗଣସଂକ୍ରମଣ ପାଇଁ ବାଟ ଖୋଲିଯିବ । ବିପଦ ବରଣ କଲାପରେ କେହି ଦାତା ଦଇବ ରହିନଥିବେ ଯେଉଁ ସମୟରେ ତମାମ୍ ବିଶ୍ୱବାସୀ କରୋନା ବିରୋଧରେ ଲଢ଼ୁଛନ୍ତି, ସେତେବେଳେ ସାମାନ୍ୟ ଖାମଖିଆଲି କିଭଳି ମହଙ୍ଗା ମୂଲ୍ୟ ଦେବାକୁ ସମସ୍ତଙ୍କ ବାଧ୍ୟ କରିବ, ତାହାର ରହିବ ଶହ ଶହ ପ୍ରମାଣ । ଏମିତିରେ ସାମାଜିକ ସମ୍ପର୍କ ଉପରେ କରୋନା ଚୋଟ ଲାଗିଛି, ଅର୍ଥନୀତି ଏବଂ ଜୀବନ ଜୀବିକା ଜୀବିକା ବିପର୍ଯ୍ୟସ୍ତ ହୋଇସାରିଛି । ତାହାରି ଭିତରେ ଦେଖିବା ସଭ୍ୟତାର ବିଲୟ ପାଇଁ ଆମରି କାର୍ଯ୍ୟ କଦାପି ଅସ୍ତ୍ର ନସାଜୁ ।

# ଦୀନବନ୍ଧୁ ଗୋପବନ୍ଧୁ


ବିପିନ ବିହାରୀ ମହାନ୍ତି




ଗୋପବନ୍ଧୁ ଓଡ଼ିଶାର ମଣି, ଉତ୍କଳମଣି କେଶ ସମାଜସେବୀ, ସମାଜ ସଂସ୍କାରକ, ସକ୍ରିୟ ରାଜନୀତିଜ୍ଞ, ସାମ୍ବାଦିକ, କବି, ପ୍ରାବନ୍ଧିକ, ବିଶିଷ୍ଟ ଶିକ୍ଷାବିତ୍ ଓ ଓକିଲ ଭାବରେ ବେଶ୍ ଜଣାଶୁଣା ଥିଲେ । ସେ ୯ ଅକ୍ଟୋବର ୧୮୭୭ ମସିହାରେ ପବିତ୍ର ଦଶହରା ଦିବସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀ ଦୈତାରୀ ଦାସ ଓ ମାତାଙ୍କ ନାମ ହେଉଛି ସ୍ୱର୍ଣ୍ଣମୟୀ ଦେବୀ । ସେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଶୈଶବରୁ ସେ ଥିଲେ ମାତୃହରା ।

ପ୍ରଥମେ ତାଙ୍କର ବାଲ୍ୟଶିକ୍ଷା ଗାଁ ଚାଟଶାଳୀରେ ହୋଇଥିଲା । ୧୮୯୩ ମସିହାରେ ସେ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ । ସେଇଠି ତାଙ୍କର ଗୁରୁ ମୁକ୍ତିଆର ରାମଚନ୍ଦ୍ରଙ୍କ ସହିତ ସାକ୍ଷାତ୍ ହେଲା । ସେ ପାଲଟିଗଲେ ଗୋପବନ୍ଧୁଙ୍କର ଦିଗ୍‌ଦର୍ଶକ ଏବଂ ଦେଶସେବୀର ପଥପ୍ରଦର୍ଶକ । ଗୋପବନ୍ଧୁ ପୁରୀରେ ପଢ଼ୁଥିଲା ବେଳେ ପୁରୀରେ ଏକ ଭୟଙ୍କର ହଇଜା ହୋଇଥିଲା ଯେଉଁଥିରେ ପାଖାପାଖି ୭୫ ହଜାର ଲୋକ ମରିଥିଲେ । ଗୋପବନ୍ଧୁ ପୁରୀରେ ଏକ ସେବା ସମିତି ଗଠନ କରି ଏହି ହଇଜା ଆକ୍ରାନ୍ତ ରୋଗୀଙ୍କର ସେବା କରିବା ସହିତ ରାତିଦିନ ଲାଗି ସେମାନଙ୍କର ଶବ ସତ୍କାର କରୁଥିଲେ । ତାଙ୍କର ଏହି ହଇଜା ସେବାରୁ ପୁରୀ ଗଢ଼ିଉଠିଲା କଲେରା ଡାକ୍ତରଖାନା ବା କଲେରା ହସ୍‌ପିଟାଲ ନାମରେ ଯାହାକି ଏବେ ପରିଚିତ ।

ଛାତ୍ରାବସ୍ଥାରୁ ସେ ଥିଲେ ଜଣେ ବିପ୍ଳବୀ । ତେଣୁ ସେ କୌଣସି ପ୍ରକାର ଅନ୍ୟାୟକୁ ବରଦାସ୍ତ କରିପାରୁନଥିଲେ । ଏମିତିକି ତତ୍କାଳୀନ ଶିକ୍ଷାଅଧିକାରୀ ଶ୍ରୀ ରାଧାନାଥ ରାୟଙ୍କୁ ମଧ୍ୟ ଆକ୍ରମଣ ନକରି ଛାଡ଼ି ଦେଇନଥିଲେ । ଅବଶ୍ୟ ପରବର୍ତ୍ତୀ ସମୟରେ ସେ ପାଲଟିଗଲେ ରାଧାନାଥ ରାୟଙ୍କର ଜଣେ ବିଶିଷ୍ଟ ବନ୍ଧୁ ।

ମାତ୍ର ୧୨ ବର୍ଷରେ ସେ ଅପର୍ତ୍ତା ଦେବୀଙ୍କୁ ବିବାହ କରିଥିଲେ । ବିବାହ ତାଙ୍କ ପଢ଼ାରେ ପ୍ରତିବନ୍ଧକ ନଥିଲା । ପୁରୀରୁ ମାଟ୍ରିକ୍ ପାସ୍ ପରେ ସେ ରେଭେନ୍ସା ମହାବିଦ୍ୟାଳୟରେ ନାମ ଲେଖାଇଲେ । ଠିକ୍ ଏତିକିବେଳେ ତାଙ୍କର ପିତୃବିୟୋଗ ହେଲା । ତଥାପି ଧୈର୍ଯ୍ୟ ନହରାଇ ସେ ପଢ଼ା ଚାଲୁ ରଖିଲେ ।

ଏହି ସମୟରେ ବଙ୍ଗୀୟମାନେ ଓଡ଼ିଆ ଭାଷାର ବିଲୋପ ପାଇଁ ଚକ୍ରାନ୍ତ ଆରମ୍ଭ କରିଥାଆନ୍ତି । କ୍ରାନ୍ତି ଲାଲ ଭଟ୍ଟାଚାର୍ଯ୍ୟଙ୍କ ଭାଷାରେ 'ଓଡ଼ିଆ ଏକଟା ଭାଷା ନୟେ, ଗୋପବନ୍ଧୁ ଏହା ବିରୋଧରେ ଆନ୍ଦୋଳନ କଲେ । ସେ 'କର୍ତ୍ତବ୍ୟବୋଧିନୀ' ସମିତି ଗଠନ କରି ତା ମାଧ୍ୟମରେ ଏହାର ତୀବ୍ର ପ୍ରତିବାଦ କଲେ । ତାଙ୍କର ଆହ୍ୱାନ ଥିଲା 'ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ପରିଚୟ ହେଉଛି ତା ଭାଷା । ଭାଷା ହିଁ ଜାତିର ପ୍ରାଣସ୍ପନ୍ଦନ' । ଏନେଇ ରାମଚନ୍ଦ୍ର ଦାଶ ଓ ଗୋପବନ୍ଧୁଙ୍କ ଉଦ୍ୟମରେ ରମ୍ଭାଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା । ୧୯୦୩ ମସିହାରେ ମଧୁସୂଦନ ଦାସଙ୍କ ଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ସେ କଟକରେ ଯୋଗଦେଇଥିଲେ । ଏତିକି ବେଳେ ତାଙ୍କ ପ୍ରଥମ ପୁତ୍ରସନ୍ତାନଙ୍କ ମୃତ୍ୟୁ ଘଟିଲା । ତଥାପି ସେ ପଢ଼ା ଓ ଦେଶସେବାରେ ଆଗୁସାର ଥିଲେ । ୧୯୦୪ରେ ରେଭେନ୍ସା କଲେଜରୁ ବି.ଏ ପାସ୍ କଲେ । ସେତେବେଳେ ସେ ଥିଲେ ଓଡ଼ିଶାର ୧୭ ନମ୍ବର ଗ୍ରାଜୁଏଟ୍ । ତାପରେ କଲିକତାରେ ବି.ଏଲ୍ ପଢ଼ିଲେ । ସେଠାରେ ପ୍ରବାସୀ ଓଡ଼ିଆଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ଭାଙ୍ଗିପଡ଼ିଲେ ଏବଂ ଏହି ଶ୍ରମିକମାନଙ୍କୁ ନେଇ ଏକ 'ଶ୍ରମିକ ସଂଘ' ଓ ସେମାନଙ୍କର ଶିକ୍ଷାର ଉନ୍ନତିକଳ୍ପେ ଏକ 'ସାଂଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ ।

ଇତିମଧ୍ୟରେ ତାଙ୍କ ୨ୟ ପୁତ୍ରର ମଧ୍ୟ ମୃତ୍ୟୁ ହେଲା ଆଉ ଯେଉଁଦିନ ବି.ଏଲ୍ ପାସ୍ ଖବର ଶୁଣିଲେ ସେଇଦିନ ତାଙ୍କ ସ୍ତ୍ରୀଙ୍କର ମଧ୍ୟ ମୃତ୍ୟୁ ହେଲା । ସତରେ ଦଇବର ଏ କି ଦଣ୍ଡ । ତଥାପି ଗୋପବନ୍ଧୁ ନିର୍ବିକାର ପୁରୁଷ ପରି ଆଗେଇ ଚାଲିଲେ । ଧନ୍ୟ ତୁମେ ଗୋପବନ୍ଧୁ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନରେ ମଧ୍ୟ ତାଙ୍କ ଭୂମିକା କମ୍ ନୁହେଁ । ମଧୁସୂଦନ ଓ ଅନ୍ୟମାନଙ୍କ ସହ ସେ ମଧ୍ୟ ଥିଲା ଅଗୁସାର । ୧୯୧୮ ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ସେବା ଥିଲା ତାଙ୍କର କର୍ମ ଏବଂ ଧର୍ମ । ବନ୍ୟା, ମରୁଡ଼ି ଓ ଯେ କୌଣସି ଦଇବ ଦୁର୍ଘଟଣା ବେଳେ ସେ ଥିଲେ ଆପତ୍କାଳୀନ ସାଥୀ । ଚୂଡ଼ା, ଚାଉଳ, ସାହାଯ୍ୟ ସହଯୋଗ ଓ ଲୋକବଳ ଧରି ସେ ଥିଲେ ତାଙ୍କ ପାଖରେ ହାଜର । ଆଖିରେ ଥିଲା ସେମାନଙ୍କ ପାଇଁ; କାନ୍ଦ ଆଉ କାନ୍ଦ । ଖାଲି କାନ୍ଦ । ସେ ସେମାନଙ୍କର ଦୁଃଖ ନେଇ ସରକାରଙ୍କର ପାଖରେ ଉପସ୍ଥାପନ କରୁଥିଲେ । ଦୁଃଖ ହାରୁଥିଲେ । ସେବା ପାଖରେ ତାଙ୍କ ପରିବାର ବି କିଛି ନୁହେଁ । ଥରେ ସେମିତି ବନ୍ୟାକାଳୀନ ସେବା ବେଳେ ସେ ବାର୍ତ୍ତା ପାଇଲେ ଯେ ତାଙ୍କ ପୁତ୍ର ଶଯ୍ୟାଶାୟୀ । ତାଙ୍କୁ ଯିବାକୁ ହେବ । ସେ ଗଲେ ନାହିଁ ଏବଂ ଓଲଟ କହିଲେ : ମୋ ପୁଅ ପାଇଁ ଜଗନ୍ନାଥ ଅଛନ୍ତି । ଅଛନ୍ତି ଅନ୍ୟମାନେ । ସେମାନେ ବୁଝିବେ ।... । ଯାହା ଘଟିବା କଥା ଘଟିବ । ଏଠି ଶହ ଶହ ସନ୍ତାନ ବି ଦୁର୍ଦ୍ଦଶାରେ ଅଛନ୍ତି ଦେଖିପାରୁଛ ? ମୁଁ ଏମାନଙ୍କୁ ଛାଡ଼ି କେମିତି ଯିବି ? ପୁଅ ଚାଲିଗଲା । ସେ ଗଲେ ନାହିଁ । କେମିତି ବାପା ଇଏ ?

ଆଉ ଥରେ ବନବିଦ୍ୟାଳୟ ଥିବା ବେଳେ ସେ ଘର ଭିତରେ ଶୋଇଥାନ୍ତି । ତାଙ୍କ ପାଖରେ ଶୋଇଥାନ୍ତି ତାଙ୍କର ବିଶ୍ୱସ୍ତ ସେବକ ରାମଚନ୍ଦ୍ର ବାରିକ । ବାହାର ବାରଣ୍ଡାରେ ଶୋଇଥାନ୍ତି ଆଚାର୍ଯ୍ୟ ହରହର । ପ୍ରବଳ ବର୍ଷା ତାଙ୍କ ନିଦ ଭାଙ୍ଗିଗଲା । ସେ ଉଠିକି ଭୋ ଭୋ କାନ୍ଦିଲେ । ଏ କାନ୍ଦଣାରେ ରାମଚନ୍ଦ୍ର ବାରିକ ଓ ଆଚାର୍ଯ୍ୟ ହରିହରଙ୍କର ନିଦ ଭାଙ୍ଗିଗଲା । ସେମାନେ ପଚାରିଲେ : ଏ କ'ଣ ? ଆପଣ କାନ୍ଦୁଛନ୍ତି କାହିଁକି ?

ସେ କହିଲେ : ଦେଖିପାରୁନ ମୂର୍ଖ । ଇଏ କିମିତି ବର୍ଷୁଛି । ମାସେ ତଳେ ମୁଁ ଦେଖି ଆସିଥିବା ଭଙ୍ଗା କାନ୍ଥ ଓ ଚାଳ ଉଡିଯାଇଥିବା କୁଡ଼ିଆରେ ମୋ ପିଲାଏ ବଂଚିଥିବେ କେମିତି ?

ଏ ହେଉଛନ୍ତି ଦୀନବନ୍ଧୁ, 'ଦୀନବନ୍ଧୁ ଗୋପବନ୍ଧୁ' । ତାଙ୍କର ବିଶ୍ୱାସ ଥିଲା ଯେ ସମାଜର ଉନ୍ନତି ପାଇଁ ଶିକ୍ଷା ହିଁ ଏକମାତ୍ର ଆଧାର । ଶିକ୍ଷା ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ । ଏଣୁ ସମାଜର ପ୍ରଗତି ଓ ଉନ୍ନତିକଳ୍ପେ ତଥା ମୁକ୍ତାଆର୍ ରାମଚନ୍ଦ୍ର ଦାଶଙ୍କ ପରାମର୍ଶ ଓ ମଧୁସୂଦନ ଦାସଙ୍କ ନିଷ୍ପତି କ୍ରମେ ୧୯୦୯ରେ ସେ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା ବନରେ ଗଢ଼ିଲେ ସତ୍ୟବାଦୀ ବନବିଦ୍ୟାଳୟ । ଏହା ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନର ଢ଼ାଂଚାରେ ଗଢ଼ାଗଲା ଏବଂ ଏହାର ଉଦ୍ଦେଶ୍ୟ ଥିଲା ଯେ ଏଠାକାର ଶିକ୍ଷାଦ୍ୱାରା ଯେପରି ଜଣେ ଛାତ୍ରର ଶାରୀରିକ, ମାନସିକ ଓ ଆଧାତ୍ମିକ ଉନ୍ନତି ହେଉ । ଏକ ପ୍ରାକୃତିକ ପରିବେଶ ମଧ୍ୟରେ ଏହା ଥିଲା ଏକ ଆବାସୀ ବିଦ୍ୟାଳୟ ଯେଉଁଠି ଗୁରୁଶିଷ୍ୟଙ୍କ ସଂପର୍କ ଥିଲା ପୂର୍ଣ୍ଣ, ପବିତ୍ର ଓ ମଧୁମୟ । ଏଇଠୁ ସୃଷ୍ଟି ହେଉଥିଲେ ଅନେକ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ।

ଜଣେ ଓକିଲ ହିସାବରେ ସେ ବିଫଳ କାରଣ ଗରିବ ଲୋକଙ୍କୁ ଶୋଷଣ କରିବା ତାଙ୍କର ମନୋବୃତ୍ତି ନଥିଲା । ଓଲଟି ସେ ସେମାନଙ୍କର ସମସ୍ୟାକୁ କଚେରୀ ଦୁଆର ମୁହଁରୁ ମାଗଣା ମାଗଣାରେ ଆଶୁ ଆପୋଷ ସମାଧାନ କରି ଛାଡ଼ି ଦେଉଥିଲେ । କାହାକୁ ସର୍ବସ୍ୱାନ୍ତ ହେବାକୁ ସେ ଦେଉନଥିଲେ । ଗୋପବନ୍ଧୁ ମଧୁସୂଦନ ଦାସଙ୍କ ପାଖରେ ଓକିଲାତି କରୁଥିଲେ । ସେ ତାଙ୍କର ପରାମର୍ଶକ୍ରମେ ମୟୂରଭଂଜର ରାଜା ଶ୍ରୀରାମଚନ୍ଦ୍ର ଭଂଜଙ୍କର ସହକାରୀ ଓକିଲ ଭାବରେ ଯୋଗଦେଇ ବେଶ୍ ଶ୍ରଦ୍ଧାଭାଜନ ଓ ନାଁ କମାଇଥିଲେ । ତାଙ୍କର ସାଧୁତା ଓ ମଣିଷ ପଣିଆ ରାଜାଙ୍କୁ ବେଶ୍ ପ୍ରୀତ କରିଥିଲା । ରାଜାଙ୍କ ମୃତ୍ୟୁ ପରେ ସେ ମୟୂରଭଂଜ ଛାଡ଼ିଥିଲେ ।

ପ୍ରଥମରୁ ଗୋପବନ୍ଧୁ ରାଜନୀତିର ଧାର ଧରୁନଥିଲେ । ଅଥଚ ମଧୁବାବୁଙ୍କ ପ୍ରରୋଚନାରେ ସେ ୧୯୧୭ରୁ ୧୯୨୧ ପର୍ଯ୍ୟନ୍ତ ଓଡ଼ିଶା-ବିହାର ବିଧାନସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ସେ ମଧ୍ୟ ୧୯୨୦ରେ କଲିକତାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ ଯେଉଁଠି ଗାନ୍ଧୀଙ୍କ ଆଦର୍ଶ ପ୍ରତି ସେ ଆକର୍ଷିତ ହୋଇଥିଲେ । ତାଙ୍କରି ନିମନ୍ତ୍ରଣରେ ଗାନ୍ଧିଜୀ ପ୍ରଥମ କାଠଯୋଡ଼ି ଠାରେ ଅସହଯୋଗ ଭାଷଣ ଓ ଆନ୍ଦୋଳନର ମୂଳଦୂଆ ଓଡ଼ିଶାରେ ପକାଇଥିଲେ । ଗୋପବନ୍ଧୁ ଥିଲେ ଓଡ଼ିଶା କଂଗ୍ରେସ ପ୍ରଦେଶ କମିଟିର ପ୍ରଥମ ଅଧ୍ୟକ୍ଷ । ସେ ତାଙ୍କ ପ୍ରଚେଷ୍ଟାରେ ଓ କଂଗ୍ରେସକର୍ମୀଙ୍କ ସହାୟତାରେ କଟକରେ ସ୍ୱରାଜ ସେବକ ସଂଘ ଓ ଆଶ୍ରମ ଗଠନ କରିଥିଲେ । ଯେଉଁଥିପାଇଁ ସେ ବ୍ରିଟିଶ ସରକାରଙ୍କର ଚକ୍ଷୁଶୀଳ ହେଲେ । ସେଥିପାଇଁ ସେ ୧୯୨୨ ମେ ୩୧ରେ ଗିରଫ ହୋଇ ୨ ବର୍ଷ ପାଇଁ ଜେଲ୍ ଭୋଗିଲେ ଏବଂ ୧୯୨୪ ମସିହା ଜୁନ୍ ୨୬ ଜାନୁୟାରୀରେ ହଜାରିବାଗ୍ ଜେଲରୁ ମୁକ୍ତ ହୋଇଥିଲେ । ତାଙ୍କୁ ଟ୍ରେନ୍ ଯୋଗେ କଟକ ଆସିବା ବେଳେ ଓ କଟକରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରାଯାଇଥିଲା ।

ଓଡ଼ିଶା ଲୋକଙ୍କ ଦୁର୍ଦ୍ଦଶା ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ, ଅହିଂସା ଆନ୍ଦୋଳନ, ମହାତ୍ମାଗାନ୍ଧିଙ୍କ ବାର୍ତ୍ତା ଓ ଜାତୀୟ ଆଭିମୁଖ୍ୟ ପ୍ରଚାର ତଥା ଜନସାଧାରଣଙ୍କୁ ଅବଗତ କରାଇବା ପ୍ରୟାସରେ ସେ ୧୯୧୪ରେ ସତ୍ୟବାଦୀରୁ ଏକ ମାସିକ ପତ୍ରିକା 'ସତ୍ୟବାଦୀ' ଏବଂ ୪ ଅକ୍ଟୋବର ୧୯୧୯ ମସିହା ଦଶହରା ତିଥିରେ ଆରମ୍ଭ କରିଥିଲେ ସାପ୍ତାହିକ ସମାଜ । ପରେ ଏହି ସମାଜ ୧୯୨୪ରୁ ପୁରୀରୁ ଓ ୧୯୨୭ ମସିହାରୁ କଟକରୁ ପ୍ରକାଶିତ ହେଲା । ୧୯୩୦ରୁ ସାପ୍ତାହିକ ସମାଜ ଦୈନିକରେ ପରିଣତ ହେଲା । ଏ ସମାଜରେ ଇଂରେଜ ସରକାରଙ୍କର ଦୁର୍ନୀତି ଓ ଶୋଷଣ ବିରୁଦ୍ଧରେ ସେ ତାଙ୍କର ଶାଣିତ ଲେଖନୀ ଚାଳନା କାରଣରୁ ୧୯୨୨ରେ କାରାବରଣ ମଧ୍ୟ କରିଥିଲେ । ୧୯୨୪ ଜୁନ୍ ୨୭ରେ ସେ କାରାମୁକ୍ତ ହେଲେ ଏବଂ ଏହି ଅବସରରେ ତାଙ୍କୁ ଏକ ବିଶାଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେଇଠି ଭାଷଣରେ ବିଶିଷ୍ଟ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ରାୟ ତାଙ୍କୁ ଉତ୍କଳମଣି ବୋଲି ସମ୍ବର୍ଦ୍ଧିତ କରିଥିଲେ ଏବଂ ଉପାଧିକୁ ସମବେତ ଜନତାର କରତାଳି ଧ୍ୱନିରେ ସ୍ୱୀକୃତି ପ୍ରଦାନ କରିଥିଲେ । ସେବେଠୁ ସେ ହେଲେ 'ଉତ୍କଳମଣି ଗୋପବନ୍ଧୁ' । ଏହି କାରବାସ ବେଳେ ସେ ତାଙ୍କର 'କାରାକବିତା ଓ ବନ୍ଦୀର ଆତ୍ମକଥା' ରଚନା କରିଥିଲେ ।

ଗୋପବନ୍ଧୁଙ୍କର ତ୍ୟାଗ ଓ ଦରଦୀ ହୃଦୟରେ ପ୍ରୀତ ହୋଇ ଲାଲା ଲଜପତ ରାୟ ତାଙ୍କୁ ଲୋକସେବକ ମଣ୍ଡଳର ସଦସ୍ୟ ରୂପେ ଗ୍ରହଣ କରିଥିଲେ । ପରେ ଗୋପବନ୍ଧୁ ଥିଲେ ଏହି ଅନୁଷ୍ଠାନର ଉପାଧ୍ୟକ୍ଷ ।


▶▶ପୃଷ୍ଠା ୭


# ହାତରସ କାଣ୍ଡ ଓ ବୈଦ୍ୟୁତିକ ଗଣମାଧ୍ୟମ


ଇଂ. ବିଦ୍ୟାଧର ପଣ୍ଡା




ଉ ର ପ୍ରଦେଶର ହାତରସ କାଣ୍ଡ ଘଟଣାରେ ସାରା ଦେଶ ଆଜି ମର୍ମାହତ । ବୈଦୁତିକ ଗଣମାଧ୍ୟମର ବଦୌଲତ ପୁଣିଥରେ ସେହି ୨୦୧୨ ମସିହାରେ ଦିଲ୍ଲୀ ସହରର ନିର୍ଭୟା ଏବଂ ୨୦୧୯ ମସିହାରେ ହାଇଦ୍ରାବାଦ୍ ସାଦ୍‌ନଗରର ଝିଅ ପ୍ରିୟଙ୍କା ସହ ଘଟିଥିବା ପାଶବିକ ଅତ୍ୟାଚ୍ଚର ଘଟଣାକୁ ସମସ୍ତ ଦେଶବାସୀଙ୍କ ମନେ ପଡିଯାଇଛି । ପ୍ରଥମଥର ପାଇଁ ଲୋକମାନେ ଅନୁଭବ କରୁଛନ୍ତି ବୈଦୁତିକ ଗଣମାଧ୍ୟମ ଗୁଡିକ ମଧ ସରକାରୀ ଏବଂ ବିରୋଧୀଦଳ ଭିତରେ ବାଂଟି ହୋଇ ଯାଇଛନ୍ତି । ଗୋଟିଏ ଗଣମାଧ୍ୟମରେ ଆପଣ ଦେଖିବାକୁ ପାଇବେ ଯେ କିଛି ରାଜନେତା ପିଡିତାଙ୍କ ଘରକୁ ସମ୍ବେଦନା ବ୍ୟକ୍ତ କରିବାକୁ ଯିବାକୁ ଚ୍ଚହୁଁଛନ୍ତି ଏବଂ ସେହି ଏକା ସମୟରେ ଅନ୍ୟ ଏକ ଗଣମାଧ୍ୟମ ଖୋଲିଲେ ଦେଖିବେ ସେହି ରାଜନେତା ସେଠାକୁ ଯିବାପୂର୍ବରୁ ଦଙ୍ଗା କରିବାକୁ ଯୋଜନା କରିଛନ୍ତି ଏବଂ ପିଡିତା ପାଖକୁ ଯିବାବାଟରେ ଖଳନାୟକ ପରି ହା ହା ହା ଅଟ୍ଟହାସ୍ୟ ସହ ମଜା ମଜଲିସ୍ କରି ଚ୍ଚଲିଛନ୍ତି । ଦୁଇଟି ଯାକ ଗଣମାଧମ ଟିଆର୍‌ପି ରେଟିଂରେ ଉଣିସି ବିଶ୍ । ଅର୍ଥାତ୍ ଜଣେ ଏକ ନମ୍ବର ହେଲାବେଳକୁ ଅନ୍ୟଜଣେ ଦୁଇ ନମ୍ବର । ଜଣେ ସରକାର ସପକ୍ଷରେ ମତ ବ୍ୟକ୍ତ କଲା ବେଳେ ଅନ୍ୟଜଣେ ସରକାର ବିରୁଦ୍ଧରେ ଅର୍ଥାତ୍ ବିରୋଧୀଙ୍କ ସପକ୍ଷରେ ମତାମତ ପରିବେଷଣ କରୁଛନ୍ତି । ଏମିତିରେ ସାଧାରଣ ଜନତା ବିଭ୍ରାନ୍ତ ହେବା ସ୍ୱାଭାବିକ କଥା । କୋଉଟା ସତ କୋଉଟା ମିଛ, କେମିତି ଜାଣିବା ?

ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ବୋଲି କୁହାଯାଏ । ଏମାନଙ୍କ ଠାରୁ ନିରପେକ୍ଷତା ଆଶା କରାଯାଏ । ଏବେ ଏହି ହାତରସ ଘଟଣାରେ ଜଣା ପଡୁଛି ଯାହା ସବୁ ଗଣମାଧମରେ ଦେଖାଯାଇଛି ତାହା ଅର୍ଦ୍ଧସତ୍ୟ । ମୁଖ୍ୟ ଆରୋପି ସନ୍ଦିପ ଏବଂ ପିଡିତାଙ୍କ ମଧରେ ଦେଢବର୍ଷ ହେବ ପ୍ରେମସମ୍ପର୍କ ଥିଲା ଏବଂ ପିଡିତାର ବଡଭାଇ ମୋବାଇଲ୍ ନମ୍ବରରେ ସନ୍ଦିପ ଘଂଟାଘଂଟା କଥା ହୁଏ ବୋଲି ଗୋଟିଏ ଗଣମାଧମରେ ପ୍ରସାରିତ ହେଉଛି । ଏସବୁ ପରେ ରିପୋର୍ଟରେ ଦର୍ଶାଯାଉଛି ଯେ ଯୌନ ବଳାତ୍କାର ହୋଇନାହିଁ । ତେବେ ଏସବୁ ଭ୍ରମ ପସାରିତ କରି ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିବାରେ କାହାର ସ୍ୱାର୍ଥ ? ସମୟ ଆସିଲାଣି ଗଣମାଧମ ଉପରେ ବି ଅଂକୁଶ ଲାଗିବା ଦରକାର । ସେମାନେ ଲଗାମଛଡା ହୋଇ ଟିଆର୍‌ପି ପଛରେ ଧାଇଁଧାଇଁ ଯାହା ଚ୍ଚହିଁବେ ତାହା ଦେଖାଇଲେ କେମିତି ଚଳିବ ! ଆଉ ଅଳ୍ପଦିନରେ ସମସ୍ତ ଗଣମାଧମ ଏବଂ ପ୍ରମୁଖ ପତ୍ରକାରମାନଙ୍କ ମସ୍ତକରେ ଟ୍ୟାଗ୍ ଲାଗିଯିବ । ପ୍ରଥମରୁ ଲୋକମାନେ ଭଲରେ ଜାଣିଯିବେ ଏମାନେ ସରକାରୀ ଦଳର ଆଉ ଏମାନେ ବିରୋଧୀ ଦଳର । ଯେଉଁଠାରେ ସବୁ କ୍ଷତ୍ରିୟ ଦଳମାନେ ଶାସନ କରୁଛନ୍ତି ସେମାନଙ୍କର ବି କିଛି ରହିବେ । ଦୁଇ ଜାତୀୟ ଦଳ ବିଜେପି ଏବଂ କଂଗ୍ରେସ ପାଇଁ ପ୍ରଥମେ ଦୁଇଭାଗ ହେଲାପରେ ବଳକା କିଛି କ୍ଷତ୍ରିୟ ଦଳପାଇଁ ଖେଳିବେ । ଯେଉଁଠାରେ କ୍ଷତ୍ରିୟଦଳ ଗଠବନ୍ଧନ ସରକାର ଗଢିଛନ୍ତି ସେଠାରେ ବି ସେମିତି ଗଣମାଧମକୁ ବିଶେଷ କରି ଦୁଇଭାଗରେ ବିଭକ୍ତ ହେବାକୁ ପଡିବ । ଯେମିତି ଏବେ ମହାରାଷ୍ଟ୍ରରେ ହାଇଭୋଲ୍ଟେଜ ଡ୍ରାମାରେ ଶିବସେନା, ଏନ୍‌ସିପି ଓ କଂଗ୍ରେସ ସପକ୍ଷରେ କିଛି ଗଣମାଧମ ବାହାରି - ଜଷ୍ଟିସ୍ ଫର୍ ରିୟା ଚକ୍ରବ - ଚିତ୍କାର କରୁଥିବା ବେଳେ ଏହାକୁ ବିରୋଧ କରି ଅନ୍ୟମାନେ - ଜଷ୍ଟିସ୍ ଫର୍ ସୁଶାନ୍ତ ସିଂ ରାଜପୁତ୍ - ବୋଲି ଦିନରାତି ଗଳାଫଟେଇ କାନ ବଧିରା କରୁଛନ୍ତି । ମଝିରେ ମଝିରେ ଡ୍ରାମାରେ ଫିକ୍ସନ୍ ଭଲ ରହୁଛି ।

ସୁଶାନ୍ତ ସିଂ ରାଜପୁତ୍ ଘଟଣାରେ ଏବେ ଯେମିତି ଜଣେ ଡାକ୍ତର ଏକ ଗଣମାଧମରେ କହି ପକେଇଲେ ସୁଶାନ୍ତ ସିଂ ରାଜପୁତ୍ ଆତ୍ମହତ୍ୟା କରିଛି । କିନ୍ତୁ ସେହି ମହାଶୟ ଦେଢମାସେ ପୂର୍ବରୁ କେତେକେତେ କଥା କହିଛନ୍ତି ଯାହା କି ହତ୍ୟା ଆଡକୁ ଇଙ୍ଗିତ କରୁଥିଲା । ଗୋଟିଏ ମୁହଁରେ ଉଆ ଉଷୁନା । ଡି କମ୍ପାନୀର ହାତ ବହୁତ ଲମ୍ୱା । ଛାର ଡାକ୍ତରଟାଏ କ'ଣ ତା'ଙ୍କ ବିରୁଦ୍ଧରେ ଯିବ ! ତାଙ୍କରି ମୁହଁରୁ ବାହାରିଥିଲା ଯେ ଭିଡିଓ କ୍ୱାଲିଟି ଭଲ ନାହିଁ, ପୋଷ୍ଟମଟମ ରିପୋର୍ଟରେ ମୃତ୍ୟୁର ସମୟ ଉଲ୍ଲେଖ କରାଯାଇନି, ଫଟୋରୁ ଜଣା ପଡୁଛି ଯେ ଶରୀରରେ କ୍ଷତ ଅଛି, ଆଉରି କେତେ କ'ଣ ପରୀକ୍ଷା ହେବା କଥା ଇତ୍ୟାଦି ଇତ୍ୟାଦି.. । ପାଖ ଲୋକମାନେ କହିଲେ ଚ୍ଚବି ତିଆରିକଲାବାଲାକୁ କାହିଁକି ଘର ଭିତରକୁ ଝାଙ୍କିବାକୁ କିଏ ଜଣେ ମନା କଲା ? ବେକରେ ପଙ୍ଖାରୁ ଝୁଲୁଥିବା ଲୁଗାଦାଗ ଜାଗାରେ କୁକୁର ବେକରେ ଥିବା ନାଲି ଚମଡା ବେଲ୍ଟଦାଗ, ଗୋଡ ଫୁଲିଥିଲା ଏବଂ ଭାଙ୍ଗିଥିଲା ପରି ଲାଗୁଥିଲା, ରାତି ବାରଟାରେ ତରବରିଆ ଭାବରେ ପୋଷ୍ଟମଟମ ସାରି ଶବସତ୍କାର କାହିଁକି ହେଲା ? ମହାରାଷ୍ଟ୍ର ପୁଲିସ ବିହାର ପୁଲିସକୁ ସହଯୋଗ ପରିବ ୍ ଅସହଯୋଗ କରି କ୍ୱାରାଂଟାଇନ୍ କାହିଁକି କଲେ ? କଥାକଥା କେ ସୟ ରାଓତ, ଶରତ ପାୱାର ଓ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ପରି ଦିଗ୍‌ଗଜ ନେତାଙ୍କର ପ୍ରତିକ୍ରିୟା ମୂଳକ ବୟାନବାଜି କାହିଁକି ହେଉଥିଲା ? ଘରେ ଯେଉଁମାନେ ଥିଲେ ସେମାନେ ପାର୍ଟି ବିଷୟରେ କ'ଣ କହିଲେ ? କେଉଁ କେଉଁମାନେ ସବୁ ସେ ପାର୍ଟିରେ ଯୋଗ ଦେଇଥିଲେ । ସୁଶାନ୍ତ ପଇସା ଡ୍ରଗ ପେଡାଲର୍ ଆକାଉଁଟ୍‌ରୁ ରିୟା ଚକ୍ରବ ମାଆ ଆକାଉଁଟ୍‌କୁ କାହିଁକି ଯାଉଥିଲା ? ଏମିତି ଅନେକ କଥା ଯାହା ଲୋକ ଲୋଚନକୁ ପ୍ରଥମରୁ ଆସିଥିଲା ଅନେକ ବିଶ୍ୱାସ କରନ୍ତି ଯେ ଏହା ଏକ ହତ୍ୟା ଘଟଣା । ଆଦୌ ଆତ୍ମହତ୍ୟା ନୁହେଁ । (କ୍ରମଶଃ)


+ ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶାଖା ନଗର, ଡୁମୁଡୁମା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧,
bdpanda1@gmail.com


## କବିତା କୋଣାର୍କ

### ପାଞ୍ଚଟି କବିତା...


ଶରତ ଚନ୍ଦ୍ର ଜାଲି


"ନଈ"
ନଈ ତୁ ବହୁଛୁ ଅନନ୍ତକାଳରୁ
ତୃଷାର୍ତ୍ତୀ କି ଦେଇ ଜଳ
ବାଧାବିଘ୍ନ ପାଇଁ ଅଟକିଯାଇନୁ
ବହୁଛୁ ତୁ କଳକଳ ।

ତୋର ଜଳରାଶି ଅପରରକୁ ଦେଇ
କରୁ ଜଗତ କଲ୍ୟାଣ
ମୁଁ କ୍ଷୁଦ୍ର ମାନବ ତୋପରି ହେବିକି
ହୃଦୟେ ବହି ତୋ ଗୁଣ ।

"ସାଗର"
ଅନନ୍ତ ଗଭୀର ଅନନ୍ତ ତୋ ଜଳ
ଆଖି ପାଏନାହିଁ ମୋର
ରତନ ଭଣ୍ଡାର ଗରଭେ ଧରିଛୁ
ଆରେ ବିଶାଳ ସାଗର ।
ସଂପଦକୁ ରଖି ଗର୍ବ କରୁନାହୁଁ
ବିଶାଳ ଗୁଣକୁ ଧରି
ତୋ ଗୁଣ ସାଉଁଟି ଗର୍ବ, ଅହଂକାର
ନିମିଷକେ ଯାଉ ସରି ।

"ଦୀପ"
ଅନ୍ଧକାର ନାଶେ ଆଲୋକ ପ୍ରକାଶେ
ଆପଣାକୁ ଆପେ ଜାଳି
ଜଳିଜଳି ଶେଷେ ଲିଭିଗଲେ ଦୀପ
ମନେ ତା ନଥାଏ ଅଳି ।
କ୍ଷୁଦ୍ର ହେଲେ ମଧ ଦୀପଶିଖା ତୋର
ସତ୍ ମାର୍ଗ ଦେଖାଏ ମତେ
ଜ୍ଞାନର ଆଲୋକ ଦେବୁ କି ପରଶି
ଏଇ ମୋର ହୃଦଗତେ ।

"ଫୁଲ"
ଫୁଟିଲା ଫୁଲ ତୁ ଫୁଟି ମହକୁଛୁ
ମହକିବା ତୋର ଧର୍ମ
ପରକୁ ପରଶି ଜୀବନ କଳିକା
କରୁଛୁ ମହତ କର୍ମ ।
ହସି ହସାଉଛୁ ଜଗତଜନକୁ
ନାନାରଂଗ ଦେହେ ମାଖି
କ୍ଷୁଦ୍ର ହେଲେ ମଧ ବିରାଟ ଗୁଣକୁ
ହୃଦୟରେ ଅଛୁ ରଖି ।

"ଗଛ"
ଫୁଲ, ଫଳ, ଛାଇ ଅକାତରେ ଦେଇ
ସେବା କରୁ ଆରେ ଗଛ
ବିଷାକ୍ତ ଅଙ୍ଗାରକାମ୍ଳ ଶୋଷି ନେଇ
ପରିବେଶ କରୁ ସ୍ୱଚ୍ଛ ।

ସହୁଛୁ ତୁ କେତେ ଖରା, ବର୍ଷା କଷ୍ଟ
ଜଗତଜନଙ୍କ ପାଇଁ
ତୋ ପରି ସହିଷ୍ଣୁ ହେବାକୁ ଜୀବନେ
ଆଶା କରିଅଛି ମୁହିଁ ।


+ ଶିକ୍ଷକ
ପଥରା, ଖଲ୍ଲିକୋଟ, ଗଂଜାମ
ମୋ:୭୮୭୩୯୧୭୬୫୧


### ଶରତ ଆସିଲା...




ପ୍ରତିଭା ସାହୁ


ଶରତ ଆସିଲା ମରତ ମଣ୍ଡଳେ
ହସି ହସି ନାଲି ଅଧରେ
ଶୁଭ୍ର କାଶତଣ୍ଡୀ ଶୁଭ୍ରା ବସ୍ତ୍ର ପିନ୍ଧି
ହସୁଛି ନଈ ପଠାଧାରେ ।

କଳା ବାରିଦ ଯେ ଦୂରେଇ ଯାଇଛି
ଗଗନ ଦିଶୁଛି ନିର୍ମଳ,
ନିଶବ୍ଦ ନିର୍ଜନେ ଜିଆଙ୍କର ସ୍ୱର
ଶୁଭୁନି ଆଉ ମାଟିତଳେ ।

ଶ୍ୟାମ ଶଇଳ ସବୁଜ ସମ୍ଭାରେ
ସୁଶୋଭିତ ବସୁନ୍ଧରା
ଲତା କୁଞ୍ଜେ କୁଞ୍ଜେ ଚାଳଘରେ ଫୁଟେ
ଜହ୍ନି ଫୁଲ ଭରା ଭରା ।

ସନ୍ଧ୍ୟା ଆଗମନେ ଗୋଧୂଳି ଲଗନେ
ଗାଁ ଦାଣ୍ଡେ ଶୁଭେ ହମ୍ବାରଡି
ନୀଳ ଅମ୍ବରରେ ନୀଡ଼ ମୁହାଁ ପକ୍ଷୀ
ଯାଉଥାନ୍ତି ସର୍ବେ ଉଡ଼ି ।

ସମୀରର ତାଳେ ନୃତ୍ୟ କରୁଥାଏ
ସବୁଜିମା ଧାନେ କିଆରୀ,
ଶରତରେ ଅପରୂପ ନୈସର୍ଗିକ
ଶୋଭାରେ ମନଉଠେ ପୂରି ।

ଶରତର ସନ୍ଧ୍ୟା ମନଲୋଭା ଠାଣି
ରକ୍ତିମ ଆଭାରେ ସୂରୁଯ,
ପଶ୍ଚିମ ଆକାଶେ ରଙ୍ଗ ଭରିଦେଇ
ସଢ଼େ କି, ବୁଣିଛି ମୁରୁଜ ।


+ କଇଣ୍ଡା- ହାଇସ୍କୁଲ ରୋଡ
ମୋ: ୭୦୦୮୨୩୬୯୯୧


## କବିତା କୋଣାର୍କ

### ଶିଶୁର ହସ...


ସୁଧାକର ରାଉତ


ଶିଶୁର ହସ
ଫୁଲର ବାସ
କେ ଛଡ଼ାଇପାରେ ଅଛି ସାହସ ।

ବରଷା ଧାରା
ଆକାଶ ତାରା
କୁହହ କିଏ ଗଣିପାରିବ ପରା ।

ବାୟୁର ବେଗ
କ୍ରୋଧର ରାଗ
କେ ଅଟକାଇ ପାରେ ହୋଇ ଆଗ ।

ଭୟ ମୃତ୍ୟୁର
ଆଶା ପ୍ରାଣୀର
କେ ସହଜେ କରିପାରିବ ଦୂର ।

କଥା ମୁଖରୁ
ତୀର ତୂଣୀରୁ
ଲେଉଟେ ନାହିଁ ସେ ଯିବା ସ୍ଥାନରୁ ।

ମନର ବଳ
ଆଉ କୌଶଳ
ନଥିଲେ କିଏ ସେ ହେବ ସଫଳ ।

ସମୟ ଗତି
ଦିବସ ରାତି
ଅଟକେ ନାହିଁ ସେ କଲେ ମିନତି ।

ଶ୍ରମର ମୂଲ୍ୟ
କର୍ମର ଫଳ
କେ ଟାଳି ପାରିବ କୁହ ହେ ବାଳ ।

ମାଆର ସ୍ନେହ
ମାଟିର ମୋହ
ଜୀବନେ କେ ଭୁଲିପାରିବ କୁହ ।

ଦୃଢ଼ ଭକତି
ଈଶ୍ୱର ପ୍ରୀତି
ଥିଲେ କୃପା ବାରି ବିଭୁ ସିଞ୍ଚନ୍ତି ।


+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

# ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାର ଓ ଉଚ୍ଚତମ ନ୍ୟାୟାଳୟ

ପ୍ରଦୀପ୍ତ ଆଚାର୍ଯ୍ୟ

ଦେଶରେ ୭୪ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତିର ଅବ୍ୟବହିତ ପୁର୍ବରୁ ,ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଦିନ, ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଅରୁଣ ମିଶ୍ରଙ୍କ ନେତୃତ୍ୱରେ ଗଠିତ ଏକ ତିନି ଜଣିଆ ଖଣ୍ଡପୀଠ ,ମହିଳା ମାନଙ୍କର ପୈତୃକ ସମ୍ପତି ଉପରେ ,ଉତରାଧିକାରୀ ହିସାବରେ ଅଧିକାର ସାବ୍ୟସ୍ତ ସମ୍ପର୍କୀୟ ଏକ ଗୁରୁତ୍ୱପୂର୍ଣ ଯୁଗାନ୍ତକାରୀ ନିଷ୍ପତି ଜାରୀ କରିଥିଲେ।ବିଳମ୍ବରେ ହେଲେ ମଧ୍ୟ,କନ୍ୟାମାନଙ୍କର ପିତାଙ୍କ ସମ୍ପତିରେ ଅଂଶୀଦାର ହେବା ପରି ଏକ ଆଇନ,ମହିଳା ମାନଙ୍କର ସ୍ୱାଭିମାନ,ସମ୍ମାନ ବୃଦ୍ଧି ତଥା ସାମାଜିକ କ୍ଷେତ୍ରରେ ଅବହେଳାର ଶିକାରରୁ ମୁକ୍ତି କରାଇବାରେ ସହାୟକ ହେବା ପରି ଏକ ସ୍ୱାଗତ ଯୋଗ୍ୟ ନିଷ୍ପତି। ପୂର୍ବରୁ ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ଅନୁଚ୍ଛେଦରେ ଧାରା ୧୪,୧୫.୧୫(୩),୧୬,୩୯କ, ୩୯ଖ,୩୯ଗ ଏବଂ ୪୨ ରେ ସମାନତା ଅଧିକାର ସମ୍ପର୍କରେ ବିସ୍ତୃତ ବିବରଣୀ ସ୍ଥାନୀତ ହୋଇଅଛି। ଧାରା ୧୫ରେ ଧର୍ମ,ଜାତି.ଜନ୍ମସ୍ଥାନ ଏବଂ ଲିଙ୍ଗଗତ ସମାନତା ବିଷୟ ଉଲ୍ଲେଖ ଅଛି,ଯଦ୍ୱାରା ଜଣେ ମହିଳାର ପୁରୁଷ ମାନଙ୍କ ପରି ସାମାଜିକ, ଅର୍ଥନୈତିକ,ଶିକ୍ଷା ତଥା ରାଜନୈତିକ କ୍ଷେତ୍ରରେ ସମାନ ଅଧିକାର ରହିବ। ଧାରା ୧୫(୩) ରେ ରାଜ୍ୟମାନେ,ମହିଳା ଓ ଶିଶୁ ମାନଙ୍କ ଉନ୍ନତିକଳ୍ପେ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଚଳନ କରିପାରିବାର କ୍ଷମତା ଉଲ୍ଲେଖ ଅଛି। ହିନ୍ଦୁ ଉତରାଧିକାରୀ ଆଇନ୧୯୫୬ର ଧାରା ୧୪ରେ ମହିଳା ମାନଙ୍କର ଅଧିକାର ସମ୍ପର୍କିତକୌଣସି ସ୍ପଷ୍ଟ ତଥ୍ୟ ପ୍ରଦାନ କରାଯାଇନାହିଁ। କିନ୍ତୁ ୨୦୦୫ ସେପ୍ଟେମ୍ବର ୯ ତାରିଖରେ ପାରିତ ସଂଶୋଧନ ପ୍ରସ୍ତାବରେ ପୈତୃକ ସମ୍ପତିରେ କନ୍ୟାମାନଙ୍କର ଅଧିକାର ସାବ୍ୟସ୍ତ ହେଲା ।ଉକ୍ତ ସଂଶୋଧନ ପ୍ରସ୍ତାବ ପରେ ମଧ୍ୟ ବାରମ୍ବାର ଦ୍ୱନ୍ଦ ଉପୁଜିବାରୁ ବିଭିନ୍ନ ସମୟରେ ଆଇନର ତର୍ଜମା କରାଯାଇ ଭିନ୍ନଭିନ୍ନ ମତ ରଖାଯାଇଥିଲା। କିନ୍ତୁ ଗତ ଅଗଷ୍ଟ ୧୧ତାରିଖରେ ଏହାର ବିଭିନ୍ ଦିଗ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ କନ୍ୟାମାନେ ପୈତୃକ ସମ୍ପତିର ଏକ ଅଂଶୀଦାର ବୋଲି ସ୍ପଷ୍ଟ ମତ ରଖାଗଲା। ଆଇନ ପ୍ରଣୟନ ଏବଂ ତାକୁ କାର୍ଯ୍ୟକାରୀ କରାଇବା ଦୁଇଟି ସ୍ୱତନ୍ତ୍ର କଥା। ଯୌତୁକ ଆଦାନ ପ୍ରଦାନ ଏକ ଦଣ୍ଡନୀୟ ଅପରାଧ। ପରନ୍ତୁ ଆଜିବି ଅସହାୟା ବଧୂ ଯୌତୁକ ଯନ୍ତ୍ରଣାରେ ଜର୍ଜରିତ । ପ୍ରତ୍ୟେକଦିନ ସମ୍ବାଦ ପତ୍ରର ପୃଷ୍ଠା ମଣ୍ଡନ କରୁଛି ଯୌତୁକ ଜନିତ ହତ୍ୟା ଏବଂ ଆତ୍ମହତ୍ୟା। ଏବେବି ସେ ପ୍ରଥା ସମସ୍ତଙ୍କ ଜ୍ଞାତସାରରେ ସମାଜରେ ପ୍ରଚଳିତ ଯାହାକି ପୈତୃକ ସମ୍ପତିରେ କନ୍ୟାମାନଙ୍କର ଅଧିକାର ଆଇନ ସହିତ ଅଙ୍ଗାଙ୍ଗୀଭାବେ ଜଡିତ। ନିଉୟର୍କ ୟୁନିଭରସିଟିର କିଙ୍ଗସ୍ କଲେଜ ଏବଂ ଏସେକ୍ସ ୟୁନିଭରସିଟିର ମିଳିତ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ୧୯୭୦ ରୁ ୧୯୯୦ ମଧ୍ୟରେ ଅନେକ ବଧୂହତ୍ୟା ଏବଂ କନ୍ୟାଭୃଣ ହତ୍ୟା ସଙ୍ଗଠିତ ହୋଇଅଛି। ଆଜିବି ଗୃହରେ କନ୍ୟା ସନ୍ତାନର ଆଗମନରେ ପରିବାର ସଦସ୍ୟଙ୍କ ମୁଖମଣ୍ଡଳରେ ନିରାନନ୍ଦର ଝଲକ୍। ପୁରୁଷ ପ୍ରାଧାନ୍ୟ ସମାଜରେ କନ୍ୟାର ସାମାଜିକ ସୁରକ୍ଷା ନିମନ୍ତେ ପିତା ମାତା ସନ୍ଦିହାନ। କନ୍ୟାର ବିବାହ ଏବଂ ଯୌତୁକ ନିମନ୍ତେ ବିପୁଳ ଅର୍ଥବ୍ୟୟର ଆଶଙ୍କାରେ ପରିବାର ସଦସ୍ୟ ଆତଙ୍କିତ। ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ କନ୍ୟାର ପିତା ଏବଂ ଭ୍ରାତା ବିଭିନ୍ନ ପର୍ବପର୍ବାଣିରେ ଭାର ଓ ଅନ୍ୟାନ ଜିନିଷ ଧରି କନ୍ୟା ଘରେ ପହଂଚିବା ପ୍ରଥା ଏବେ ମଧ୍ୟ ପ୍ରଚଳିତ। ବିବାହିତ କନ୍ୟାକୁ ଶାଶୁଘରେ, ତାର ପିତାମାତା କିମ୍ବା ବାପଘର ବିଷୟରେ କୌଣସି ପ୍ରକାର ନକରାତ୍ମକ ମତାମତ ତାକୁ ଭୀଷଣ ଭାବରେ ମାନସିକ ଆଘାତପ୍ରଦାନ କରିଥାଏ, ଏହା ଏକ ଚିରନ୍ତନ ସତ୍ୟ। ବିଚାରପତିଙ୍କ ଯଥାର୍ଥ ଉକ୍ତି ଥିଲା, ଝିଅଟି ସାରା ଜୀବନ ଝିଅ ହୋଇ ରହିବ କିନ୍ତୁ ପୁଅଟି ବିବାହ ପର୍ଯ୍ୟନ୍ତ ପୁଅ ହୋଇ ରହିବ। ମୋର ଜଣେ ସହକର୍ମୀ ଦୁଇଟି କନ୍ୟା ସନ୍ତାନର ଜନନୀ ହେବାପରେ ଅତ୍ୟନ୍ତ ମର୍ମାହତ ହୋଇପଡିଥିଲେ ଏବଂ ସେତିକିବେଳେ ମୁଁ ତାଙ୍କ ପାଖକୁ ଗୋଟିଏ କବିତା ପଠାଇଥିଲି ଯାହାକି ମୋର ବ୍ୟଙ୍ଗ ପସରା କବିତା ପୁସ୍ତକରେ ପ୍ରକାଶିତ। କବିତାଟି ହେଲା (ପୁଅଟି ମୋହର, ପୁଅ ହୋଇଥିବ, ମୋ ବୋହୂ ଆସିବା ଯାଏ,ଝିଅଟି ମୋହର, ଝିଅ ହୋଇଥିବ,ମୋ ଜୀବନ ଥିବା ଯାଏ। ଝିଅତ ନୁହଁଇ (Tension) ଟେନସନ୍ ଭାଇ, (ଝରଭ Son)ଟେନ୍ ସନ୍ ସାଙ୍ଗେ ସମାନ,ଦଶଟି ପୁଅର ,କାମ ଦେଖାଇବ, ଦେହେ ଥିବା ଯାଏ ଜୀବନ। ପୂର୍ବରୁ ଝିଅ ମାନଙ୍କର ଅଧିକାର ଥାଇ ମଧ୍ୟ ସେମାନେ ପିତା ଏବଂ ଭ୍ରାତାମାନଙ୍କୁ ସେମାନଙ୍କ ଭାଗକୁ ଉପଭୋଗ କରିବା ପାଇଁ ସମ୍ମତି ପ୍ରଦାନ କରିଦେଉଥିଲେ। ଈଶ୍ୱରଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ମନୁଷ୍ୟର ଦିବ୍ୟଜ୍ଞାନ,ବୁଦ୍ଧି ବିବେକ,ମାନବିକତା ସାଙ୍ଗକୁ ଷଡରିପୁ ଲୋଭ,ମୋହ କ୍ରୋଧ ଇତ୍ୟାଦି ରହିଅଛି। ନୂତନ ପ୍ରବର୍ତିତ ବ୍ୟବସ୍ଥାକୁ ପୁରୁଷ ମାନେ ସହୃଦୟତାର ସହିତ ଗ୍ରହଣ କରିନେଲେ, ପ୍ରଚଳିତ ସାମାଜିକ ପରମ୍ପରା ଯଥା କନ୍ୟାର ବିବାହ ଉତ୍ସବରେ ବିଶେଷ କିଛି ଅସୁବିଧା ହେବ ନାହିଁ। ଆମେ ଚିନ୍ତା କରିବା ଆବଶ୍ୟକ, କନ୍ୟା ସ୍ଥାନରେ ପୁତ୍ରଟିଏ ଜନ୍ମ ହୋଇଥିଲେ ସେ ମଧ୍ୟ ଏକ ଅଂଶୀଦାର ହୋଇଥାନ୍ତା। କିନ୍ତୁ ଅପରପକ୍ଷରେ ପୁଅଟି ଆମର ବୋହୂ ଆସିବା ପରେ ପରିବର୍ତନ ହୋଇଯାଉଛି କାହିଁକି ?ପିତାମାତାଙ୍କର ଅଭିଯୋଗ ବୋହୂ କଥାରେ ପରିଚାଳିତ ହୋଇ ପୁଅ ଆମଠାରୁ ଦୁରେଇ ଯାଉଛି। ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ବିଚାରପତି ପର୍ଯ୍ୟନ୍ତ ଓ ସର୍ବହରା ଠାରୁ ଆରମ୍ଭ କରି କୋଟିପତି ପର୍ଯ୍ୟନ୍ତ ସମସ୍ତେ ବୋଧହୁଏ ସ୍ତ୍ରୀ କଥାରେ ପରିଚାଳିତ ହେବା ପ୍ରକୃତିର ନିୟମ। ଏ ସମ୍ପର୍କରେ ଛୋଟ ଗପଟିଏ। ଥରେ ଜଣେ ରାଜା ଘୋଷଣା କଲେ, ସ୍ତ୍ରୀମାନଙ୍କ କଥାରେ ପରିଚାଳିତ ହେଉନଥିବା ବ୍ୟକ୍ତି ଉପଯୁକ୍ତ ପ୍ରମାଣ ଦର୍ଶାଇଲେ ସେ ସ୍ୱତନ୍ତ୍ର ଭାବରେ ପୁରସ୍କୃତ ହେବ। ଜଣେ ବ୍ୟକ୍ତି ସ୍ତ୍ରୀଙ୍କ କଥାରେ ପରିଚାଳିତ ହେଉନଥିବା ବଳିଷ୍ଠ ପ୍ରମାଣ ଦେଖାଇ ପୁରସ୍କାର ସ୍ୱରୂପ ଏକ ସୁନ୍ଦର ଧବଳ ଅଶ୍ୱ ନେଇ ଗୃହକୁ ପ୍ରତ୍ୟାବର୍ତନ କଲେ। ତାପର ଦିନ ରାଜସଭାରେ ଉପସ୍ଥିତ ହୋଇ କହିଲେ ମହାଭାଗ,ଘରେ କହିଲେ ମୋତେ ଏକ କଳା ଲାଞ୍ଜ ଥିବା ଧଳା ଘୋଡା ଦିଅନ୍ତୁ।ରାଜା ଆଦେଶ ଦେଲେ ଏ ଲୋକଠାରୁ ଘୋଡାଟି ରଖି ଏହାକୁ ବାହାରେ ଛାଡିଦେଇ ଆସ। ଝିଅଟିଏ ଯଦି ବାପମାଆଙ୍କର ଏକାନ୍ତ ନିଜର ହୋଇପାରୁଛି, ତେବେ ଶାଶୁ ଶ୍ୱଶୁରଙ୍କର ହୋଇପାରୁନାହିଁ କାହିଁକି ?ବୃଦ୍ଧ ପିତାମାତାଙ୍କର ଦୀର୍ଘକାଳୀନ ସେବାଯତ୍ନ ଓ ଦାୟୀତ୍ୱ ପୁତ୍ର ମାନଙ୍କ ଉପରେ ନ୍ୟସ୍ତ ଥାଏ କନ୍ୟା ମାନଙ୍କ ଉପରେ ନୁହେଁ,ଥିଲେ ଜଣାପଡନ୍ତା ପ୍ରକୃତରେ ସେ ପିତାମାତାଙ୍କୁ କେତେ ଭଲପାଏ।ପୁଅଟିଏ ଯଦି ପିତାମାତାଙ୍କୁ ଅବହେଳା କରୁଛି,ତେବେ ବୋହୂ କଣ ତାହର ପ୍ରତିବାଦ କରି ଶାଶୁ ଶ୍ୱଶୁରଙ୍କ ସେବାରେ ନିଜକୁ ନିୟୋଜିତ କରିପାରୁଛି ? ଯଦି କରିପାରନ୍ତା,ତେବେ ଗୋଟିଏ ଦିନରେ ସବୁ ଜରାଶ୍ରମରେ ତାଲା ପଡିଯାଆନ୍ତା। ମହିଳାଟିଏ ସ୍ତ୍ରୀ ହିସାବରେ ସ୍ୱାମୀଙ୍କ ସମ୍ପତିର ଉତରାଧିକାରୀ ଏବଂ କନ୍ୟା ହିସାବରେ ପୈତୃକ ସମ୍ପତିର ଉତରାଧିକାରୀ ଯାହାକି ତାକୁ ଯଥେଷ୍ଟ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭରଶୀଳ କରାଇବାରେ ସହାୟକ ହେବ। କିନ୍ତୁ ପ୍ରକୃତିର ସୃଷ୍ଟିରେ ପୁରୁଷର ସାହଚର୍ଯ୍ୟ ବିନା ନାରୀଟି ଅବଳା ଓ ଦୁର୍ବଳା। ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ନାରୀ ଲକ୍ଷ୍ମୀ ଏବଂ ନାରୀ କାଳୀ। ସେହି ସୃଷ୍ଟି ସେହି ସଂହାର। ନାରୀଟିର ଚିନ୍ତନ ଏବଂ କାର୍ଯ୍ୟ ପରିବାରକୁ ସ୍ୱର୍ଗ କିମ୍ବା ନର୍କରେ ପରିଣତ କରିପାରେ। ତେଣୁ ପ୍ରବର୍ତିତ ଆଇନକୁ ସମ୍ମାନ ଜଣାଇ ସମାଜର ପ୍ରତ୍ୟେକ ଭ୍ରାତା ଓ ଭଗ୍ନୀଙ୍କ ମଧ୍ୟରେ ଶ୍ରଦ୍ଧା, ସ୍ନେହ ଏବଂ ବୁଝାମଣାକୁ ବଜାୟ ରଖିଲେ ଏକ ସୁସ୍ଥ ସମାଜ ପୁନଃ ପ୍ରତିଷ୍ଠିତ ହୋଇପାରିବାର ସମ୍ଭାବନା ସୁସ୍ପଷ୍ଟ।

ଈଶାଣୀ ବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

# ଗ୍ୟାସ୍ ବଞ୍ଚାଇବାକୁ ଚାହୁଁଥିଲେ...






- ରୋଷେଇ ଆରମ୍ଭ କରିବା ପୂର୍ବରୁ ସମସ୍ତ ଆବଶ୍ୟକ ସାମଗ୍ରୀ ଏକାଠିକରି ରଖନ୍ତୁ ।
- ଏହାଦ୍ୱାରା ଉଭୟ ଗ୍ୟାସ ଓ ସମୟ ବଞ୍ଚିଥାଏ ।
- ଥଣ୍ଡା କ୍ଷୀର, ପନିପରିବା ଏବଂ ଫ୍ରୋଜନ୍ ଫୁଡ୍ ଆଦିକୁ ବ୍ୟବହାର କରିବାକୁ ଥିଲେ ୧ଘଣ୍ଟା ପୂର୍ବରୁ ଫ୍ରିଜ୍‌ରୁ ବାହାରକରି ରଖନ୍ତୁ ।
- ବିନା ଢାଙ୍କୁଣିରେ ଖାଦ୍ୟ ପ୍ରସ୍ତୁତ କଲେ ଗ୍ୟାସ୍ ତିନି ଗୁଣା ଅଧିକ ଖର୍ଚ୍ଚ ହୋଇଥାଏ । ତେଣୁ ସବୁବେଳେ ଢ଼ାଙ୍କୁଣି ଘୋଡାଇ ରୋଷେଇ କରନ୍ତୁ ।
- କଡେଇ ଏବଂ ପ୍ୟାନ୍ ବଦଳରେ ପ୍ରେସର କୁକରରେ ରୋଷେଇ କରନ୍ତୁ । କୁକରରେ ରୋଷେଇ ଶୀଘ୍ର ହୋଇଥାଏ ଏବଂ ଗ୍ୟାସ୍ ବି କମ୍ ଖର୍ଚ୍ଚ ହୋଇଥାଏ ।
- ଖାଦ୍ୟ ପ୍ରସ୍ତୁତ ସମୟରେ ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ଅଧିକ ପାଣି ଦେବା ଦ୍ୱାରା ରୋଷେଇ ଅଧିକ ସମୟ ଲାଗିଥାଏ ଏବଂ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ ।
- ପନିପରିବା, ଡାଲି ଏବଂ ମାଂସ ଆଦି ସିଝିବା ପାଇଁ ଗ୍ୟାସ୍ ଅଧିକ ଖର୍ଚ୍ଚ ହୋଇଥାଏ । ଏସବୁକୁ ସେମିକୁକ୍ କରିବା ପାଇଁ ମାଇକ୍ରୋୱେଭ୍ ବ୍ୟବହାର କରନ୍ତୁ । ଗ୍ୟାସ୍ ତୁଳନାରେ ମାଇକ୍ରୋୱେଭ୍‌ରେ ମାଂସ ଶୀଘ୍ର ସିଝିଥାଏ ।
- ମିଡିୟମ ଆଞ୍ଚରେ ସବୁବେଳେ ଖାଦ୍ୟ ପ୍ରସ୍ତୁତ କରନ୍ତୁ । କାରଣ ଅଧିକ ଆଞ୍ଚରେ ଖାଦ୍ୟ ପେଡିଯାଏ ଏବଂ କମ୍ ଆଞ୍ଚରେ ଗ୍ୟାସ୍ ଅଧିକ ଖର୍ଚ୍ଚ ହୋଇଥାଏ ।
- ରୋଷେଇ ତଥା ଚା' କିମ୍ବା ଅନ୍ୟ ଖାଦ୍ୟ ପ୍ରସ୍ତୁତି ବେଳେ ବାରମ୍ବାର ପାଣି ଗରମକରି ଏକ ଫ୍ଲାକ୍ସରେ ରଖନ୍ତୁ ।
- ଶୀତଦୀନେ ବାରମ୍ବାର ଗ୍ୟାସ୍‌ରେ ପାଣି ଗରମ କରିବା ବଦଳରେ ସୋଲାର ୱାଟର ହିଟର ବ୍ୟବହାର କରନ୍ତୁ ।
- ଖାଦ୍ୟ ପ୍ରସ୍ତୁତି ପାଇଁ ଉପଯୁକ୍ତ ସାଇଜର କଡେଇ ବା ପ୍ୟାନ୍ ବ୍ୟବହାର କରନ୍ତୁ । ଛୋଟ ସାଇଜ କଡେଇ ବ୍ୟବହାର କରିବା ଦ୍ୱାରା ଗ୍ୟାସ୍‌ର ଆଞ୍ଚ କଡେଇର ବାହାରକୁ ଆସିଥାଏ ଏବଂ ବଡ ସାଇଜର କଡେଇ ବ୍ୟବହାର ଦ୍ୱାରା ଗରମ ହେବା ପାଇଁ ଗ୍ୟାସ୍ ଅଧିକ ଖର୍ଚ୍ଚ ହୋଇଥାଏ ।
- ବର୍ନର ହଳଦିଆ ଫ୍ଲେମ୍‌ରେ ଜଳିଲେ ଏହାକୁ ପରିଷ୍କାର କରିବା ସଙ୍କେତ ମିଳିଥାଏ । ତେଣୁ ସମୟ ଅନ୍ତରରେ ରେଗୁଲେଟର, ପାଇପ୍ ଏବଂ ବର୍ନର ଆଦିର ଚେକ୍ କରି ନିଅନ୍ତୁ । ନଚେତ୍ ଗ୍ୟାସ୍ ଲିକ୍ ହେବା ସମ୍ଭାବନା ରହିଛି ।

## ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ ।

ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ ।

ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ ।

ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।



# ସୌର ଶକ୍ତି ସଂପନ୍ନ ସ୍କୁଲ



ପାରଂପାରିକ ବିଦ୍ୟୁତ ଶକ୍ତିର ଉତ୍ସ କ୍ରମଶଃ ନିଃଶେଷ ହୋଇ ଆସୁଥିବା ବେଳେ, ସୌରଶକ୍ତି ଏବେ ଏକ ଶକ୍ତିଶାଳୀ ଓ ଦୀର୍ଘକାଳୀନ ବିକଳ୍ପ । ଏହାର ସଦୁପଯୋଗ କରି କେରଳର ଅଲାପୁଝା ଜିଲ୍ଲାର ଏକ ସରକାରୀ ୟୁପି ସ୍କୁଲ ଚର୍ଚ୍ଚାରେ ପୂରା ସ୍କୁଲଟି ସୌର ଶକ୍ତି ଦ୍ୱାରା ଆଲୋକିତ ହେଉଛି । ସ୍କୁଲ ଛାତରେ ସୌର ପ୍ୟାନଲ ଖଞ୍ଜାଯାଇଛି ଏବଂ ସୌର ଶକ୍ତି ଅମଳ ପାଇଁ ସ୍ଥାପିତ ହୋଇଛି ଦୁଇ କିଲୋ ୱାଟର ସୌରଶକ୍ତି ୟୁନିଟ୍ । ଏ ବାବଦରେ ଖର୍ଚ୍ଚ ହୋଇ ଦୁଇ ଲକ୍ଷ ଛଅଷଠି ହଜାର ଟଙ୍କା । ସ୍କୁଲ କର୍ତ୍ତୃପକ୍ଷଙ୍କ ଉଦ୍ୟମ ଓ ସରକାରୀ ସହାୟତାରେ ଏହା ସମ୍ଭବ ହୋଇପାରିଛି। ଏହା ଦ୍ୱାରା ପ୍ରାୟ ଚାରି ହଜାର ଟଙ୍କା ବିଦ୍ୟୁତ ଦେୟ କମିପାରିବ। ବର୍ଷା, ବିଜୁଳି, ପବନ ସମୟରେ ବିଦ୍ୟୁତ ଉତ୍ପାଦନରେ ସ୍କୁଲଟି ଏବେ ଆତ୍ମନିର୍ଭରଶୀଳ । ଉଲ୍ଲେଖଯୋଗ୍ୟ, ସ୍କୁଲର ଛାତ୍ରଛାତ୍ରୀ ସଂଖ୍ୟା ୯୭୫ । ଏକତିରିଶ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି । ମୋଟ ତେଇଶଟି ଶ୍ରେଣୀଗୃହ ମଧ୍ୟରୁ ଚଉଦଟି ସ୍ମାର୍ଟକ୍ଲାସ ରୁମ୍ । ଲାପଟପ୍, ପ୍ରୋଜେକ୍ଟର ଦ୍ୱାରା ଶିକ୍ଷାଦାନ ଚାଲିଛି ।

# ମହିଳାଙ୍କୁ ଅଧିକ ବିଶ୍ରାମର ଆବଶ୍ୟକତା



ପ୍ରତ୍ୟେକ ପରିବାରରେ ମହିଳାଙ୍କ ଦାୟିତ୍ୱ ସବୁଠୁ ଅଧିକ, ଏହି ତଥ୍ୟକୁ ଆମେ ସ୍ୱୀକାର ନ କଲେ ମଧ ଏହା ନିରାଟ ସତ। ଏକବିଂଶ ଶତାବ୍ଦୀର ମହିଳାମାନେ କର୍ମଚଞ୍ଚଳ ହେବା ସହ ଅଧିକ ଦାୟିତ୍ୱବାନ୍ ଓ ସଚେତନ ହୋଇପଡ଼ିଛନ୍ତି । ଇଂଲଣ୍ଡରେ କର୍ମଜୀବୀ ମହିଳାଙ୍କୁ 'ମଲ୍ଟିଟାସ୍କର' ଭାବେ ଜଣାଯାଏ । ପରିବାର କଥା ହେଉ ଅବା ଅନ୍ୟ କିଛି ବିଷୟ ସବୁ ବାବଦରେ ସେମାନେ ଚିନ୍ତିତ ରହିଥାନ୍ତି। ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରାୟ ୩୭% ରୁ ଅଧିକ ମହିଳା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହା ପଛର କାରଣ ହେଲା ସେମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ମିଳୁନାହିଁ । ମହିଳାଙ୍କ ମସ୍ତିଷ୍କକୁ ବିଶ୍ରାମ ମିଳିବା ନିତାନ୍ତ ଜରୁରୀ ହୋଇପଡ଼ିଛି । ଅତିକମ୍‌ରେ ଗୋଟିଏ ଦିନ ଭିତରେ ୭-୮ଘଣ୍ଟା ସେମାନେ ଶୋଇବା ଆବଶ୍ୟକ । ନଚେତ ଏହାର ପ୍ରଭାବରେ ମହିଳାମାନେ ଅବସାଦ ରୋଗର ଶିକାର ହେବାର ସମ୍ଭାବନା ସର୍ବାଧିକ । ଗର୍ଭାବସ୍ଥା ସମୟରେ ସେମାନେ ନିଜ ସ୍ୱାସ୍ଥ୍ୟ ବାବଦରେ ସବୁଠୁ ଅଧିକ ସଚେତନ ରହିବା ଆବଶ୍ୟକ ବୋଲି ବିଶେଷଜ୍ଞଙ୍କ ମତ । ଆମେରିକୀୟ ଗବେଷକଙ୍କ ମତରେ ରବିବାର ଛୁଟିରେ ପରିବାର ପୁରୁଷମାନେ ନିଜ ଛୁଟିର ପ୍ଲାନିଂ କରୁଥିବାବେଳେ ମହିଳାମାନେ କିନ୍ତୁ ବିଶ୍ରାମ ପାଆନ୍ତି ନାହିଁ । ଏଣୁ ପ୍ରଥମେ ପରିବାରର ଲୋକେ ହିଁ ମହିଳାଙ୍କ ପ୍ରତି ସଚେତନ ହେବା ଜରୁରୀ ଅଟେ ।



# ଆଚାର ଖାଇବା କେତେ ଉପକାରୀ ?



ଦକ୍ଷିଣ ଭାରତୀୟ ବ୍ୟଞ୍ଜନରେ ଆଚାର ଏକ ବିଶେଷ ସ୍ଥାନ ଗ୍ରହଣ କରିଛି। ସମ୍ପ୍ରତି ଆଚାରର ଲୋକପ୍ରିୟତା ବୃଦ୍ଧି ପାଇଛି। ଅନ୍ୟାନ୍ୟ ଭାରତୀୟ ରାଜ୍ୟରେ ମଧ୍ୟ ଲୋକେ ଏହାକୁ ଖାଇବାକୁ ପସନ୍ଦ କରୁଛନ୍ତି। ଏପରିକି ନାମକରା ଭାରତୀୟ ଆଚାର କମ୍ପାନୀ ବିଦେଶରେ ମଧ୍ୟ କୋଟିକୋଟି ଟଙ୍କାର ଆଚାର ବ୍ୟବସାୟ କରୁଥିବା ପ୍ରକାଶ। ନିକଟରେ ଜଣେ ଭାରତୀୟ ବିଶେଷଜ୍ଞ ୪ ବର୍ଷଧରି ବିଭିନ୍ନ ପ୍ରକାର ଆଚାର ଉପରେ ପରୀକ୍ଷା କରିବା ପରେ ନାନା ତଥ୍ୟ ପ୍ରକାଶ କରିଛନ୍ତି। ଆଚାର ଆବଶ୍ୟକ ପରିମାଣରେ ଦୈନିକ ଖାଇଲେ ତାହା ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପକାଇନଥାଏ ବୋଲି ଜଣାପଡ଼ିଛି। ବିଶେଷଜ୍ଞଙ୍କ ମତରେ ଦୈନିକ ଦ୍ୱିପ୍ରହର ବ୍ୟଞ୍ଜନରେ ଅଳ୍ପ ପରିମାଣର ଆଚାର ଖାଇଲେ ତାହା ହଜମ କ୍ଷମତା ବୃଦ୍ଧିକରେ। ଫଳ ଓ ପନିପରିବାରୁ ପ୍ରସ୍ତୁତ ଆଚାରରେ ଆଣ୍ଟିଅକ୍ସିଡାଣ୍ଟ ଭରପୁର ଥାଏ। କଞ୍ଚା ଥିବା ଅବସ୍ଥାରେ ଫଳ ଓ ପନିପରିବାକୁ ଆଚାର ପାଇଁ ବ୍ୟବହାର କରାଯାଉଥିବାରୁ ତାହାର ପୋଷକତତ୍ତ୍ୱ ନଷ୍ଟ ହୋଇ ନଥାଏ। ଆଚାର ଖାଇଲେ ସେସବୁ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଶରୀରରେ ପ୍ରବେଶ କରି ତାହା ଉତ୍ତମ ଭାବେ କାର୍ଯ୍ୟକାରୀ ହୋଇଥାଏ। ଆଚାରରେ ଥିବା ପ୍ରୋବାୟୋଟିକ୍ସ ବ୍ୟାକ୍ଟେରିଆ ମସ୍ତିଷ୍କକୁ ସକ୍ରିୟ ରଖେ। ତେଣୁ ନିୟମିତ ଏହା ଅଳ୍ପ ପରିମାଣରେ ଖାଇବା ଉଚିତ। ବିଶେଷଜ୍ଞଙ୍କ ପରୀକ୍ଷାରୁ ଜଣାପଡ଼ିଛି ଯେ ଅଁଳା ଆଚାର ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ। ଏହା ଯକୃତକୁ ରୋଗମୁକ୍ତ ରଖୁଥିବାର ଜଣାପଡ଼ିଛି। ତେବେ ଘରୋଇ ଭାବେ ଆଚାର ପ୍ରସ୍ତୁତ କରି ଖାଇବା ଅଧିକ ଭଲ। କାରଣ ବଜାରରେ ମିଳୁଥିବା ବିଭିନ୍ନ କମ୍ପାନୀର ଆଚାରରେ ରାସାୟନିକ ଦ୍ରବ୍ୟ ମିଶ୍ରଣର ଭୟ ଥାଏ। କମ ତେଲ ବ୍ୟବହାର କରି ଘରେ ହିଁ ଆଚାରକୁ ପ୍ରସ୍ତୁତ କରି ଖାଇବା ଉଚିତ।



ଜୁଆ ଧରପଗଡରେ ପୋଲିସକୁ ଆକ୍ରମଣ ଘଟଣା

# ଆଉ ତିନି ଅଭିଯୁକ୍ତ ଗିରଫ, ଥାନାରେ ଦବଙ୍ଗଗିରି ଦେଖାଇ ଜେଲ ହାଜତରେ ଗଣମାଧ୍ୟମ ପ୍ରତିନିଧି

ବାରିପଦା,୦୮।୧୦ (ନି.ପ୍ର): ଗତ ୨ ତାରିଖଦିନ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଯଶିପୁର ଥାନାର ଜାଉଁରିପୋଷି ଫୁଟବଲ ଟୁର୍ଣ୍ଣାମେଂଟ ଚାଲିଥିବା ପଡିଆ ନିକଟରେ ଜୁଆଖେଳ ଚାଲିଥିବାବେଳେ ପୋଲିସ୍ ଚଢାଉ କରିବାବେଳେ ଜୁଆଡି ମାନଙ୍କର ଢେଲା ପଥର ଆକ୍ରମଣରେ ପୋଲିସ୍ କର୍ମଚାରୀମାନେ ଆହତ ହେବା ସହିତ ତିନିଜଣଙ୍କୁ ଧରି ଥାନାକୁ ନେଇଥିଲେ । ପୁଣି ତଦନ୍ତ ବେଳେ ଆଉ ୫ଜଣଙ୍କୁ ମଧ୍ୟ ସେହିଦିନ ପୋଲିସ୍ ଗିରଫ କରିଥିଲା । ତେବେ ଜଣେ ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧି ସେହିଦିନ ସନ୍ଧ୍ୟାରେ ଥାନାରେ ଦବଙ୍ଗଗିରି ପ୍ରଦର୍ଶନ କରିଥିଲେ । ଏପରିକି ଆଇ.ଆଇ.ସି.ଶ୍ରୀ ରନକୁମାର ସେଠୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ ଏବଂ ତାଙ୍କ କଲର ଧରିବା ସହିତ ଅନ୍ୟ ପୋଲିସ୍ କର୍ମଚାରୀ ମାନଙ୍କୁ ଗାଳିଗୁଲଜ କରିବାକୁ ପଛାଇ ନଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ମାନେ ପ୍ରକାଶ କରିଛନ୍ତି । ଏହି ନିଶାଗ୍ରସ୍ତ ପ୍ରତିନିଧି ଜଣଙ୍କୁ ପୋଲିସ୍, ଡାକ୍ତରୀ ମାଇନା କରାଇ ଜୁଆଖେଳରେ ଜଣେ ଅଭିଯୁକ୍ତ ଭାବେ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡିଛି । ତାଙ୍କ କାର୍‌କୁ ପୋଲିସ ଜବତ କରିଥିବାର ଜଣାଯାଇଛି । ସେ ଏବେ କରିଆ ଜେଲ୍ ହାଜତରେ ଥିବାବେଳେ ସେ ଥାନାରେ କୌଣସି ଦୁର୍ବ୍ୟବହାର ପ୍ରଦର୍ଶନ କରିନାହାନ୍ତି ବୋଲି ତାଙ୍କ ପକ୍ଷରୁ କୁହାଯାଇଛି । ପ୍ରତିନିଧି ପଙ୍କଜ କୁମାର ପିଙ୍ଗୁଆଙ୍କୁ ଜୁଆଖେଳରେ ଅଭିଯୁକ୍ତ ଭାବେ କୋର୍ଟ ଚାଲାଣ କରାଯିବା ପରେ ଏହି ଗିରଫଦାରୀ ସମ୍ପର୍କରେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ଏହି ଘଟଣାରେ ଯଶିପୁର ପୋଲିସ୍ ତପନ(ତପୁ) ନାଏକ, ସନ୍ତୋଷ ନାଏକ ଓ ନନ୍ଦୁ ବେହେରା ଏଭଳି ଆଉ ତିନିଜଣ ଅଭିଯୁକ୍ତଙ୍କୁ ଗତକାଲି ଗିରଫ କରି କୋର୍ଟଚାଲାଣ କରିଥିବାର ଜଣାଯାଇଛି । ବର୍ତ୍ତମାନ କୋଭିଡ୍ କଟକଣା ପରିସ୍ଥିତିରେ ଯେଉଁଠି ବିବାହ କାର୍ଯ୍ୟକ୍ରମରେ ସର୍ବାଧିକ ୫୦ଜଣ, ସୁଦ୍ଧିକ୍ରିୟାରେ ସର୍ବାଧିକ୨୦ଜଣ ଲୋକଙ୍କୁ ନେଇ କାର୍ଯ୍ୟକ୍ରମ କରିବାକୁ ଏବଂ ସାମାଜିକ ଦୂରତା ଅବଲମ୍ବନ କରିବାକୁ ସରକାର ଗାଇଡ୍ ଲାଇନ୍ ସ୍ଥିର କରିଛନ୍ତି ଜାଉଁରିପୋଷିରେ କିପରି ଫୁଟବଲ ଟୁର୍ଣ୍ଣାମେଂଟ ଚାଲିଲା ଏବଂ ହଜାର ହଜାର ସଂଖ୍ୟାରେ ଜନ ସମାଗମକୁ ସରକାର କିଭଳି ଅଣଦେଖା କଲେ ଏବଂ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଲା ସେଥିନେଇ ବୁଦ୍ଧିଜୀବି ମହଲରେ ନାନା ପଶ୍ନବାଚୀ ସୃଷ୍ଟି ହୋଇଛି ।

# କିରାଣୀମାନଙ୍କ ଅବସ୍ଥିତି ତାଲିକା ପ୍ରେରଣ ଓ ଶିକ୍ଷକମାନଙ୍କ ପଦୋନ୍ନତିରେ ସ୍ଥାଣୁତାକୁ ନେଇ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ

ବାରିପଦା,୦୮।୧୦ (ନି.ପ୍ର): ଶିକ୍ଷା ବିଭାଗରେ ଗୋଟାଏ ସ୍ଥାନରେ ୬ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା କିରାଣୀମାନଙ୍କୁ ଅନ୍ୟତ୍ର ବଦଳି ନିମନ୍ତେ ବ୍ୟବସ୍ଥା ହୋଇଛି । ଏଥି ନିମନ୍ତେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ୬ ବର୍ଷ ବା ୬ ବର୍ଷରୁ ଅଧିକ ସମୟ ଧରି ଗୋଟାଏ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କିରାଣୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଇ ପଠାଇବାକୁ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟକୁ ପତ୍ର ସଂଖ୍ୟା ୨୮୧୩୦/୩୧.୦୭.୧୯, ପତ୍ରସଂଖ୍ୟା ୨୯୦୦୫/୦୨.୦୮.୨୦୧୯, ପତ୍ର ସଂଖ୍ୟା ୩୨୬୭୫/୦୬.୦୯.୨୦୧୯ ଏବଂ ପତ୍ର ସଂଖ୍ୟା ୮୩୨୬/୦୬.୦୩.୨୦୨୦ରେ ନିର୍ଦ୍ଦେଶ ଆସିଥିଲେ ମଧ୍ୟ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାର ସମସ୍ତ ବ୍ଲକଗୁଡ଼ିକରେ ଥିବା ବ୍ଲକ ଶିକ୍ଷା ଅଧିକାରୀମାନେ ନିର୍ଦ୍ଦେଶକୁ ଅଣଦେଖା ପ୍ରଦର୍ଶନ କରି ଆସୁଛନ୍ତି । ଫଳରେ ପୁଣି ଥରେ ପତ୍ର ସଂଖ୍ୟା ୧୯୪୮୦/୧୮.୦୯.୨୦୨୦ରେ ଅନ୍ୟ ଏକ ନିର୍ଦ୍ଦେଶ ନାମା ଆସିଅଛି । ଉକ୍ତ ନିର୍ଦ୍ଦେଶ ନାମାରେ ଏକ ସପ୍ତାହ ମଧ୍ୟରେ କନିଷ୍ଠ , ବରିଷ୍ଠ ଓ ମୁଖ୍ୟ କିରାଣୀମାନଙ୍କର ଏ, ବି, ସି ଓ ଡ଼ି ଫର୍ମାଟ ଅନୁସାରେ ତାଲିକା ପ୍ରସ୍ତୁତ କରି ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇଥିବାର ପରିଲକ୍ଷିତ ହୋଇ ନାହିଁ । ସେହିପରି ଜିଲ୍ଲାରେ ପ୍ରାଥମିକ ଶିକ୍ଷକମାନଙ୍କର ପଦୋନ୍ନତି କ୍ଷେତ୍ରରେ ମଧ୍ୟ କୌଣସି ଅଗ୍ରଗତି ଅଦ୍ୟାବଧି ସମ୍ଭବ ହୋଇ ପାରିନାହିଁ । ଓଡ଼ିଶାର ବିଭିନ୍ନ ଜିଲ୍ଲାମାନଙ୍କରେ ୬ ବର୍ଷରୁ ଅଧିକ କାର୍ଯ୍ୟ କରୁଥିବା କିରାଣୀମାନଙ୍କ ତାଲିକା ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଯଥା ସମୟରେ ପହଁଚି ସାରିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ଏହାର ବ୍ୟତୀକ୍ରମ ଦେଖା ଦେଇଛି । ସେହିପରି ଓଡ଼ିଶାର ୩୦ଟି ଜିଲ୍ଲା ମଧ୍ୟରୁ ୨୯ଟି ଜିଲ୍ଲା ପ୍ରାଥମିକ ଶିକ୍ଷକମାନଙ୍କୁ ପଦୋନ୍ନତି ମିଳି ସାରିଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଥମିକ ଶିକ୍ଷକମାନଙ୍କୁ ପଦୋନ୍ନତି ପ୍ରଦାନ କ୍ଷେତ୍ରରେ କୌଣସି କାରଣରୁ ଟାଳଟୁଳ ନୀତିକୁ ଆପଣେଇ ଆସୁଛନ୍ତି । ଯାହାକୁ ନେଇ ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ଏଥି ସହିତ ସଂଘ ପକ୍ଷରୁ ୬ ବର୍ଷରୁ ଅଧିକ ସମୟ ଧରି ଗୋଟାଏ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କିରାଣୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଇ ପଠାଇବା ସହ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ଅବିଳମ୍ବେ ପଦୋନ୍ନତି ପ୍ରଦାନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି ।

# ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣାରେ ନିଜ ଆଡୁ ମାମଲା ରୁଜୁ କଲା କମିଶନରେଟ୍ ପୋଲିସ୍

ଭୁବନେଶ୍ୱର,୦୮।୧୦ (ନି.ପ୍ର): ଭୁବନେଶ୍ୱର ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣାରେ କ୍ୟାପିଟାଲ ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ୍ ନିଜ ଆଡୁ ଏହି ମାମଲା ରୁଜୁ କରିଛି । ଏସମ୍ପର୍କରେ ପୋଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ ପୂର୍ବରୁ କହିଥିଲେ ଯେ ଉକ୍ତ ଘଟଣାରେ ଅପରାଧିକ ମାମଲା ରୁଜୁ କରାଯିବ । ପୋଲିସ୍ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିବ । କେଉଁ ପରିସ୍ଥିତିରେ ଏପରି ବିସ୍ଫୋରଣ ହେଲା ତାର ତଦନ୍ତ କରାଯିବ । ରାଜ୍ୟ ଫରେନ୍ସିକ୍ ଲ୍ୟାବ୍ ଟେକ୍ନିସିଆନ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ।ଅରପକ୍ଷରେ ବିସ୍ଫୋରଣ ପରେ କମିଶନରେଟ୍ ପୋଲିସ୍ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ରାଜଭବନ ଛକରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ରାସ୍ତାରେ ଯିବାଆସିବା ଉପରେ ରୋକ୍ ଲଗାଯାଇଛି । ସ୍ଥିତାବସ୍ଥା ଫେରିବା ପର୍ଯ୍ୟନ୍ତ କମିଶନରେଟ ପୋଲିସ କଟକଣା ଜାରି କରିଛି । ସେ ଆହୁରି କହିଛନ୍ତି ଯେ ଉକ୍ତ ପେଟ୍ରୋଲ ପମ୍ପରେ ପେଟ୍ରୋଲ , ଡିଜେଲ୍ ଓ ଏଲପିଜି ଟାଙ୍କି ଥିଲା । ଏଲପିଜିରେ ନିଆଁ ଲାଗିଥିଲା ଓ ତାକୁ ଲିଭା ଯାଇଛି । ଟାଙ୍କିରେ ଆଉ କିଛି ଗ୍ୟାସ୍ ଅଛି । ରହିଯାଇଥିବା ଗ୍ୟାସ୍ କୁ କାଢି ନେବାକୁ ଆଇଓସିଏଲକୁ କହନ୍ତୁ । ସେଠାରେ ରହିଯାଇଥିବା ପେଟ୍ରୋଲ , ଡିଜେଲ ଓ ଗ୍ୟାସ୍ କାଢି ନେବାପାଇଁ କୁହାଯାଇଛି । ଏହି କାର୍ଯ୍ୟ ନସରିବା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି । ଘରୁ ନବାହାରିବା ସହ ଗ୍ୟାସ୍ ଚୁଲା ନଲଗାଇବାକୁ କୁହାଯାଇଛି ।

# ମହିଳା କମାଣ୍ଡୋ ଉଦ୍ଧାର କଲେ ଲ୍ୟାଣ୍ଡମାଇନ

ମାଲକାନଗିରି,୦୮।୧୦ (ନି.ପ୍ର): ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଦନ୍ତେୱାଡା ଜିଲ୍ଲାରେ ଦୁଇ ମହିଳା କମାଣ୍ଡୋ ମାଓ ଆକ୍ରମଣ ଯୋଜନା ପଣ୍ଡ କରି ସାଉଁଟିଛନ୍ତି ପ୍ରଶଂସା । ଗତକାଲି କୁମ୍ବିଂ ବେଳେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଦାନ୍ତେୱାଡା ଜିଲ୍ଲା ର ଟେଲମ ଓ ଟେଟମକୁ ସଂଯୋଗ କରୁଥିବା ରାସ୍ତାରୁ ୧୦କେଜିର ଲ୍ୟାଣ୍ଡମାଇନକୁ ଠାବ କରିଛନ୍ତି ଏହି ଦୁଇ ମହିଳା କମାଣ୍ଡୋ । କମାଣ୍ଡୋମାନେ କୁମ୍ବିଂ ସାରି ଫେରିବା ବେଳେ ଗ୍ରାମବାସୀଙ୍କଠାରୁ ଖବର ପାଇ ମେଟାଲ ଡିଟେକ୍ଟର ସାହାଯ୍ୟରେ ଲ୍ୟାଣ୍ଡମାଇନକୁ ଠାବ କରିଥିଲେ । ପରେ ସେଠାରେ ଏହାକୁ ବିସ୍ଫୋରଣକରି ନିଷ୍କ୍ରିୟ କରିଥିଲେ ।ଛତିଶଗଡ଼ ରାଜ୍ୟରେ କିଛିଦିନ ହେବ ମାଓ ସଂଗଠନ ଭୁଶୁଡ଼ିବାରେ ଲାଗିଛି । ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରିବା ପାଇଁ ଯବାନମାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ବିଭିନ୍ନ ରାସ୍ତାରେ ଏପରି ବହୁ ସଂଖ୍ୟାରେ ଲ୍ୟାଣ୍ଡମାଇନ ଲଗାଇଥିବା କରୁଥିବା ଅନୁମାନ କରାଯାଉଛି ।

ସୁନ୍ଦରଗଡ ଜିଲ୍ଲାର ୩୦ରୁ ଅଧିକ ହୋଟେଲ, ଡାକ୍ତରଖାନା ବର୍ଜ୍ୟବସ୍ତୁ ପାଣି ପରିଚାଳନା ନକରି ସିଧା ଛାଡୁଛନ୍ତି ବ୍ରାହ୍ମଣୀକୁ

# ପ୍ରଦୁଷଣ ବୋର୍ଡ ଅଧିକାରୀ କହୁଛନ୍ତି ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ କମିଶନର କରୁଛନ୍ତି କଣ ? ଅଭିଯୋଗ ନକଲେ ଆମେ କିଛି କରିପାରିବୁ ନାହିଁ

ରାଉରକେଲା,୦୮।୧୦ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ ଥିବା ୩୦ରୁ ଅଧିକ ହୋଟେଲ,ଡାକ୍ତରଖାନା ଗୁଡିକ ସେମାନଙ୍କର ବର୍ଜ୍ୟପାଣି ଓ ସେଠାରୁ ବାହାରୁ ଥିବା କୁଡ, କୁଡ ମଇଳାକୁ ସଠିକ୍ ପରିଚାଳନା କରିବା ଲାଗି ବ୍ୟବସ୍ଥା ନକରି ପାଣିକୁ ବ୍ରାହ୍ମଣୀକୁ ଛାଡି ଦେଉଥିବା ବେଳେ ମଇଲା ଗୁଡିକୁ ଏଣେ ତେଣେ ଫୋପାଡୁଥିବାର ଅଭିଯୋଗ ହେଉଛି । ଏନେଇ ରାଉରକେଲା ଆଂଚଳିକ ଅଧିକାରୀ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ପଚରା ଜିବାରୁ ସେ ନିଜେ କଣ କରୁଛନ୍ତି ନକହି ଓଲଟି ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଆରଏମସି କମିଶନରଙ୍କ ଉପରେ ପରେ ପ୍ରଶ୍ନ କରିଛନ୍ତି, ଅଧିକ ପଚରା ଜିବାରୁ କହୁଛନ୍ତି ମୋର କାମ ଅଛି ଆପଣ ମାନେ ଯାଆନ୍ତୁ ଯହା କରିବାର ଅଛି କରନ୍ତୁ ,ଏ ହେଉଛି ଆମର ୫-ଟିର ବ୍ୟବସ୍ଥା । ରାଉରକେଲା ସହର ସମେତ ସମଗ୍ର ଜିଲ୍ଲାରେ ୩୦ରୁ ଅଧିକ ଡାକ୍ତରଖାନା, ହୋଟେଲ ରହିଛି, ଯେଉଁ ମାନେ ଆଜି ଯାଏ ନିଜର ବର୍ଯ୍ୟ ପାଣି ଓ ମଇଲା ଲାଗି ଟ୍ରିଟମେଂଟ କାରଖାନା ନକରି ନିର୍ଭୟରେ ସେଗୁଡିକୁ ନଦୀ ପାଣିକୁ ଛାଡିବା ସହ ଅପରେସନ ଥିଏଟର ସମେତ ଅନ୍ୟ ସ୍ଥାନ ଓ ହୋଟେଲ ର ଜାବତୀୟ ମଇଳା ସହରର ଏଣେ ତେଣେ ଫୋପଡୁଛନ୍ତି । ଏନେଇ ସହର ବାସୀ, ବିଭିନ୍ନ ଅନୁଷ୍ଠାନ, ପଲିଟିକାଲ ଦଳ ଓ ମିଡିଆ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଚାଲିଛନ୍ତି । ଏହି ବିଭାଗର ଅନେକ ଅଧିକାରୀ ଆସୁଛନ୍ତି ଓ ପ୍ରଶାସନର ମଧ ଅନେକ ଅଧିକାରୀ ବଦଳୁଛନ୍ତି ,କିନ୍ତୁ ଏନେଇ କୌଣସି କାମ ହୋଇପାରୁନାହିଁ ।ଅଧିକ ପଚରା ଗଲେ କୁହଯାଉଛି ଆର ଏସ ପି ସହ ମିଶି ଟ୍ରିଟ ମେଂଟ କାରେଖାନା ହେବ, ଯାଗା ଦେଖା ସରିଛି ।ଏହି କଥାକୁ ୧୫ ବର୍ଷ ବିତିଲାଣି ତଥାପି ନେତା ମାନେ ସେହି କଥା ଦୋହରାଇ ଚାଲିଛନ୍ତି । ତେବେ ଆଜି ଏନେଇ ରାଉରକେଲା ଆର ଓ ପ୍ରକାଶ ମହାପାତ୍ର ଙ୍କୁ ପଚରା ଜିବାରୁ ଏନେଇ କଣ ପଦକ୍ଷେପ ନିଆଯାଇଛି , ସେ ନେଇ ଉତର ରଖି ନପାରି ଓଲଟି ଜିଲ୍ଲାପାଳ,ଅତିରିକ୍ତଜିଲ୍ଲାପାଳ କମିଶନର ଆରଏମସି ଙ୍କୁ ଦୋଷ ଦେବା ସହ ସେମାନେ କଣ କରୁଛନ୍ତି ଓ ସେମାନେ କାହିଁକି ନୀରବ ବୋଲି ଓଲଟି ପ୍ରଶ୍ନ କରିଛନ୍ତି । ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଏ ଜିଲ୍ଲାରେ ଯୋଗ ଦେବାର ମାସେ ନପୁରୁଣୁ ଷ୍ଟଂଜ କାରଖାନା ଉପରେ ପଦକ୍ଷେପ ନେବା ସହ ମିଟିଂ କରି ଚେତାବନୀ ଦେବା କଥା କହିବା ପରେ ସେ ଏକଥା ଜାଣିନଥିବା କହିଥିଲେ । ତା ମାନେ ଏଠାରୁ ବୁଝା ପଡୁଛି ଏମାନେ ଜିଲ୍ଲାର ମୁଖ୍ୟ ମାନଙ୍କ କଥାକୁ କେତେ ମନେ ରଖୁଛନ୍ତି ଓ ଏଠାରେ ଯୋଗ ଦେବା ପରେ ପୁର୍ବରୁ କଣ ସବୁ ହୋଇଥିଲା କଣ କରିବାକୁ ପଡିବ ସେ କଥା ମଧ ଆଦୌ ଦେଖୁ ନାହାନ୍ତି । ବଡ କଥା ହେଲା ଜିଲ୍ଲାରେ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ନମାନି ମନ ଇଚ୍ଛା ଚଳାଇଥିବା ଡାକ୍ତରଖାନା, ହୋଟେଲ ଗୁଡିକ ଉପରେ ଆଜିଯାଏ ଗୋଟାଏ ହେଲେ ମାମଲା ଏହି ଅଫିସ କରିନଥିବା ବିଷୟ ଖୋଦ ଏହି ଅଫିସ ଆଜି କହିଛି । ଖଣି ଠାରୁ କଳ କାରଖାନା ,ଡାକ୍ତରଖାନା,ହୋଟେଲ,ଗାଡିଧୁଆ ଯାଗା ଗୁଡିକ ଉପରେ ଏହି ବିଭାଗ ଆଦୌ ଦୃଷ୍ଟି ଦେଉନାହିଁ , କହିଲେ କୁହାଯାଉଛି, ଲିଖିତ ଅଭିଯୋଗ କରନ୍ତୁ ଆମେ ଦେଖିବୁ । ତେଣିକି ନଦୀ ପାଣି ର ଅବସ୍ତା ଯାହା ହେଉ । ଶହ ଶହ ଅଭିଯୋଗ ଖବର କାଗଜ ନ୍ୟୁଜ ଚୁଲିକୁ ଗଲା ନୁଆ ଅଫିସରଙ୍କୁ ପୁଣି ଲିଖିତ ଦରକାର ,ଏହି କଥାକୁ ନେଇ ଯଦି ପ୍ରଶ୍ନ ହେଉଛି ଓ ସରକାରୀ ଦରମା ନେଇ ଆପଣ ମାନେ କରୁଛନ୍ତି କଣ ? ତେବେ ଅଧିକାରୀ ରାଗି ଯାଇ କହୁଛନ୍ତି, ମୋର କାମ ଅଛି ଆପଣ ମାନେ ଯାଆନ୍ତୁ । କଥା ଯଦି ଏଇଆ ତେବେ ସରକାରୀ ୫ଟି କିପରି କାମ କରୁଛି ଓ ତାକୁ ଆମ ବାବୁ ମାନେ କିଭଳି ପାଳନ କରୁଛନ୍ତି ତାହାର ଏହା ହେଉଛି ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ । ଏହି ଘଟଣାକୁ ନେଇ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରୀ ଟି ମୁର୍ଗାସେନଙ୍କୁ ଯୋଗା ଯୋଗ କରିବାରୁ ସେ କହିଛନ୍ତି ଯାହା ଅଭିଯୋଗ ରହୁଛି ଆପଣ ମାନେ ସିଧା ମେମ୍ବର ସେକ୍ରେଟାରୀଙ୍କ ମେଲ ଆଇଡିକୁ ପଠାଇପାରିବେ ତଥା ଏବିଷୟରେ ମୁଁ କଥା ହେବି ।

# ବିଶ୍ୱ ବିଦ୍ୟାଳୟ ବିଲ୍‌ରେ ରାଜ୍ୟପାଳ ସମ୍ମତି ପ୍ରଦାନ ନକରିବା ପାଇଁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୦୮।୧୦ (ନି.ପ୍ର): ଓଡିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ୍ - ୨୦୨୦ରେ ରାଜ୍ୟପାଳ ଦସ୍ତଖତ ନକରିବା ପାଇଁ ନିବେଦନ କରି ଏକ ସ୍ମାରକପତ୍ର ଓଡିଶାର ଶିକ୍ଷାବିତ୍ , ପୂର୍ବତନ ଛାତ୍ରନେତା, ଛାତ୍ର ସଂଗଠନ ଏବଂ ସାମାଜିକ କର୍ମୀମାନଙ୍କ ତରଫରୁ ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରରେ କୁହାଯାଇଛି ଯେ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ - ୨୦୨୦ ବିଶ୍ୱବିଦ୍ୟାଳୟ ଶିକ୍ଷାର ଗଣତାନ୍ତ୍ରିକ ଢାଂଚା, ମୁକ୍ତ ଗବେଷଣା, ଶିକ୍ଷକ ଓ କର୍ମଚାରୀ ମାନଙ୍କ ନିଯୁକ୍ତି ପ୍ରଦାନ, ବିଶ୍ୱ ବିଦ୍ୟାଳୟ ସ୍ୱାତନ୍ତ୍ରତା ଇତ୍ୟାଦି ସବୁକିଛିକୁ ବିରୁଦ୍ଧାଚରଣ କରୁଛି ଏବଂ ନ୍ୟୁନ କରୁଛି । ସିନେଟ୍ ବ୍ୟବସ୍ଥାକୁ ବିଲୋପ କରିବା ଏବଂ ସିଣ୍ଡିକେଟ୍ ରେ ରାଜ୍ୟ ସରକାରଙ୍କ ମନୋନିତ ପ୍ରତିନିଧିଙ୍କ ସଂଖ୍ୟା ବୃଦ୍ଧି କରିବା ବିଶ୍ୱ ବିଦ୍ୟାଳୟ ସ୍ୱାତନ୍ତ୍ରତା ଉପରେ ସିଧା ହସ୍ତକ୍ଷେପ କରାଯାଇଛି । ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଶିକ୍ଷକ ଏବଂ କର୍ମଚାରୀ ନିଯୁକ୍ତି କ୍ଷମତାକୁ ଅପସାରଣ କରାଯାଇ , ଓ ପି ଏସ୍ ସି ଏବଂ ଏସ୍ ଏସ୍ ବି କୁ ନିଯୁକ୍ତି ନିମନ୍ତେ କ୍ଷମତା ପ୍ରଦାନ କରାଯାଇଛି । ଏହା ବିଶ୍ୱ ବିଦ୍ୟାଳୟର ଆଭ୍ୟନ୍ତରୀଣ ଗଣତାନ୍ତ୍ରିକ କ୍ଷମତା ପରିସରକୁ ସଂପୂର୍ଣ୍ଣ ଭାବେ ଭୁଲଣ୍ଠିତ କରିଛି । ପ୍ରତ୍ୟେକ ବିଶ୍ୱ ବିଦ୍ୟାଳୟ ଶିକ୍ଷା ଏବଂ ଗବେଷଣାର ଉଚ୍ଚତର ସୋପାନର ଏକ ଉନ୍ନତ ଶିକ୍ଷାନୁଷ୍ଠାନ ଅଟେ । ଏହାର ପରିଚାଳନା କ୍ଷେତ୍ରରେ ଥିବା ତ୍ରୁଟିକୁ ସୁଧାରିବା ପାଇଁ ପଦକ୍ଷେପ ନେଲାବେଳେ ସ୍ୱାତନ୍ତ୍ରତା ଏବଂ ଗଣତାନ୍ତ୍ରିକ ଢାଂଚା ଅକ୍ଷୁର୍ଣ୍ଣ ରହିବା ଆବଶ୍ୟକ । ମାତ୍ର ବିଶ୍ୱ ବିଦ୍ୟାଳୟର ସ୍ୱାତନ୍ତ୍ରତା ଏବଂ ଗଣତାନ୍ତ୍ରିକ ଢାଂଚାକୁ ଅକାମୀ କରିଦେଇ ରାଜ୍ୟ ସରକାର ବିଶ୍ୱ ବିଦ୍ୟାଳୟର କ୍ଷମତା ଗୁଡିକୁ ନିଜ ହାତରେ ରଖି ଅମଲାତନ୍ତ୍ର ହାତରେ ଟେକିଦେବା ଏକ ବିପଦଜନକ ଦିଗକୁ ଦର୍ଶାଉଛି । ଓଡିଶା ବିଶ୍ୱ ବିଦ୍ୟାଳୟ ଆଇନ - ୧୯୮୯ରେ ବିଶ୍ୱ ବିଦ୍ୟାଳୟ ପାଇଁ ଯାହାକିଛି କ୍ଷମତା ଥିଲା ସେହି ସମସ୍ତ କ୍ଷମତାକୁ ସଙ୍କୁଚିତ କରି ବିଶ୍ୱ ବିଦ୍ୟାଳୟ ଆଇନ - ୨୦୨୦କୁ ଅନ୍ତଃସାର ଶୁନ୍ୟ କରିଦିଆଗଲା । ଓଡିଶାର ସ୍ୱନାମ ଧନ୍ୟ ଏକ ଗାରିମା ମୟ ଅନୁଷ୍ଠାନ ହେଉଛି ରେଭେନ୍ସା ବିଶ୍ୱ ବିଦ୍ୟାଳୟ । ବିଧାନ ସଭାରେ ୨୦୦୫ ମସିହାରେ ଏକ ସ୍ୱତନ୍ତ୍ର ଆଇନ ଦ୍ୱାରା ରେଭେନ୍ସା ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ମାତ୍ର ରାଜ୍ୟ ସରକାର ୧୫ ବର୍ଷ ପରେ ଓଡିଶା ବିଶ୍ୱ ବିଦ୍ୟାଳୟ ସଂଶୋଧିତ ଆଇନ - ୨୦୨୦ଦ୍ୱାରା ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଆଇନ ୨୦୦୫କୁ ରଦ୍ଦ କରି ଦେଇଛନ୍ତି । ଶିକ୍ଷା ଜଗତରେ ଏହି ଭଳି ଏକ ନକରାତ୍ମକ ଶିକ୍ଷା ବିରୋଧି , ଓଡିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ୍- ୨୦୨୦କୁ ସବୁ ସ୍ତରରେ ବିରୋଧ କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି କୁହାଯାଇଛି । ଆଜି ରାଜଭବନ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ପ୍ରଫେସର ଅଜିତ୍ କୁମାର ମହାନ୍ତି ପ୍ରଫେସର ଅମୀୟ କୁମାର ମହାନ୍ତି, ପୂର୍ବତନ ଛାତ୍ର ନେତା ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ ସିନେଟ୍ ସଭ୍ୟ ସୁଦର୍ଶନ ଦାସ, ସୁରେଶ ପାଣିଗ୍ରାହୀ, ଅଧାପକ ନିରଦ କୁମାର ଖୁଂଟିଆ, ଅଧାପକ ସଞ୍ଜୀବ ମହାନ୍ତି, ସାମାଜିକ କର୍ମୀ ବିଜୟ ପ୍ରଧାନ, ମାନସ ପଟ୍ଟନାୟକ, ଯୁବ ନେତା ଯତିନ୍ ମହାନ୍ତି, ସରୋଜ ନାୟକ, ଅଖିଳ ଭାରତ ଛାତ୍ରସଂଘର ସଭାନେତ୍ରୀ ସଂଘମିତ୍ରା ଜେନା ପ୍ରମୁଖ ନେତୃବୃନ୍ଦ ଅଂଶଗ୍ରହଣ କରିବା ସହିତ ରାଜ୍ୟ ପାଳଙ୍କୁ ଉଦ୍ଦେଶ୍ୟିତ ସ୍ମାରକପତ୍ରରେ ଦସ୍ତଖତ କରିଛନ୍ତି ।

# ଜଙ୍ଗଲ ଓ ଗୋଚର ଜମିରୁ ବେଆଇନ ମାଙ୍କଡା ଖନନ, ଅତିଷ୍ଠ ହୋଇ ଜିଲାପାଳଙ୍କୁ ଅଭିଯୋଗ କଲେ ସ୍ଥାନୀୟ ଆଦିବାସୀ ମହିଳା

ଖୋର୍ଦ୍ଧା,୦୮।୧୦ (ନି.ପ୍ର): ବେଆଇନ ଭାବେ ଜଙ୍ଗଲ ଓ ଗୋଚର ଜମିରୁ ମାଙ୍କଡା ମାଫିଆ ମାନେ ପାୱାର ଟିଲର ଲଗାଇ ମାଙ୍କଡା କାଟିବାରୁ ଜନ ଜୀବନ ହାନି ହେବା ସହିତ ପ୍ରଶାସନ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛି । ତେବେ ବେଆଇନ ଖଣି ଖନନ ନେଇ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡିଛନ୍ତି । ଏନେଇ ବିଭିନ୍ନ ସମୟରେ ଅଭିଯୋଗ କରାଯାଉଥିଲେ ମଧ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ସ୍ଥାନୀୟ ଅଂଚଳରେ ଅଶନ୍ତୋଷ ଦେଖାଦେଇଛି । ଏପରିକି ବେଆଇନ ମାଙ୍କଡା ପଥର ଖନନ ପାଇଁ ଆଜି ସ୍ଥାନୀୟ ଟାଙ୍ଗିଆପଡା ଗାଁର ୩୦ରୁ ଉର୍ଦ୍ଧ ଆଦିବାସୀ ମହିଳା ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି । ତେଣୁ ଅଭିଯୋଗ ପରେ ଜିଲା ପ୍ରଶାସନ ୭ଦିନ ମଧ୍ୟରେ ଯଦି କୌଣସି ପଦକ୍ଷେପ ଗ୍ରହଣ ନକଲେ ତେବେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଆଦିବାସୀ ମହିଳାମାନେ ଚେତାବନୀ ଦେଇଛନ୍ତି । ଅଭିଯୋଗ ଅନୁଯାୟୀ ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ଟାଙ୍ଗିଆ ପଡା ଆଦିବାସୀ ସାହି ନିକଟରେ ଶହ ଶହ ଜଙ୍ଗଲ ଓ ପତିତି ଜମି ରହିଛି ।ତେବେ ଉକ୍ତ ଜମିରୁ ଖଣି ମାଫିଆମାନେ ଦିନ ରାତି ପାୱାର ଟିଲର ଲଗାଇ ମାଙ୍କଡା ଖନନ କରିବା ଦ୍ୱାରା ଶବ୍ଦ ପ୍ରଦୁଷଣ ହେଉଛି । ଏହା ଦ୍ୱାରା ପିଲାମାନେ ସଠିକ ଭାବେ ପାଠ ପଢିପାରୁନାହାନ୍ତି । ଏପରିକି ପଥର ଖନନ କରି ୪୦ରୁ ୫୦ ଫୁଟ ଗର୍ତ୍ତ ସୃଷ୍ଟି ହେଉଛି । ଫଳରେ ଉକ୍ତ ବିପଦପୂର୍ଣ୍ଣ ଗର୍ତ୍ତରେ ଗାଇ ଗୋରୁ ପଡି ଜୀବନ ହାରୁଛନ୍ତି । ଏପରିକି ବିରୋଧ କଲେ ଅଶ୍ଳିଷ ଭାଷାରେ ଗାଳି ଗୁଲଜ କରିବା ସହିତ ଖଣି ମାରଫିଆମାନେ ଜୀବନରୁ ମାରି ଦେବା ପାଇଁ ଧମକ ଦେଉଛନ୍ତି ।

# ଦରଦୀର ବଂଧୁ ଡ. କାର୍ତ୍ତିକେଶ୍ୱର ପାତ୍ର

ରୂପ୍ସା, ୮/୧୦(ନି.ପ୍ର): ପୂର୍ବତନ ସାଂସଦ ତଥା ବିଶିଷ୍ଟ ସାହିତ୍ୟିକ କବି ଡ. କାର୍ତ୍ତିକେଶ୍ୱର ପାତ୍ର ଥିଲେ ଦରଦୀର ବଂଧୁ । ଦୀର୍ଘ ୧୫ ବର୍ଷ ପୂର୍ବରୁ ଯେତେବେଳେ ସେ ସାଂସଦ ଥିଲେ ସେତେବେଳେ ସେ ମୋ ଝିଅକୁ ପଢ଼ିବା ପାଇଁ ବହୁତ ସାହାଯ୍ୟ କରିଥିଲେ । ମୁଁ ଦିଲ୍ଲୀ ଯାଇ ତାଙ୍କ କ୍ୱାଟରରେ ରହି ଭଲଭାବରେ ଜାଣିଛି ସେ ମୋ ଭଳି ଅନେକ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥୀକ ସାହାଯ୍ୟ କରୁଛନ୍ତି । ବାଲେଶ୍ୱର ସାର୍କେଟ ହାଉସକୁ ମଧ୍ୟ ମୁଁ ଯାଇ ଦେଖିଛି ଅନେକ ଅଭିଭାବକ ମାନଙ୍କୁ ସେମାନଙ୍କ ପିଲାମାନଙ୍କ ପଢ଼ିବା ନିମନ୍ତେ ସେ ସାହାଯ୍ୟ କରୁଥିଲେ । ମୁଁ ମୋ ପରିବାର ତରଫରୁ ଗଭୀର ଶୋକ ପ୍ରକାଶ ପୂର୍ବକ ତାଙ୍କର ଅମର ଆତ୍ମାର ବିଶ୍ରାନ୍ତି ପାଇଁ ଶ୍ରଦ୍ଧା-ସୁମନ ଅର୍ପଣ କରିବା ସହିତ ତାଙ୍କର ଧର୍ମପତ୍ନୀ ତଥା ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ପରମାନନ୍ଦ ବାରିକ ।

# କେନ୍ଦୁଝର ଜିଲ୍ଲାରେ ବିକାଶର ବିକଳ ଚିତ୍ର : ପୁଣି ଭାରରେ ବୁହା ହେଲେ ଗର୍ଭବତୀ

କେନ୍ଦୁଝର,୦୮।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବିକାଶ ହୋଇଛି ବାଟବଣା । ଯେଉଁଥି ପାଇଁ କେନ୍ଦୁଝର ଜିଲ୍ଲାର ବିକଳ ଚିତ୍ର ବାରମ୍ବାର ସମ୍ନାକୁ ଆସୁଥିବା ବେଳେ ପୁଣି ଆଉ ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନେବାକୁ ପଡିଛି । ଏଭଳି ଏକ ବିକଳର ଚିତ୍ର ଏବେ ଦେଖିବାକୁ ମିଳିଛି ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳର ତେଲକୋଇ ବ୍ଲକର ଶିବନାରାୟଣପୁର ଗୋଡା ପଂଚାୟତ ଅନ୍ତର୍ଗତ ତମାଙ୍ଗ ଗ୍ରାମର । ଏହି ଗ୍ରାମଟିରେ ଆଦିବାସୀ ସଂପ୍ରଦାୟର ଭୁୟାଁ ଓ ଜୁଆଙ୍ଗ ଲୋକମାନେ ବାସ କରିଥିଆନ୍ତି । ଏହି ଗ୍ରାମର ଜଗା ଦେହୁରୀଙ୍କ ପତ୍ନୀ ନନ୍ଦୀନ ଦେହୁରୀ ଗତ କାଲି ତଥା ମଙ୍ଗଳବାର ଦିନ ଗର୍ଭବ ଯନ୍ତ୍ରଣା ଅନୁଭବ କରିଥିଲେ । ତେବେ ସେତେବେଳେ ଗ୍ରାମର ପୁରୁଷ ଲୋକମାନେ ଚାଷ କାର୍ଯ୍ୟରେ ବ୍ୟସ୍ତ ଥିବା କାରଣରୁ ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲ ଆଣିବା ସମ୍ଭବପର ହୋଇ ନଥିଲା । ଫଳରେ ଅପରାହ୍ନରେ ନନ୍ଦିନୀଙ୍କୁ ମେଡିକାଲ ଆଣାଯିବା ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଦେଶ ସ୍ୱାଧୀନ ହେବାର ଦୀର୍ଘ ପ୍ରାୟ ୭୦ ବର୍ଷ ପରେ ମଧ୍ୟ କେନ୍ଦୁଝର ଜିଲ୍ଲାର ଏହି ତମାଙ୍ଗ ଗ୍ରାମକୁ ରାସ୍ତା ଖଣ୍ଡିଏ ନ ଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରି ନଥିଲା । ଫଳରେ ଗର୍ଭ ବେଦନାରେ ପୀଡିତା ନନ୍ଦୀନ ଙ୍କୁ ପରିବାର ଲୋକେ ଏକ ଭାରରେ ପ୍ରାୟ ୪ କିଲୋ ମିଟର ଦୂରତାର ରାସ୍ତାରେ ବୋହି ଆଣି ପାହାଡ ପାଦଦେଶରେ ଅବସ୍ଥିତ ହଳଦୀପାଣି ଗ୍ରାମକୁ ଆଣିଥିଲେ । ଏବଂ ସେଠାରୁ ଆମ୍ବୁଲାନ୍ସ ଯୋଗ ତାଙ୍କୁ ତେଲକୋଇ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ନନ୍ଦିନୀ ଏକ ମୃତ ଶିଶୁଙ୍କୁ ଜନ୍ମ ଦେଇଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛ ଯେ ଅଗମ୍ୟ ଅଂଚଳର ଗର୍ଭବତୀ ମହିଳା ମାନଙ୍କ ସୁରକ୍ଷିତ ମାତୃତ୍ୱ ଉଦ୍ଦେଶ୍ୟରେ ମା' ଗୃହରେ ରହିବାର ସରକାରୀ ସ୍ତରରେ ବ୍ୟବସ୍ଥା ରହିଥିଲେ ମଧ୍ୟ ତେଲକୋଇ ଅଂଚଳର ନନ୍ଦିନୀଙ୍କ ଭଳି ଗରୀବ ଆଦିବାସୀ ମହିଳାଙ୍କ କ୍ଷେତ୍ରରେ ତାହା ଲାଗୁ କରା ନ ଯିବା ଜିଲ୍ଲା ସ୍ୱାସ୍ଥ ବିଭାଗର ସରକାରଙ୍କର ଲୋକାଭିମୁଖୀ କାର୍ଯ୍ୟକ୍ରମ ଗୁଡିକୁ ସଫଳ କରିବା ସହ ହିତାଧିକାରୀଙ୍କୁ ତାହାର ସୁଫଳ ଯୋଗାଇବା ଦିଗରେ ବିଫଳତାକୁ ପ୍ରମାଣିତ କରିଛି ବୋଲି କୁହାଯଯାଇ ପାରିବ । ଏଭିଳି କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଉତରଦାୟିତ୍ୱ ଧାର୍ଯ୍ୟ କରାଯାଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଛି ।ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଅର୍ଥର ଅବାବ ନଥିବା କାରଣରୁ ତୁରନ୍ତ ଏହି ଗ୍ରାମକୁ ଏକ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ ହେଉଛି । ତେବେ କେବେ ପ୍ରଶାସନର ହଦୟରେ ଏହି ଅଂଚଳର ଲୋକଙ୍କ ପ୍ରତି ଦରଦ ପ୍ରକାଶ ପାଇବ ଏବଂ ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯିବ ତାହା ଦେଖିବାକୁ ବାକି ରହିଲା । ଅନ୍ୟ ପକ୍ଷରେ ଏହି ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରେମାନନ୍ଦ ନାଏକ , ନବୀନ ପଟ୍ଟନାୟକ ଙ୍କ ନେତୃତ୍ୱାଧୀନ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ମିଳିଛି ସତ କିନ୍ତୁ ଜିଲ୍ଲା କଥାତ ଦୂରର କଥା ତାଙ୍କୁ ତାଙ୍କ ନିଜ ନିର୍ବାଚନ ର ବିକାଶ କିମ୍ବା ସମସ୍ୟା ସଂପର୍କରେ ପାଟି ଖୋଲିବା ଉପରେ କୁଆଡେ ରୋକ୍ ଲଗାଯାଇ ଅଘୋଷିତ ଫତୁଆ ଜାରି କରାଯାଇଛି । ଯେଉଁଥିପାଇଁ ଖଣିଜ ପ୍ରତିଷ୍ଠାନ ପାର୍ଣ୍ଣରେ ସେଠାରେ ଆରମ୍ଭ ଏକ ପ୍ରକଳ୍ପକୁ ଅଧାରୁ ବନ୍ଦ ରଖାଯାଇଥିଲେ ମଧ୍ୟ ତାକୁ ସଂପୂର୍ଣ୍ଣ କରିବା ପାଇଁ ରହିଥିବା ଲୋକଙ୍କ ଦାବୀକୁ ସେ କୁଆଡେ ଜିଲ୍ଲା ପ୍ରଶାସନ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କର ଅପମାନିତ ହୋଇଥିବା ଘଟଣା ଚର୍ଚ୍ଚକୁ ଆସିଛି । ଏ ହେଉଛି ସେହି ନିର୍ବାଚନ ମଣ୍ଡଳୀ ଯେଉଁ ଅଂଚଳରେ ଅନଲାଇନ୍ ରେ ପାଠ ପଢିବା ପାଇଁ ଛାତ୍ର ଛାତ୍ରୀ ଶିକ୍ଷକ ମାନଙ୍କୁ ପାହାଡ ଉପରକୁ ଯିବାକୁ ପଡିଥାଏ । ଏବଂ ସ୍କୁଲ ଯିବା ପାଇଁ କୋମଳମତି ଛାତ୍ର ଛାତ୍ରୀଙ୍କୁ ନିଜ ଜୀବନକୁ ବାଜି ଲଗାଇ ଉଚ୍ଛୁଳା ନଦୀରେ ଡଙ୍ଗା ବାହି ଯିବାକୁ ପଡିଥାଏ । ଏସବୁ ହେଉଛି ଜିଲ୍ଲାର ବିକାଶର ବିକଳ ଚିତ୍ର । ଯାହା କି ଭାତ ହାଣ୍ଡିରୁ ଗୋଟିଏ ମାତ୍ର । କିନ୍ତୁ ଜିଲ୍ଲାରେ ଅର୍ଥର ଅଭାବ ନଥିବା କଥା କାହାକୁ ଅଜଣା ନାହିଁ । ହୁଏତ ଅଭାବ ରହିଛି କେବଳ ଇଛା ଶକ୍ତିର , ଯାହାକି ଦେଖିବାକୁ ସ୍ୱପ୍ନ ହୋଇପଡିଛି ।

# ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ସମେତ ୨୫ହଜାର ଟଙ୍କା ଚୋରି

ଖୋର୍ଦ୍ଧା,୦୮।୧୦ (ନି.ପ୍ର): ମଙ୍ଗଳବାର ବିଳମ୍ବିତ ରାତିରେ ଘରେ ପଶି ଗ୍ରୀଲ ତାଲା ଭାଙ୍ଗିବା ସହିତ ପରିବାର ଲୋକଙ୍କୁ ଶୟନ କକ୍ଷର ବାହାର ପଟୁ କବାଟ କିଳି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି ଚୋରମାନେ । ଏଥି ସହିତ ନଗଦ ୨୫ହଜାର ଟଙ୍କା ମଧ ଲୁଟି ନେଇଛନ୍ତି ଦୁର୍ବୃଦମାନେ । ଏଭଳି ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ହଳଦିପଦା ଗାଁରେ । ଗାଁର ବିରଂଚି ନାରାୟଣ ରାଉତରାୟ ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଥିବା ଜଣାପଡିଛି ।ଏପରିକି ପୁଲିସ ତଦନ୍ତ କରିଥିଲେ ମଧ ଏଯାବତ ଚୋରମାନଙ୍କ ସନ୍ଧାନ ପାଇପାରିନାହିଁ । ସୁଚନା ଅନୁଯାୟୀ ମଙ୍ଗଳବାର ରାତିରେ ନାରାୟଣଙ୍କ ପରିବାର ଲୋକେ ରାତିଭୋଜନ କରି ଶୋଇପଡିଥିଲେ । ଏହାର ସୁଯୋଗ ନେଇ କିଛି ଦୁର୍ବୃଦ ନାରାୟଣଙ୍କ ଘରର ସମ୍ମୁଖ ଦ୍ୱାରର ଗ୍ରୀଲରେ ଲାଗିଥିବା ତାଲାକୁ ଭାଙ୍ଗି ଘରେ ପଶିଥିଲେ । ପରେ ନାରାୟଣଙ୍କ ପରିବାର ଲୋକ ଶୋଇଥିବା ରୁମରେ ତାଲା ପକାଇ ଲୁଟପାଟ କରିଥିଲେ । ତେବେ ନାରାୟଣ ଝିଅ ବିବାହ ପାଇଁ ଆଲମିରାରେ ରଖିଥିବା ସୁନାର କାନ ଫୁଲ,ଝରା,ହାର,୩ଟି ସୁନା ହନୁମନ୍ତିଆ,ଦୁଇ ହଳ ନାକ ଫୁଲ,୬ଟି ମୁଦ,ତିନି ହଳ ରୁପା ପାଉଁଜି ସମେତ ନଗଦ ୨୫ ହଜାର ଟଙ୍କା ଚୋରି କରି ନେଇ ଯାଇଥିବା ଜଣାପଡିଛି ।

## ଦୀନବନ୍ଧୁ ଗୋପବନ୍ଧୁ.....

ପୃଷ୍ଠା ୪ର ଅବଶିଷ୍ଟାଂଶ...

ଗୋପବନ୍ଧୁଙ୍କର ଅନ୍ୟାନ୍ୟ କୃତି ମଧ୍ୟରେ ସେ ଥିଲେ ଜଣେ ବଶିଷ୍ଠ କବି, ପ୍ରାବନ୍ଧିକ ଓ ସାହିତ୍ୟିକ । ତାଙ୍କର ନିଜ ପତ୍ରିକା 'ସମାଜ' ଓ 'ସତ୍ୟବାଦୀ' ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ପତ୍ରପତ୍ରିକାରେ ତାଙ୍କର ଛାପ ଛାଡ଼ିଯାଇଛନ୍ତି । ତାଙ୍କର ଶ୍ରେଷ୍ଠ କୃତି ମଧ୍ୟରେ ଅଛି 'ଧର୍ମପଦ' , 'ଗୋ ମାହାତ୍ମ୍ୟ', 'ବ୍ରହ୍ମତତ୍ତ୍ୱ', 'ଅବକାଶ ଚିନ୍ତା', 'କାରାକବିତା', 'ବନ୍ଦୀର ଆତ୍ମକଥା' ଓ ପ୍ରବନ୍ଧ 'ଓଡ଼ିଆର ଜାତୀୟତା' ।

ତାଙ୍କ ସାହିତ୍ୟରେ ଆମ ପାଇଁ ଛାଡ଼ି ଯାଇଥିବା କିଛି ଆପ୍ତ ବାକ୍ୟ :-

ବିପଦ ପ୍ରଭୁଙ୍କ କଷଟି ପାଷାଣ ପରଖନ୍ତି ନାହିଁ ନର ହୃଦ ଟାଣ ।
ଉତ୍କଳେ ନେତାର ନାହିଁ ପ୍ରୟୋଜନ ଉତ୍କଳର ନେତା ନିଜେ ନାରାୟଣ ।
କାତରତା ସିନା କାପୁରୁଷ ପଣ ବୀର ମାରେ ଅବା ମରେ କରି ରଣ
ସୁଖ ଦୁଃଖ ଚକ୍ର ଘୁରେ ନିରନ୍ତର ଏକ ପରେ ଆନ ଆସିବ ନିକର ।
ନିଜ ସ୍ୱାର୍ଥ ଲାଗି ଜାତି ନୁହେଁ ହିନ୍ଦୁ ବିଶ୍ୱ ହିତେ ତା'ର ପ୍ରତି ରକ୍ତବିନ୍ଦୁ ।
ଗୁଣ ଥିଲେ ରୂପରେ କି ଅଛି ପ୍ରୟୋଜନ ରୂପ ଅଟଇ କେବଳ ବାହ୍ୟ ଆବରଣ
ପଛଘୁଂଚା ନାହିଁ ବୀରର ଜାତକେ ନମରେ ସେ କେବେ ପରାଣ ଆତଙ୍କେ ।

ଏହିପରି ଅନେକ ଆପ୍ତବାକ୍ୟ ତାଙ୍କ ସାହିତ୍ୟର ସୃଷ୍ଟିର ସମ୍ଭାର ମଧ୍ୟରେ ଅଛନ୍ତି ।

୧୯୨୮ରେ ଲୋକସେବକ ମଣ୍ଡଳରେ ଯୋଗଦେବା ପାଇଁ ଲାହୋର ଗଲାବେଳେ ଗୋପବନ୍ଧୁ କଲିକତାଠାରେ ଆନ୍ତ୍ରିକ ଜ୍ୱରରେ ଆକ୍ରାନ୍ତ ହୋଇପଡ଼ିଲେ ଏବଂ ସେଇଠୁ ସତ୍ୟବାଦୀ ଫେରି ଆସିଲେ । ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଉଠିଲା । ସେ ମୃତ୍ୟୁକୁ ଏବେ ବହୁ ନିକଟରୁ ଦେଖିପାରୁଥିଲେ । ଏଣୁ ମୃତ୍ୟୁପୂର୍ବରୁ ସେ ନିଜ ଇଚ୍ଛାପତ୍ରରେ 'ସମାଜ' ଓ 'ସତ୍ୟବାଦୀ' ପ୍ରେସର ପରିଚାଳନା ଭାର ଲୋକସେବକ ମଣ୍ଡଳକୁ ଅର୍ପଣ କରିଥିଲେ । ଏହି ଇଚ୍ଛାପତ୍ର ସଂପାଦନର ୨ ଘଂଟା ପରେ ଅର୍ଥାତ୍ ୨୬ ତାରିଖ ରବିବାର ସଂଧ୍ୟା ୭.୨୫ ମିନିଟ୍‌ରେ ସେ ଶେଷନିଶ୍ୱାସ ତ୍ୟାଗ କଲେ । ଏବେ ବନ୍ୟା, ମରୁଡ଼ି ବା ପ୍ରାକୃତିକ ଦୁର୍ବିପାକ କି ଦେଶସେବା ବା ରାଜନୀତି କଥା କହିଲେ ସେ ଦରଦୀ ଲୋକଟି ଖୋଜା ପଡ଼େ । ଗୋପବନ୍ଧୁ କାହିଁ ଗଲ... ?

ଅଧକ୍ଷ,ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

# ହାଥରସ ଗଣ ଦୁଷ୍କର୍ମ ଅଭିଯୁକ୍ତଙ୍କ ଗିରଫ ଦାବି

ବାଲେଶ୍ୱର,୮।୧୦(): ଉତ୍ତର ପ୍ରଦେଶ ହାଥରସରେ ଗତ ୧୪ ତାରିଖରେ ହୋଇଥିବା ଅନୁସୂଚିତ ଜାତି ବାଳିକା ଗଣଦୁଷ୍କର୍ମରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଦଣ୍ଡବିଧାନ ପାଇଁ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସଂଗଠନର ଜିଲ୍ଲା ସଭାପତି ସାଧୁଚରଣ ମଲ୍ଲିକ ଓ ସଂଯୋଜକ ପ୍ରଫୁଲ୍ଲ କୁମାର ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ । ହାତରସ୍‌ରେ ଘଟିଥିବା ଅମାନବୀୟ ଘଟଣା ସମଗ୍ର ଦେଶ ପାଇଁ ଅତ୍ୟନ୍ତ ନିନ୍ଦନୀୟ ହୋଇଥିବା ବେଳେ ଦୁଷ୍କର୍ମକାରୀଙ୍କ ସମ୍ପର୍କୀୟମାନେ ଗଣମାଧ୍ୟମରେ ରଖୁଥିବା ମନ୍ତବ୍ୟ ଭାରତୀୟ ଗଣତନ୍ତ୍ର ତଥା ସମ୍ବିଧାନକୁ ଉପହାସ ସଦୃଶ ହୋଇଛି ବୋଲି ସେମାନେ ଆରୋପ ଉଠାଇଛନ୍ତି । ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଯଥାଶୀଘ୍ର ବିଚାର ପୂର୍ବକ ସେମାନଙ୍କୁ ଦଣ୍ଡିତ ପାଇଁ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି । ନତୁବା ଆଗାମୀ ଦିନରେ ଏହି ମୋର୍ଚ୍ଚା ତା'ର ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୮୭୯୬ କୋଟି ଟଙ୍କାର .......

ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିକ୍ଷ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିକ୍ଷ ବିକାଶ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### କେନ୍ଦ୍ରମନ୍ତ୍ରୀ ରାମବିଲାସ ...

ହାଜିପୁର ନିର୍ବାଚନ ମଣ୍ଡଳିରୁ ଜନତା ପାର୍ଟିର ସଦସ୍ୟ ଭାବେ ସେ ୧୯୭୭ ମସିହାରେ ଲୋକସଭାରେ ପ୍ରବେଶ କରିଥିଲେ । ଏହାପରେ ୧୯୮୦, ୧୯୮୯, ୧୯୯୬, ୧୯୯୮, ୧୯୯୯, ୨୦୦୪ ଏବଂ ୨୦୧୪ରେ ସେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୯ ଲୋକସଭା ନିର୍ବାଚନରେ ହାରିବା ପରେ ସେ ୨୦୧୦ରୁ ୨୦୧୪ ପର୍ଯ୍ୟନ୍ତ ରାଜସଭା ସଦସ୍ୟ ହୋଇଥିଲେ । ପୁନଶ୍ଚ ୨୦୧୪ରେ ଷୋଡ଼ଶ ଲୋକସଭା ନିର୍ବାଚନରେ ସେ ହାଜିପୁର ନିର୍ବାଚନ ମଣ୍ଡଳିରୁ ନିର୍ବାଚିତ ହୋଇଥିଲେ । ୨୦୦୦ରେ ପାଶଓ୍ୱାନ ଲୋକ ଜନଶକ୍ତି ପାର୍ଟି ଗଠନ କରି ଏହାର ଅଧ୍ୟକ୍ଷ ହୋଇଥିଲେ । ୨୦୦୪ରେ ସେ ଶାସକ 'ୟୁନାଇଟେଡ୍ ପ୍ରୋଗ୍ରେସିଭ ଆଲିଏନ୍ସ' ସରକାରରେ ଯୋଗଦେଇ ରାସାୟନ ଓ ସାର ମନ୍ତ୍ରାଳୟ ଏବଂ ଇସ୍ପାତ ମନ୍ତ୍ରାଳୟରେ କେନ୍ଦ୍ରମନ୍ତ୍ରୀ ଭାବେ ଅବସ୍ଥାପିତ ହୋଇଥିଲେ । ଏହାପରେ ସେ ବିଜେପି ନେତୃତ୍ୱାଧୀନ ଏନଡିରେ ଯୋଗ ଦେଇଥିଲେ । ଚଳିତ କେନ୍ଦ୍ର ସରକାରରେ ସେ ଖାଦ୍ୟ, ଯୋଗାଣ ଓ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ଥିଲେ । ୧୯୭୫ ମସିହାରେ ଭାରତର ଜରୁରୀ ପରିସ୍ଥିତି ଜାରି ହେବାପରେ ପାଶଓ୍ୱାନ ଗିରଫ ହୋଇ ଜେଲ୍ ଯାଇଥିଲେ । ୧୯୭୭ରେ ଜେଲରୁ ମୁକୁଳିବା ପରେ ସେ ଜନତା ପାର୍ଟିରେ ଯୋଗ ଦେଇଥିଲେ ।

### ସ୍କୁଲ ଖୋଲିବାକୁ ...

ଆଣିବା ଦିଗରେ ସମସ୍ତେ କାର୍ଯ୍ୟ କରିବା ଲାଗି କୁହାଯାଇଛି । ଏହାର ଉଲ୍ଲଂଘନ କଲେ ଘଟଣାକୁ ଗୁରୁତର ସହିତ ନିଆଯିବ ବୋଲି ମଧ ସୂଚନା ରହିଛି । ଏହି ନିର୍ଦ୍ଦେଶ ପରେ ରାଜ୍ୟରେ ସ୍କୁଲ ଖୋଲିବା ନେଇ ଆଶା ଦେଖାଦେଇଛି । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆକ୍ସନ ପ୍ଲାନ ପ୍ରସ୍ତୁତି କରିଥିବା ଜଣାପଡିଛି । ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରହିଛି । କେନ୍ଦ୍ର ସରକାର ଅକ୍ଟୋବର ୧୫ ତାରିଖରୁ ସ୍କୁଲ କଲେଜ ଖୋଲିବାକୁ ପ୍ରସ୍ତୁତ ହେଉଥିବା ବେଳେ ,ପୂଜା ଛୁଟି ପୂର୍ବରୁ କୌଣସି ଶିକ୍ଷାନୁଷ୍ଠାନ ଖୋଲିପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ । ସେହିପରି ଅକ୍ଟୋବର ଶେଷ ସପ୍ତାହରେ ଶିକ୍ଷାନୁଷ୍ଠାନ ଖୋଲିବା ସମ୍ପର୍କରେ ନିଷ୍ପତି ନିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଥିଲେ ।

### ରାଜ୍ୟରେ ମନ୍ଦିର ଖୋଲିବା...

ପ୍ରଶାସନ ଓ ଦେବୋତର ବିଭାଗ ଅଧୀନରେ ଥିବା ଅନ୍ୟ ମନ୍ଦିରକୁ ରାଜ୍ୟ ସରକାର ସେ ବିଷୟରେ ଜଣାଇବାକୁ ଚିଠିରେ କହିଛନ୍ତି । ମନ୍ଦିର ପ୍ରଶାସନକୁ ସରକାରଙ୍କ ପକ୍ଷରୁ ଚିଠି ଜାରି ହୋଇଥିବା ମୁଖ୍ୟ ଶାସନ ସଚିବ ଟ୍ୱିଟ୍ କରି ସୂଚନା ଦେଇଛନ୍ତି । ହିତାଧିକାରୀଙ୍କ ସହ କଥା ହୋଇ ଆସନ୍ତା ୧୦ ଦିନ ମଧ୍ୟରେ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ କିପରି କୋଭିଡ ନିୟମ ମାନି ମନ୍ଦିର ଖୋଲା ଯାଇପାରିବ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିବା ସେ ଟ୍ୱିଟରେ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ମନ୍ଦିର ଖୋଲିବା ଉପରେ ଦେବୋତର କମିଶନର ଚିତରଞ୍ଜନ ମହାପାତ୍ର ନ କହିଛନ୍ତି ଯେ 'କୋଭିଡ୍ କଟକଣା ଭିତରେ ମନ୍ଦିର ଖୋଲାଯାଇ ପାରିବ । ସରକାର ଯେଉଁ ଗାଇଡଲାଇନ କରିବେ ଆମେ କାର୍ଯ୍ୟକାରୀ କରିବୁ । ଜିଲ୍ଲାପାଳମାନେ ରିପୋର୍ଟ ଦେଲା ପରେ ବିଚାର କରାଯିବ । ଆମ ଅଧୀନରେ ୧୮ହଜାର ମନ୍ଦିର ରହିଛି ।'

### ବିସ୍ଫୋରଣ ସ୍ଥଳରୁ ମିଳିଥିବା ...

ତେବେ ଏହି ୪ ଜଣଙ୍କ ମଧ୍ୟରୁ ଜଣଙ୍କର ପତା ମିଳୁନାହିଁ । ତେଣେ ପୋଲିସ ତାଙ୍କୁ ନିରୁଦ୍ଦିଷ୍ଟ ବୋଲି ଗ୍ରହଣ କରିଛି । ଏଥିସହ ଘଟଣାସ୍ଥଳରୁ ମିଳିଥିବା ଶରୀର ଅଂଶକୁ ଫୋରେନ୍ସିକ୍ ପରୀକ୍ଷା ଲାଗି ପଠାଯାଇଛି । ଯଦି ଫୋରେନ୍ସିକ୍ ପରୀକ୍ଷାରୁ ମୃତକଙ୍କ ପରିଚୟ ସଂପର୍କରେ ସୂଚନା ନ ମିଳେ ତେବେ ଡିଏନ୍‌ଏ ଟେଷ୍ଟ କରାଯିବ । ବର୍ତ୍ତମାନ ଟାଙ୍କିରେ ପେଟ୍ରୋଲ୍ ମହଜୁଦ୍ ଅଛି । ପେଟ୍ରୋଲ୍ ସ୍ଥାନାନ୍ତର ହୋଇ ସାରିବା ପରେ ବିସ୍ଫୋରଣ ଯୋଗୁ ସୃଷ୍ଟି ହୋଇଥିବା ଗର୍ତ୍ତ ଓ ମାଟିସ୍ତୁପ ତଳେ କ'ଣ ରହିଛି ତାହା ଖୋଳାଯାଇ ଦେଖାଯିବ । ତା' ମଧ୍ୟରେ ଶରୀର ଅଂଶ ଅଛି କି ନାହିଁ ସନ୍ଧାନୀ କୁକୁର ଲଗାଇ ଯାଂଚ କରାଯିବ । ଘଟଣା ସମ୍ପର୍କରେ ପୋଲିସ୍ ମାମଲା ରୁଜୁ କରିଛି । ଏହି ଘଟଣାର ତଦନ୍ତ ଭୁବନେଶ୍ୱର ଡିସିପିଙ୍କ ତତ୍ତ୍ୱାବଧାନରେ ଚାଲିଛି ବୋଲି ସେ କହିଛନ୍ତି ।

### ଉପନିର୍ବାଚନ : ଷ୍ଟାର...

୧୦ଦିନ ମଧ୍ୟରେ ଦଳ ମାନେ ଏହା ଦାଖଲ କରିପାରିବେ । ଯେଉଁ ଦଳ ଗୁଡିକ ଏହି ତାଲିକା ଦାଖଲ କରିସାରିଛନ୍ତି ସେମାନେ ପୁଣି ଥରେ ସଂଶୋଧିତ ତାଲିକା ଦାଖଲ କରିବେ । ଷ୍ଟାର କ୍ୟାମ୍ପେନର ପ୍ରଚାର ପାଇଁ ଯିବାର ୪୮ଘଂଟା ପୂର୍ବରୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇବେ । ଯାହାଫଳରେ ତାଙ୍କର ସୁରକ୍ଷା ଓ ନିରାପତା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ହୋଇପାରିବ । ସେହିପରି ଉପନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପ୍ରଚାର ଓ ସଭା ନିମନ୍ତେ ଜିଲ୍ଲା ପ୍ରଶାସନ ନିର୍ଦ୍ଦିଷ୍ଟ ଭାବେ ଖୋଲା ସ୍ଥାନ ଚିହ୍ନଟ କରିବ । ଯେଉଁଠାରେ ସାମାଜିକ ଦୂରତ୍ୱ ଓ କୋଭିଡ୍ ନିୟମକୁ ପାଳନ କରି ସଭା କରାଯାଇପାରିବ ବୋଲି କମିଶନ ତାଙ୍କ ଚିଠିରେ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ ଯେ ବାଲେଶ୍ୱର ସଦର ଓ ତିର୍ତୋଲ ବିଧାନସଭା ଆସନରେ ନଭେମ୍ବର ୩ତାରିଖରେ ଭୋଟଗ୍ରହଣ ହେବ ।

# ବାଳାଶ୍ରମ ଅନ୍ତେବାସୀଙ୍କୁ ବିତାଡ଼ିତ ପାଇଁ ଉଦ୍ୟମ

## ଜିଲ୍ଲାପାଳଙ୍କଠାରେ ଛାତ୍ର କାହ୍ନୁର ଫେରାଦ

ବାଲେଶ୍ୱର,୮।୧୦ (ନି.ପ୍ର): ବାଲେଶ୍ୱର ଉତ୍କଳ ବାଳାଶ୍ରମ ପରିଚାଳନା କର୍ମକର୍ତ୍ତାଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଅନୈତିକ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାକୁ ଚେଷ୍ଟାରତ ଦଶମ ଶ୍ରେଣୀର ଛାତ୍ରଙ୍କୁ ଅନୁଷ୍ଠାନରୁ ବହିଷ୍କାର କରାଯାଉଥିବା ଉଦ୍ୟମକୁ ନେଇ ନିଆଶ୍ରା ଛାତ୍ର ଓ ତାର ମାଉସୀ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି । ସିମୁଳିଆ ଥାନା ଅନ୍ତର୍ଗତ ଜାମୁଝାଡ଼ି ଅଞ୍ଚଳର ରତ୍ନାକର ମଲ୍ଲିକଙ୍କ ପୁତ୍ର କାହ୍ନୁଚରଣ ମଲ୍ଲିକ ୨୦୧୬ ମସିହାରୁ ବାଳାଶ୍ରମରେ ରହିବା ସହିତ ସ୍ଥାନୀୟ ମ୍ୟୁନିସପାଲ ହାଇସ୍କୁଲରେ ପଢୁଛନ୍ତି । ସେ ଏବେ ଦଶମ ଶ୍ରେଣୀର ଛାତ୍ର ଅଟନ୍ତି । ତେବେ ଗତ କିଛିଦିନ ଧରି ବାଳାଶ୍ରମରେ ହେଉଥିବା ଅନଅତିକ କାର୍ଯ୍ୟକୁ ଦେଖି ଦେଖି ସେମାନେ ଅତିଷ୍ଠ ହୋଇପଡ଼ିଥିବା ପ୍ରକାଶ କରିଛନ୍ତି । ଅଧୀକ୍ଷକ ଓ ଅନ୍ୟାନ୍ୟ ପଦବୀର ରହି ବାଳାଶ୍ରମ ପରିଚାଳନା କରୁଥିବା ଅଧିକାରୀ ତଥା କର୍ମଚାରୀମାନେ ପ୍ରତିଦିନ ରାତିରେ ନିଶାସେବନଠାରୁ ବାହାର ଯୁବତୀଙ୍କୁ ଆଣି ରାତ୍ରି ଯାପନ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଅନୈତିକ କାର୍ଯ୍ୟ ଅନ୍ତେବାସୀମାନେ ଦେଖି ଆସୁଛନ୍ତି । ଏ ବାବଦରେ କେହି ଅନ୍ତେବାସୀ ମୁହଁ ଖୋଲିଲେ ସେମାନେ ସମ୍ପୃକ୍ତ ଛାତ୍ରଙ୍କୁ ନାନା ପ୍ରକାର ନିର୍ଯାତନା ଦେବା ସହିତ ବାଳାଶ୍ରମରୁ ବାହାର କରିବାଦେବାର ଧମକ ଦେଉଛନ୍ତି । ତେବେ ଗତ କିଛିଦିନ ଧରି ଏହି ଧରା ଅଧିକ ମାତ୍ରାରେ ଚାଲିବା ଦେଖି କାହ୍ନୁ ଓ ତା' ସହ ଦଶମ ଶ୍ରେଣୀରେ ପଢୁଥିବା କିଛି ଛାତ୍ର ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତାଙ୍କୁ ଜଣାଇବାକୁ ମନସ୍ଥ କରିଥିଲେ । ସମ୍ପୃକ୍ତ ପିଲାମାନଙ୍କ ମଧ୍ୟରୁ କେହି କାହ୍ନୁ ସମ୍ପର୍କରେ ବାଳାଶ୍ରମ ପରିଚାଳକ ଓ ଅନ୍ୟାନ୍ୟ ତତ୍ତ୍ୱାବଧାରିକାଙ୍କୁ କହିବା କାରଣରୁ ସେମାନେ ଆକ୍ରୋଶମୂଳକ ଭାବେ ନିର୍ଯାତନା ଦେବା ଆରମ୍ଭ କରିଛନ୍ତି । ଏମିତିକି ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା କାହ୍ନୁକୁ ବାଳାଶ୍ରମରୁ ବାହାର କରିଦେବାକୁ ଯୋଜନା କରିଥିବା ତା'ର ମାଉସୀ ପ୍ରକାଶ କରିଛନ୍ତି । କାହ୍ନୁ ବାଳାଶ୍ରମରୁ କିଛି ସାମଗ୍ରୀ ଚୋରୀ କରିଥିବା ନେଇ ସେମାନେ ଅଭିଯୋଗ ଉଠାଇବା ସହ ତାକୁ ଏଠାରୁ ନେଇଯିବା ପାଇଁ ତା'ର ମାଉସୀଙ୍କୁ ଫୋନ୍ କରି ଡକାଇଛନ୍ତି । ଏହାକୁ ନେଇ କାହ୍ନୁ ଓ ତା'ର ମାଉସୀ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସମସ୍ତ ବିଷୟରେ ଅବଗତ କରିଛନ୍ତି । ଏ ନେଇ ସେମାନେ ଏକ ସ୍ମାରକପତ୍ର



ବି ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସେମାନଙ୍କ ଆପତ୍ତି ଶୁଣିବା ସହ ଖୁବଶ୍ରୀଘ୍ର ଉଚିତ ପଦକ୍ଷେପ ନେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ନାୟକ ପ୍ରତିଶ୍ରୁତି ଦେଇଛନ୍ତି ।

## ତିର୍ତୋଲ ଉପ ନିର୍ବାଚନ ପାଇଁ ରଘୁନାଥପୁର ବ୍ଲକ ପ୍ରଚାର କମିଟି ଗଠିତ

ଭୁବନେଶ୍ୱର,୮।୧୦ (ନି.ପ୍ର): ଆଗାମୀ ତିର୍ତୋଲ ବିଧାନସଭା ଉପ ନିର୍ବାଚନରେ ପ୍ରଚାର କାର୍ଯ୍ୟକୁ ପରିଚାଳନା କରିବାପାଇଁ ପିସିସି ନିର୍ବାଚନ କମିଟି ଅଧକ୍ଷ ଶ୍ରୀ ଚିରଞ୍ଜିବ ବିଶ୍ୱାଳଙ୍କ ସୁପାରିଶ କ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ରଘୁନାଥପୁର ବ୍ଲକ ନିର୍ବାଚନ ପ୍ରଚାର କମିଟିକୁ ଅନୁମୋଦନ କରିଛନ୍ତି । ଏହି କମିଟିରେ ଆବାହକ ଭାବରେ ଶ୍ରୀମତୀ ପ୍ରତିମା ମଲ୍ଲିକ ରହିଥିବା ବେଳେ ସହ-ଆବାହକ ଭାବେ ଶ୍ରୀ ସର୍ବେଶ୍ୱର ପଣ୍ଡା ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ସର୍ବଶ୍ରୀ ପ୍ରଶାନ୍ତ କୁମାର ଦାସ, ମନୋରଞ୍ଜନ ଜେନା, ଦେବବ୍ରତ ତ୍ରିପାଠୀ, କାଳନ୍ଦି ମହାନ୍ତି, ଆର୍ତତ୍ରାଣ ପଣ୍ଡା, ରୌନକ୍ ଅଲ୍ଲୀ ଖାଁ, ଶରତ ଚନ୍ଦ୍ର ବାରିକ, ଧିରେନ୍ଦ୍ରନାଥ ମଲ୍ଲିକ, ସମରାଜ ଦାସ, ପ୍ରଫୁଲ୍ଲ କୁମାର ମହାନ୍ତି, ବିଜନ କୁମାର ସ୍ୱାଇଁ, ଜ୍ଞାନରଂଜନ ପଟ୍ଟନାୟକ, ପ୍ରଭାକର ଜେନା, ସାଇପ୍ରଭଞ୍ଜନ ମହାପାତ୍ର, କାଶୀନାଥ ପଣ୍ଡା, ସରୋଜ କୁମାର ନାୟକ, ଜୈନେନ୍ଦ୍ର ମହାନ୍ତି, ଦୁର୍ଯ୍ୟୋଧନ ରାଉତ, ମାନସ ଗୋଚ୍ଛାୟତ, ଶରତ କୁମାର ରାଉତ, ତ୍ରିଲୋଚନ ରାଉତ ଓ ପ୍ରଭାସ କୁମାର ପଣ୍ଡା ପ୍ରମୁଖ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ପୂର୍ବତନ ସୈନିକ ସଂଘ ପକ୍ଷରୁ 'ଏୟାର ଫୋର୍ସ ଡେ'




ବାଲେଶ୍ୱର,୮।୧୦ (ନି.ପ୍ର): ଭାରତୀୟ ପୂର୍ବତନ ସୈନିକ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ୮୮ତମ ଏୟାରଫୋର୍ସ ଦିବସ ପାଳିତ ହୋଇଛି । ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ୮ତାରିଖ ଦିନ ସାରା ଦେଶର ଏୟାରଫୋର୍ସ ଷ୍ଟେସନ୍ ମାନଙ୍କରେ ଏହି ଉତ୍ସବ ଖୁବ୍ ଧୁମଧାମରେ ପାଳନ କରାଯାଇଥାଏ । ୧୯୩୨ ମସିହା ଆଜି ଦିନରେ ବାୟୁସେନାର ସ୍ଥାପନା ହୋଇଥିଲା । ଏହି ଦିନକୁ ସ୍ମରଣ କରି ପୂର୍ବତନ ସୈନିକ ସଂଘ ବାଲେଶ୍ୱର ଶାଖାରେ ମଧ ଏୟାରଫୋର୍ସ ଦିବସ ପାଳନ କରାଯାଇଛି । ସଂଘର ଉପସଭାପତି ଅନନ୍ତ ଚରଣ ଦାସ, ସଂପାଦକ ଆନନ୍ଦ ବରାଳ, ପୂର୍ବତନ ଅଧକ୍ଷ ଜୟନ୍ତ କୁମାର ବେହେରା ଏବଂ ଅନ୍ୟ ସଭ୍ୟବୃନ୍ଦ ଯଥା ପ୍ରତାପ ଚନ୍ଦ୍ର ବିଶ୍ୱାଳ, ଶ୍ରୀଧର ସାହୁ, ଜୟନ୍ତ କୁମାର ସାହୁ, ଅଶ୍ୱିନୀ କୁମାର ବର୍ଦ୍ଧନ, ନିରଞ୍ଜନ ବେହେରା ଆଦି ଉପସ୍ଥିତ ଥିଲେ । ସଂପାଦକ ଭାଷଣରେ ପ୍ରକାଶ କରିଥିଲେ ଯେ ବର୍ତ୍ତମାନ ସୀମା ଉପରେ ଭାରତ-ଚୀନ ମଧ୍ୟରେ ଏକ ମହାସଂଘର୍ଷ ଚାଲିଛି । ଏପରି ପରିସ୍ଥିତିରେ ବାୟୁସେନା ସଂପୂର୍ଣ୍ଣ ସଜାଗ ରହିଛି । ଏହା ଆମମାନଙ୍କ ପାଇଁ ଏକ ଗୌରବର ବିଷୟ । ପୂର୍ବତନ ସୈନିକମାନଙ୍କ ପାଇଁ ସୈନିକ ବୋର୍ଡ଼ ଅଫିସ୍ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟାଳୟ । ପ୍ରକାଶ ଥାଉକି କିଛି ମାସ ଧରି ଏହି କାର୍ଯ୍ୟାଳୟ ବନ୍ଦ ଥିଲା । ସୈନିକ ସଂଘର ବହୁ ପ୍ରଚେଷ୍ଟା ପରେ ଗତ ତା ୦୩-୦୯-୨୦୨୦ ରିଖ ଠାରୁ ଅଫିସରେ କାର୍ଯ୍ୟାରମ୍ଭ ହୋଇଥିଲା । ଗୋଟିଏ ମାସର କାର୍ଯ୍ୟକାଳକୁ ସଂପାଦକ ତଥା ସଭ୍ୟମାନେ ସମୀକ୍ଷା କରିଥିଲେ । ନାନାପ୍ରକାର କାର୍ଯ୍ୟରେ ଆସିଥିବା ସୈନିକମାନେ ଅଫିସ୍ କାର୍ଯ୍ୟକୁ ନେଇ ସନ୍ତୁଷ୍ଟି ପ୍ରକାଶ କରିଥିଲେ । ନାନା ପ୍ରକାର ସାମାଜିକ କାର୍ଯ୍ୟପାଇଁ ଭାରତୀୟ ପୂର୍ବତନ ସୈନିକସଂଘ ସବୁବେଳେ ଆଗଭର ହୋଇଥାଏ ।

# ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

ଭୁବନେଶ୍ୱର, ୦୮ ଅକ୍ଟୋବର (ହି.ସ.) – ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି । ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି । ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍‌କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି ।

# ମୁନିଗୁଡ଼ା ଥାନାରେ ଦୁର୍ଗାମାଧବ ପ୍ରଧାନ ନୂତନ ଆଇଆଇସି ଭାବେ କାର୍ଯ୍ୟରେ ଯୋଗଦାନ

ଗୁଣପୁର ,୮।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡ଼ା ଭଳି ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଥାନାରେ ଆଜି ନୂତନ ଆଇଆଇସି ଭାବେ ଶ୍ରୀ ଦୁର୍ଗାମାଧବ ପ୍ରଧାନ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଏହି ଅବସରରେ ନୂତନ ଆଇଆଇସି ଶ୍ରୀ ପ୍ରଧାନ ଏସ୍‌ଡିପିଓ ଶ୍ରୀ ଆକାଶ ଚନ୍ଦ୍ର ସାହୁଙ୍କୁ ସାକ୍ଷାତ କରିବା ପରେ ଥାନାରେ ସମସ୍ତ ଏସ୍‌ଆଇ, ଏଏସ୍‌ଆଇ, ପୋଲିସ, ହୋମଗାର୍ଡ ପ୍ଲାଟୁନ୍ କମାଣ୍ଡରଙ୍କ ସମେତ ହୋମଗାର୍ଡମାନେ ନୂତନ ଆଇଆଇସିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସୂଚନା ମୁତାବକ ଲୋକପ୍ରିୟ ତଥା ମୁନିଗୁଡ଼ା ଜନସାଧାରଣଙ୍କ ହୃଦୟରେ ଥିବା ସଚ୍ଚୋଟ ଦକ୍ଷ ଆଇଆସି ଶ୍ରୀ ରାଜେନ୍ଦ୍ର ପ୍ରସାଦ ଦେହୁରୁରୀ କରୋନାରେ ଆକ୍ରାନ୍ତ ହୋଇ ଗତ କିଛି ଦିନ ପୂର୍ବରୁ ମୃତ୍ୟୁବରଣ କରିଥିଲେ ତାଙ୍କରୀ ପଦବୀ ଖାଲିଥିଲା । ସେହି ସ୍ଥାନରେ ନୂତନ ଆଇଆଇସି ଭାବେ ଦୁର୍ଗାମାଧବ ପ୍ରଧାନ ଯୋଗ ଦେଇଛନ୍ତି । ଶ୍ରୀ ପ୍ରଧାନ କାଶୀପୁର ଥାନାରେ ରହି ସେଠାରେ ନିଜର କାର୍ଯ୍ୟଦକ୍ଷତା ପାଇଁ ଲୋକମାନଙ୍କର ଓ ଥାନା କର୍ମଚାରୀମାନଙ୍କର ପ୍ରିୟଭାଜନ ହୋଇପାରିଥିଲେ । ଶ୍ରୀ ପ୍ରଧାନ ନିଜ ଦକ୍ଷତା ବଳରେ ଚୋରି, ଡକାୟତି, ଜୁଆ, ମଦୁଆ ତଥା ମଦବେପାରୀଙ୍କୁ ଶାସନ କରିବାରେ ସକ୍ଷମ ହୋଇଥିଲେ । ମୁନୀଗୁଡ଼ା ଅଞ୍ଚଳବାସୀ ଶ୍ରୀ ପ୍ରଧାନଙ୍କ ଯୋଗଦାନରେ ବହୁତ ଖୁସି ହୋଇ ଆଶାକରୁଛନ୍ତି ଏହି ଥାନାର ସମସ୍ତ ପୋଲିସ କର୍ମଚାରୀଙ୍କୁ ତାଳ ମେଳ ରଖି ମୁନିଗୁଡ଼ାରେ ଦୈନନ୍ଦିନ ଘଟୁଥିବା ଚୋରୀ, ଜୁଆଖେଳ, ମଦୁଆଙ୍କ ଦୌରାତ୍ମ, ଚୋରାମଦ ବେପାରୀ, ଗଞ୍ଜେଇ ଚୋରାଚାଲାଣ, ଚୋରା କାଠ ଚାଲାଣ ଏବଂ ବଜାରରେ ଚାଲୁଥିବା ନକଲି ସାମଗ୍ରୀ ସହିତ ଗୁଟଖା ଆଦିକୁ ସମସ୍ତ କର୍ମଚାରୀଙ୍କୁ ନେଇ ଏ ସମସ୍ୟାର ସମାଧାନ କରିବା ନିମନ୍ତେ ନିଜର ପରାକାଷ୍ଠା ପ୍ରତିପାଦନ କରିବାକୁ ସାଧାରଣ ଜନତା ନୂତନ ଭାବେ ଯୋଗଦେଇଥିବା ଦକ୍ଷ ଆଇଆଇସିଙ୍କ ଉପରେ ଆଶା ପୋଷଣ କରିଛନ୍ତି ।

# ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ଭରସା : ଧାରଣାରୁ ନିବୃତ ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ କର୍ମଚାରୀ

ବାଲେଶ୍ୱର,୮।୧୦ (ନି.ପ୍ର): ପୂର୍ତ୍ତ ବିଭାଗର ଅବହେଳା ପାଇଁ ପେନସନରୁ ବଞ୍ଚିତ ହୋଇଥିବା ଅବସରପ୍ରାପ୍ତ କର୍ମଚାରୀମାନେ ଦୁଇଦିନ ଧରି ବସିଥିବା ଧରଣାରୁ ଆଜି ନିବୃତ ହୋଇଛନ୍ତି । ଆଜି ଅପରାହ୍ନରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଧାରଣାସ୍ଥଳକୁ ଆସି ସେମାନଙ୍କଠାରୁ ସମସ୍ତ ଆପତ୍ତି ଶୁଣିବା ସହ ପୂର୍ତ୍ତ ବିଭାଗର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଖୁବ ଶୀଘ୍ର ସେମାନଙ୍କ ସମସ୍ୟା ସମାଧାନ ହେବାର ପ୍ରତିଶ୍ରୁତି ପାଇବା ପରେ ବରିଷ୍ଠ ନାଗରିକମାନେ ଧାରଣାରୁ ନିବୃତ ହୋଇଛନ୍ତି । ବାଲେଶ୍ୱର ପୂର୍ତ୍ତ ବିଭାଗରେ ଦୀର୍ଘଦିନ ଧରି ଡିଏଲଆର ଓ ଓ୍ୱାର୍କଚାର୍ଜଡ ଭାବେ



କାର୍ଯ୍ୟକରି ଅବସର ନେଇଥିଲେ ଏହି କର୍ମଚାରୀମାନେ । ୧୯୮୩ମସିହାରୁ କେଓ୍ୱାଇସି, ଡିଏସସି ପ୍ରଭୃତିରେ ମାସିକ ଇପିଏଫ ରିଟର୍ଣ୍ଣ କମିଶନଙ୍କ ନିକଟରେ ପଇଠ ନହେବା କାରଣରୁ ଅବସରପ୍ରାପ୍ତ ୮୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବେ ପେନସନ ପାଇବାରୁ ବଞ୍ଚିତ ହୋଇଛନ୍ତି । ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ତ ପ୍ରକାର ରେକର୍ଡ଼ ଦାଖଲ ପାଇଁ କମିଶନଙ୍କଠାରୁ ଏକାଧିକ ଚିଠି ପୂର୍ତ୍ତ ବିଭାଗକୁ ଆସିଥିଲେ ମଧ୍ୟ ଭାରପ୍ରାପ୍ତ ଅଧିକାରୀଙ୍କ ଖାମଖିଆଲି କାର୍ଯ୍ୟ ଧାରା ଯୋଗୁଁ ଏହି ବରିଷ୍ଠ ନାଗରିକମାନେ ଲଏବେ ବାରଦ୍ୱାର ହୋଇଛନ୍ତି । ଶେଷରେ ଅନ୍ୟ ଉପାୟ ନପାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇଦିନ ଧରି ଧାରଣାରେ ବସିଥିଲେ । ସବୁଠାରୁ ବଡ଼କଥା ହେଲା ସରକାରୀ ଚାକିରୀରୁ ଅବସର ନେଇଥିବା କାରଣରୁ ସରକାରଙ୍କ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନା ଓ ଜନକଲ୍ୟାଣ ଯୋଜନାର ସୁଫଳରୁ ସେମାନଙ୍କୁ ବଞ୍ଚିତ କରାଯାଉଛି । ଏମିତିକି ବାର୍ଦ୍ଧକ୍ୟ ଭତ୍ତା ଓ ଆବାସ ଯୋଜନାରେ ବି ସେମାନଙ୍କୁ ତାଲିକାଭୁକ୍ତ କରାଯାଉ ନାହିଁ ।

## ଶ୍ରମ ବିଭାଗର ଅବହେଳାକୁ ନେଇ ଅସନ୍ତୋଷ : ନିର୍ମାଣ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ

ବାଲେଶ୍ୱର,୮।୧୦ (ନି.ପ୍ର): ବିଭିନ୍ନ ଦାବିନେଇ ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ପକ୍ଷରୁ ସମଗ୍ର ରାଜ୍ୟରେ ଆଜି ବିକ୍ଷୋଭ ପ୍ରଦର୍ଶିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ବାଲେଶ୍ୱର ଶାଖା ପକ୍ଷରୁ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ସଂଗଠନର ଜିଲ୍ଲା ସମ୍ପାଦକ ସଂଜୟ ସାମଲ, ପଦ୍ମଭୂଷଣ ରାୟ, ଶୁକଦେବ ସାହୁ, ହେମନ୍ତ ବାରିକ, ସୁକାନ୍ତି ସୂତାର, କରୁଣାକର ବେହେରା, ସୁଶାନ୍ତ ତରେଇ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ନିର୍ମାଣ ଶ୍ରମିକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଜିଲ୍ଲା ଶ୍ରମ ବିଭାଗ ତଥା ରାଜ୍ୟ ସରକାରଙ୍କ ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ। ବିଶେଷ କରି ଜିଲ୍ଲା ଶ୍ରମ ବିଭାଗର ଅବହେଳା ଯୋଗୁଁ ବର୍ଷ ବର୍ଷ ଧରି ପଡ଼ି ରହିଥିବା ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ଯଥା ସାଇକେଲ, ଯନ୍ତ୍ରପାତି ବାବଦୀୟ ଅର୍ଥ, କନ୍ୟା ବିବାହ, ମୃତ୍ୟୁକାଳୀନ ସହାୟତା, ପ୍ରସବ କାଳୀନ ସହାୟତା, ଚିକିତ୍ସା, ଶିକ୍ଷା, ଗୃହନିର୍ମାଣ ସହାୟତା ଆଦି ହିତାଧିକାରୀଙ୍କୁ ମିଳି ପାରୁ ନାହିଁ। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ଆବେଦନ କରିଥିବା ଶ୍ରମିକଙ୍କ ପଞ୍ଜୀକରଣ ଓ ଶ୍ରମିକ କାର୍ଡ଼ ନବୀକରଣ ନହେବା, ୬୦ ବର୍ଷରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ପେନସନ ବ୍ୟବସ୍ଥା ଏମିତିକି କରୋନା ପ୍ରଭାବରୁ ଜୀବିକା ହରାଉଥିବା ସମସ୍ତ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଦେଢ଼ ହଜାର ଲେଖାଁଏ ଟଙ୍କା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ଆସିଥିବା ଅର୍ଥରାଶି ବି ଅଦ୍ୟାବଧି ହିଧିକାରୀଙ୍କୁ ଦିଆନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରମିକନେତାମାନେ କହିଛନ୍ତି। ଏନେଇ ଜିଲ୍ଲା ଶ୍ରମ ବିଭାଗ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ନିର୍ମାଣ ମଜଦୁର ସଂଘ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ନିର୍ମାଣ ଶ୍ରମକ ସାମିଲ ହୋଇଥିଲେ।

## ଉପ-ନିର୍ବାଚନରେ ସ୍ୱଚ୍ଛତା- ନିରପେକ୍ଷ ପାଇଁ ପ୍ରଶାସନର ପ୍ରୟାସ



ବାଲେଶ୍ୱର,୮।୧୦ (ନି.ପ୍ର): କରୋନା ଭଳି ସ୍ଥିତିରେ ଚଳିତ ବାଲେଶ୍ୱର ସଦର ବିଧାନସଭା ଉପ-ନିର୍ବାଚନରେ ସ୍ୱଚ୍ଛତା ଓ ସତର୍କତାର ସହ ପରିଚାଳନା ସମ୍ପର୍କରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ୯ ତାରିଖରେ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ସହ ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ବେଳେ କେବଳ ଦଇଜଣ ସମର୍ଥକଙ୍କ ସହ ଜଣେ ପ୍ରାର୍ଥୀ ତାଙ୍କର ନାମାଙ୍କନ ଦାଖଲ ପାଇଁ ଆସି ପାରିବେ ବୋଲି ନିୟମ ଜାରି ହୋଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ ପ୍ରାର୍ଥ ଥରକେ ଦୁଇଟି ଗାଡ଼ି ବ୍ୟବହାର କରିବେ। କେବଳ ଫାଙ୍କା ସ୍ଥାନମାନଙ୍କରେ ସଭା କରିବେ। ସେଥିରେ ୧୦ହରୁ ଅଧିକ ଲୋକ ରହିବେ ନାହିଁ। ଡୋର କ୍ୟାମ୍ପେନିଂ ସମୟରେ ପ୍ରାର୍ଥୀଙ୍କ ସହ ମାତ୍ର ପାଞ୍ଚଜଣ ଯାଇ ପାରିବେ। ଏଥି ସହିତ ଚଳିତ ଉପ-ନିର୍ବାଚନରେ ନିର୍ଦ୍ଦିଷ୍ଟ କିଛି ବର୍ଗର ବ୍ୟକ୍ତି ବିଶେଷଙ୍କୁ ପୋଷ୍ଟାଲ ବାଲଟ୍ ସୁବିଧା ଯୋଗାଇ ଦିଆଯିବ। ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ କମିଶନ ମାର୍ଗଦର୍ଶିକା ଜାରି କରିଛନ୍ତି। ଏବେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ କରୋନା ଆକ୍ରାନ୍ତ ଭୋଟରଙ୍କୁ ଏଥିରେ ସାମିଲ କରାଯାଇଛି ବୋଲି ବାଲେଶ୍ୱର ଉପଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସୂଚନା ଦେଇଛନ୍ତି। ଉପରୋକ୍ତ ତିନି ଶ୍ରେଣୀର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ପାଇଁ ଫର୍ମ-୧୨ଘ(୧୨ଡ଼) ରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଆବେଦନ କରିବାକୁ ପଡିବ। ଏହି ଫର୍ମ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ)ମାନେ ବଂଟନ କରିବେ। ଏହି ତିନି ଶ୍ରେଣୀର ମତଦାତାମାନେ ଫର୍ମ ପୂରଣ କରି ବି.ଏଲ.ଓ.ମାନଙ୍କୁ ଫେରସ୍ତ କରିବେ। ଏହା ପରେ ସେମାନଙ୍କ ନାମରେ ପୋଷ୍ଟାଲ ବାଲଟ୍ ଜାରି କରାଯିବ। ଦ୍ୱିତୀୟରେ ପୋଷ୍ଟାଲ ବାଲଟ୍‌ଗୁଡିକୁ ଏହି ତିନି ଶ୍ରେଣୀର ମତଦାତାଙ୍କ ପାଖରେ ଜଣେ ବି.ଏଲ.ଓ. ବା ଅନ୍ୟାନ୍ୟ ଅଧିକାରୀଙ୍କ ଜରିଆରେ ସେମାନଙ୍କ ଘରେ ପହଂଚାଇବାର ବ୍ୟବସ୍ଥା କରାଯିବ, ଯେଉଁଥିରେ ସେମାନେ ମତଦାନ କରିବା ସହିତ ଲଫାପାରେ ସିଲ୍ କରି ସମ୍ପୃକ୍ତ ଅଧିକାରୀମାନଙ୍କ ମାଧ୍ୟମରେ ଫେରାଇ ପାରିବେ। ତାଙ୍କ ଘରକୁ ଅଧିକାରୀମାନେ ଯାଇ ଏହାକୁ ସଂଗ୍ରହ କରିବେ। ପୋଷ୍ଟାଲ ବାଲଟ୍ ଗ୍ରହଣ କରିବା ପାଇଁ ବି.ଏଲ.ଓ. କିମ୍ବା ଅନ୍ୟାନ୍ୟ ଅଧିକାରୀମାନେ ୨ଥର ମତଦାତାଙ୍କ ଘରକୁ ଯିବେ। ସେହି ୨ ଥର ମଧ୍ୟରେ ମତଦାତାମାନେ ତାଙ୍କର ପୋଷ୍ଟାଲ ବାଲଟ୍ ପୂରଣ କରି ଫେରସ୍ତ କରିବା କାର୍ଯ୍ୟ ଯେପରି ସମାପନ କରିବେ, ତାହାକୁ ସୁନିଶ୍ଚିତ କରିବେ। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ଜିଲ୍ଲାପାଳଙ୍କ ପକ୍ଷରୁ ମତଦାତାମାନଙ୍କୁ ଏହା ସୂଚୀତ କରାଯାଉଛି ଯେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ବାଧ୍ୟତାମୂଳକ ନୁହେଁ ବୋଲି ଉପ-ଜିଲ୍ଲାପାଳ କହିଛନ୍ତି। ପୁଲିଂ ସମୟରେ କରୋନା ପାଇଁ ଅଧିକ ସତର୍କତା ଅବଲମ୍ବନ କରାଯାଉଥିବା ନେଇ ପ୍ରଶାସନ ପକ୍ଷରୁ କୁହାଯାଇଛି। ନିରାପତ୍ତା ସାଙ୍ଗକୁ ସତର୍କତାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସବୁ ବର୍ଗର ଲୋକେ ଏହାକୁ ମାନିବା ସହିତ ଆବଶ୍ୟକ କ୍ଷେତ୍ରରେ ଅଭିଯୋଗ ପାଇଁ ୧୯୫୦ ନଂରେ ଫୋନ୍ କରିପାରିବେ। ଆସନ୍ତା ନଭେମ୍ବର ୩ ତାରିଖରେ ହେବାକୁ ଥିବା ନିର୍ବାଚନରେ ମୋଟ ୨ଲକ୍ଷ ୨୬ହଜାର ୫୮୨ ଭୋଟ ମତଦାନ କରିବେ। ଚଳିତ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ଓ କୋଭିଡରୁ ମୁକ୍ତ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଓ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ନୟକ, ଉପଜିଲ୍ଲାପାଳ ଶ୍ରୀ ପାଟିଲ ଓ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ମନୋଜ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଃଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୧,୯୪,୩୨୧ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୮।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୧,୯୪,୩୨୧ ନମୂନାର ପରୀକ୍ଷଣ କରା ଯାଇଛି। ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୮,୩୪,୬୫,୯୭୫ ନମୂନାର ପରୀକ୍ଷଣ କରା ଯାଇଥିବା ଆଇଏମସିଆର ପକ୍ଷରୁ ସୂଚନା ଦିଆ ଯାଇଛି।

## ଦିନକରେ ୭୨ପଜିଟିଭ୍ ଚିହ୍ନଟ: ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୮୩୫୦କୁ ବୃଦ୍ଧି

ବାଲେଶ୍ୱର,୮।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୮ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୫ହଜାର ଟପିଛି। ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୩୧୪୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୪୪ହଜାର ୧୪୨ରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଜି ୧୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୯୭୪ ଛୁଇଁଛି। ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୭୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୮୩୫୦ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୭୩୮୫ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୧୩ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଗତକାଲି ଭଳି ଆଜି ଆଜି ମଧ୍ୟ ବାଲେଶ୍ୱର ଜିଲ୍ଲାର ୪ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ଆକ୍ରାନ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାର ୬୮ବର୍ଷର ଜଣେ ମହିଳାଙ୍କ ସମେତ ୭୨ ବର୍ଷର ଦୁଇଜଣ ଓ ୫୦ ବର୍ଷର ଜଣେ ପୁରୁଷଙ୍କର କରୋନାରେ ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୪୭ରେ ପହଞ୍ଚିଛି। ତେବେ ବଢ଼ୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୮।୧୦ (ନି.ପ୍ର): ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି। ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ। ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତ୍ତନ କରିବା ପାଇଁ ମଧ ବୈଠକରେ ନିଷ୍ପତି ନିଆଯାଇଛି। ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ। ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି। ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ। ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ।

## ବାସଗୃହ ଯୋଗାଣ ଦାବିରେ ମୋରୋଡା ବ୍ଲକ ସମ୍ମୁଖରେ ଧାରଣା



ବାରିପଦା ,୮।୧୦ (ନି.ପ୍ର): ନ୍ତଆମକୁ ଘରଦିଅନ୍ତ ଦାବିରେ ପୂର୍ବରୁ ଦିଆଯାଇଥିବା ବିଜ୍ଞପ୍ତି ଅନୁସାରେ ମୟୂରଭ ଜିଲ୍ଲା ମୋରୋଡା ବ୍ଲକର ଭାଲିଆଡିହା ପଂଚାୟତର ୧୮୮ ଜଣ ମହିଳା ଓ ପୁରୁଷ ନିଜ ପରିବାର ସହିତ ମୋରୋଡା ବ୍ଲକ ସମ୍ମୁଖରେ ଧାରଣା ଦେଇଥିବାର ଦେଖାଯାଇଛି। ଓଡିଶା ସୂଚନା ଅଧୀକାର ଅଭିଯାନ ମୟୂରଭ ଶାଖା ମୋରୋଡା ବ୍ଲକର ଆବାହକ ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ଆବାହକ ସନ୍ତୋଷ ମହାନ୍ତି, ଜିଲ୍ଲା ସହ ଆବାହକ ରାକେଶ ସିଂ, ଦୟାନିଧି ମହାନ୍ତ, ରାଜେନ ଦେହୁରୀ, ପ୍ରତାପ ମହାନ୍ତ, କାହ୍ନୁ ମୁର୍ମୁ, ରାମ ପୁଣ୍ଡିଆ ମୁର୍ମୁ, ବିଜୟ କୁମାର ବେହେରା, ନନ୍ଦ କିଶୋର ବିନ୍ଧାଣୀ, କେଶବ ଚନ୍ଦ୍ର ବେହେରା, ସଂଜୟ ମହାନ୍ତ, ରାଜେନ୍ଦ୍ର ବିନ୍ଧାଣୀ, ଲୁକ୍ସି ମୁର୍ମୁ ପ୍ରମୁଖ ବ୍ଲକ ସମ୍ମୁଖରେ ଦାରନା ଦେବା ପରେ ମୋରୋଡା ଗୋଷ୍ଠୀ ଉନ୍ନୟନ ଅଧୀକାରୀ ଶ୍ରୀଯୁକ୍ତ ପ୍ରୀୟବ୍ରତ ପାଢୀ ଧାରଣାକାରୀଙ୍କ ନିକଟକୁ ଆସି ଆଲୋଚନା କରିଥିଲେ। ଲୋକମାନେ ଘର ନପାଇ ହଇରାଣ ହେଉଥିବା ,କେତେକ ପଲିଥିନ ତଳେ ବା ପାଇଖାନା ଘରେ ରହୁଥିବା, କାହାର ଘର ନଥାଇ ତାକୁ ପାଇଖାନା ଦେବା, ତାଲିକାରେ ଥାଇ ମଧ୍ୟ ଘର ନପାଇବା ପ୍ରଭୃତି ଚଂଚକତା ସମ୍ବନ୍ଧରେ ଅଭିଯୋଗ କରାଯାଇଥିଲା। ଗୋଷ୍ଠି ଉନ୍ନୟନ ଅଧୀକାରୀ ସୂଚନା ଅଧୀକାର କର୍ମୀଙ୍କ ସହିତ ଆଲୋଚନା ପୂର୍ବକ ସମସ୍ତ ଧାରଣାକାରୀଙ୍କ ନାମ ତାଙ୍କ ନିକଟରେ ଦାଖଲ କରିବାକୁ କହିବାରୁ ୧୮୮ ଜଣ ବାସଗୃହ ଆଶାୟୀଙ୍କ ତାଲିକା ଗୋଷ୍ଠି ଉନ୍ନୟନ ଅଧୀକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଧାରଣାରେ ଭାଲିଆଡିହା ପଂଚାୟତର ଇଦର ଗ୍ରାମରୁ ୩୮ଜଣ, ଡାକୋଇ ଅମଳନାମାରୁ ୧୪ଜଣ, ମାଝିଆଣିରୁ ୮ଜଣ, ଖେଜୁରିଆରୁ ୨୯ଜଣ, ନିଚୁଆପଦାରୁ ୩୩, ତାଡକିରୁ ୩ଜଣ, ଭାଲିଆଡିହାରୁ ୬ଜଣ, ମଶିଣାଶୋଳରୁ ୭ଜଣ , ସୁନାହୁଦାରୁ ୧୨ଜଣ, ପଚାଖାଳିରୁ ୬ଜଣ, କେନ୍ଦୁ ଛାଟିଆ ରୁ ୩୨ ଜଣ ଧାରଣାରେ ଯୋଗ ଦେଇଥିଲେ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୫,୯୦୯ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୮।୧୦ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୯ ହଜାର ୯୦୯ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୪୧,୭୨୯ ଆରଟିପିସିଆରରେ ୮୦୫୧ ଓ ଟ୍ରୁନଟ୍‌ରେ ୧୨୯ ଟି କରୋନା ନମୁନା ପରୀକ୍ଷା କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୬୧୯୫୦୯ନମୁନାର ପରୀକ୍ଷା କରା ଯାଇଛି।

### କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ର

## ରାଜ୍ୟର ଓମଫେଡ୍ ଦୁଗ୍ଧ ଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡ଼ରେ ୩ ଲକ୍ଷ ଋଣ ଦେବା ପାଇଁ ଅନୁରୋଧ



ନୂଆଦିଲ୍ଲୀ/ଭୁବନେଶ୍ୱର,୮।୧୦ (ନି.ପ୍ର): ଓଡିଶାର ଓମଫେଡ୍ ଦୁଗ୍ଧ ଚାଷୀଙ୍କ ପାଇଁ କିଷାନ କ୍ରେଡିଟ୍ କାର୍ଡ(କେସିସି) ମାଧ୍ୟମରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ମାମଲାରେ ବ୍ୟକ୍ତିଗତ ହସ୍ତକ୍ଷେପ କରି ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ପତ୍ରରେ ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକ ଖଣ୍ଡାସାହି ଗ୍ରାମର ଦୁଗ୍ଧ ଚାଷୀ ଧ୍ରୁବ ଚରଣ ପରିଡାଙ୍କ ଏକ ଅଭିଯୋଗ ପତ୍ରକୁ ସଲଗ୍ନ କରି ଉଲ୍ଲେଖ କରିଛନ୍ତି ଯେ ବ୍ୟାଙ୍କ୍ ମାଧ୍ୟମରେ ଓମଫେଡ୍ ଦୁଗ୍ଧ ଚାଷୀ ମାନଙ୍କୁ କିଷାନ କ୍ରେଡିଟ୍ କାର୍ଡରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଥିବା ବ୍ୟବସ୍ଥା ଥିଲେ ମଧ୍ୟ କୌଣସି ବ୍ୟାଙ୍କ୍ ଋଣ ଦେବାକୁ ଇଚ୍ଛା ପ୍ରକାଶ କରୁନଥିବା ଅଭିଯୋଗ ହେଉଛି। ତେଣୁ ଏହି ମାମଲାରେ ବ୍ୟକ୍ତିଗତ ସ୍ତରରେ ହସ୍ତକ୍ଷେପ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଉଲ୍ଲେଖନୀୟ ଯେ, ଧ୍ରୁବଚରଣ ପରିଡା ନାମ୍ନୀ ଜଣକ ଦୁଗ୍ଧ ଚାଷୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଲେଖିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପତ୍ର ନମ୍ବର(ଏମ୦୧୦୦୭୧୫୧୨୦୨୦), ତା-୨୭.୦୭.୨୦୨୦ରେ ବ୍ୟାଙ୍କ ଜରିଆରେ ଓମଫେଡ୍ ଦୁଗ୍ଧ ଚାଷୀଙ୍କୁ ୩ ଲକ୍ଷ ଟଙ୍କାର କିଷାନ କ୍ରେଡିଟ୍ କାର୍ଡ୍ ଦେବାକୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ବ୍ୟାଙ୍କ୍ ମାନେ ଋଣ ଦେବା ପାଇଁ ଇଚ୍ଛାପ୍ରକାଶ କରୁନାହାନ୍ତି। ଯେଉଁ କାରଣରୁ ଓମଫେଡ୍ ଚାଷୀମାନେ କୋଭିଡ୍-୧୯ ସମୟରେ ହଇରାଣ ହେଉଛନ୍ତି। ଏହା ଋଣ ବ୍ୟବସ୍ଥା ହୋଇପାରିଲେ ଜଗତସିଂହପୁରର ଅନେକ ଓମଫେଡ୍ ଦୁଗ୍ଧ ଚାଷୀ ଉପକୃତ ହୋଇପାରିବେ ବୋଲି ଧ୍ରୁବଚରଣ ପରିଡା ଅଭିଯୋଗ ପତ୍ରରେ ସେ ଉଲ୍ଲେଖ କରିଛନ୍ତି।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୮୬ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର, ୦୮ ଅକ୍ଟୋବର – କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୬୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି। ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୭୨୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୪୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ମା' ମଝିଘରିଆଣୀଙ୍କ ହୁଣ୍ଡିରୁ ମିଳିଲା ୬୪ ଲକ୍ଷ



ରାୟଗଡା ,୮।୧୦ (ନି.ପ୍ର): ରାୟଗଡା ଜିଲା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣିଙ୍କ ମନ୍ଦିରର ହୁଣ୍ଡି ବୁଧବାର ଖୋଲାଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଦ୍ୱାରା ଗଣତିପରେ ଶ୍ରଦ୍ଧାଳୁଙ୍କ ଅନୁଦାନ ସ୍ୱରୁପ ହୁଣ୍ଡିରୁ ୬୩ ଲକ୍ଷ ୯୭ ହଜାର ୫୫୦ ଟଙ୍କା ସହ ସୁନା ଓ ରୁପା ସହ ଆମେରିକାନ ଡଲାର ମଧ ମିଳିଛି। କୋଭିଡ ନିୟମକୁ ପାଳନ କରି ମାଁଙ୍କ ହୁଣ୍ଡି ଖୋଲାଯାଇଥିଲା। ଅତିରିକ୍ତ ମାଜିଷ୍ଟ୍ରେଟ ସୁନିଲ ଖରା ଏବଂ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ରାଇସିଂ ବିଡିକା ଏବଂ ସଭ୍ୟଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ସକାଳ ୮ ଟାରୁ ରାତ୍ର ୮ଟା ଯାଏଁ ଭକ୍ତ ଦେଇଥିବା ଦାନ ଅର୍ଥକୁ ଗଣତି କରାଯାଇଥିଲା। ଟଙ୍କା ଗଣତି ନିମର୍ତେ ୨ଟି ଦଳ ଗଠନ କରାଯାଇଥିଲା। ଗଣତି ନିମର୍ତେ ଜେକେପୁର ବାଲାଜୀ ମନ୍ଦିର ପରିଚାଳନା କମିଟି, ରାୟଗଡା ସତ୍ୟସାଇ ସେବା ଟ୍ରଷ୍ଟ, ରାୟଗଡା ଭେଙ୍କଟେଶ୍ୱର ମନ୍ଦିରର କର୍ମକର୍ତାଙ୍କ ସହ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର କର୍ମକର୍ତା ନିୟୋଜିତ ହୋଇଥିଲା। ହୁଣ୍ଡିରୁ ୬୩ ଲକ୍ଷ ୯୭ ହଜାର ୫୫୦ ଟଙ୍କା ନଗଦ ସହ ୨୪ ଗ୍ରାମ ସୁନା ଏବଂ ୩ କିଲୋ ୪୦୦ ଗ୍ରାମ ରୂପା ବାହାରିଛି। ଏଥି ସହ ୨୪ଟି ପୁରୁଣା ୫ଶହ ଟଙ୍କା ନୋଟ ଏବଂ ୧୦ଟି ୧ ହଜାର ଟଙ୍କା ନୋଟ ସହ ବିଦେଶୀ ମୁଦ୍ରା ମଧ୍ୟ ହୁଣ୍ଡିରୁ ବାହାରିଥିଲା। ହୁଣ୍ଡିରୁ ବାହାରିଥିବା ନଗଦ ଟଙ୍କାକୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଗଚ୍ଛିତ ରଖାଯାଇଥିବା ବେଳେ ସୁନା ଏବଂ ରୁପାକୁ ଜିଲ୍ଲା କୋଷାଗାରରେ ରଖାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo